RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

JEYPORE

◆VOLUME- 43 ◆ISSUE-15 ◆WEDNESDAY ◆9 JULY 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୫ ◆ବୁଧବାର ◆୯ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ରତ୍ନବେଦୀକୁ ବିଜେ କରୁଛନ୍ତି ମହାପ୍ରଭୁ ବଳଭଦ୍ର

## ସରିଲା ଶ୍ରୀଜୀଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା

# ରତ୍ନବେଦୀରେ ତିନିଠାକୁର

### ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କଲେ ଶ୍ରୀଜଗନ୍ନାଥ

### ଆଜିଠୁ ମିଳିବ ନୀଳାଚଳ ଅବଢ଼ା

■ ପୁରୀ, ୮।୭ (ସମିସ): ଶେଷ ହୋଇଛି ଚଳିତବର୍ଷର ଶ୍ରୀଗୁଣ୍ଡିଚା ଯାତ୍ରା। ନୀଳକନ୍ଦରକୁ ବିଜେ କରିଛନ୍ତି ନୀଳାଦ୍ରିନାଥ। ଦେବସ୍ନାନ ପୂର୍ଣ୍ଣିମାଠାରୁ ଅର୍ଥାତ୍ ୨୭ଦିନ ଧରି ଶୂନ୍ୟ ପଡ଼ିଥିବା ରତ୍ନସିଂହାସନ ପୁଣି ପୂରିଉଠିଛି। ବିଜେ କରିଛନ୍ତି ବିଶ୍ୱନିୟନ୍ତା। ଏଥିସହ ଚଳିତବର୍ଷର ରଥଯାତ୍ରା ପରିସମାପ୍ତି ଘଟିଛି। ଅଭିମାନିନୀ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିବା ପରେ ରତ୍ନବେଦୀକୁ ବିଜେ କରିଛନ୍ତି କାଳିଆ ସାଆନ୍ତ। ବୁଧବାରଠାରୁ ବଡ଼ଦେଉଳରେ ପୁଣି ଆରମ୍ଭ ହେବ ଦାରୁଦିଅଁଙ୍କ ଲୀଳାଖେଳା। ଚଳଚଞ୍ଚଳ ହେବ ରୋଷଶାଳା, ବାହାରିବ ନୀଳାଚଳ ଅବଢ଼ା। ଭକ୍ତ ପାଇବେ ମହାପ୍ରସାଦ, ଆଉ ଶ୍ରୀମନ୍ଦିରରେ ଲାଗିବ ଗହଳ ଚହଳ।

ମଙ୍ଗଳବାର ନୀଳାଦ୍ରିବିଜେ ପାଇଁ ସକାଳ ୭ଟା ୧୦ ସୁଦ୍ଧା ତିନିରଥରେ ମଙ୍ଗଳ ଆଳତି ହୋଇଥିଲା। ଅପରାହ୍ଣ ୨ଟା ୩୦ରୁ ୨ଟା ୪୦ରେ ସନ୍ଧ୍ୟା ଆଳତି ଏବଂ ଅପରାହ୍ଣ ୨ଟା ୫୫ରୁ ୩ଟା ୩୦ ମଧ୍ୟରେ ତିନିରଥରେ ସନ୍ଧ୍ୟା ଧୂପ ନୀତି ବଢ଼ିଥିଲା। ପରେ କୋଠ ସୁଆଁସିଆମାନେ ଠାକୁରଙ୍କ ବିଜେ ପାଇଁ ରତ୍ନସିଂହାସନରେ ଚାର ବାନ୍ଧିଥିଲେ। ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଶ୍ରୀମନ୍ଦିରରେ ପହଞ୍ଚି ରତ୍ନସିଂହାସନ ମାଜଣା କରିଥିଲେ। ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧା ଯାଇଥିଲା। ଏତଦ୍‌ବ୍ୟତୀତ ନୀଳଚକ୍ରରେ ମଠ ପ୍ରଦତ୍ତ ପତିତପାବନ ବାନା ଚୁନରା ସେବକ ବାନ୍ଧିଥିଲେ। ସନ୍ଧ୍ୟା ୭ଟା ୨୦ରେ ▶ପୃଷ୍ଠା-୭

# ଏଥର ଡିଜିଟାଲ୍ ଜନଗଣନା

■ ନାଗରିକଙ୍କ ପାଇଁ ଖୋଲିବ ସ୍ୱତନ୍ତ୍ର ପୋର୍ଟାଲ

■ ମୋବାଇଲ ଆପ୍ ଜରିଆରେ ତଥ୍ୟ ସଂଗ୍ରହ

■ ଇଂରାଜୀ, ହିନ୍ଦୀ, ୧୬ଟି ଆଞ୍ଚଳିକ ଭାଷାରେ ତଥ୍ୟ

■ ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ଆସନ୍ତା ୨୦୨୭ରେ ହେବାକୁ ଯାଉଥିବା ଜାତୀୟ ଜନଗଣନା ଅନ୍‌ଲାଇନ୍‌ରେ ହେବ। ଭାରତରେ ପ୍ରଥମ ଥର ଲାଗି ହେଉଥିବା ଏହି ଡିଜିଟାଲ ଜନଗଣନା ଲାଗି ସ୍ୱତନ୍ତ୍ର ୱେବପୋର୍ଟାଲ ଖୋଲାଯିବ। ଭାରତୀୟ ନାଗରିକ ନିଜ ମୋବାଇଲରେ ଆପ୍ ଡାଉନଲୋଡ୍ କରି ନିଜର ତଥ୍ୟ ଦେଇପାରିବେ। ଫଳରେ ଜନଗଣନା ତଥ୍ୟ କମ୍ ସମୟ ମଧ୍ୟରେ ଉପଲବ୍ଧ ହୋଇପାରିବ।

ଭାରତର ରେଜିଷ୍ଟ୍ରାର ଜେନେରାଲ ଏଣ୍ଡ ସେନ୍‌ସସ୍ କମିସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। କୁହାଯାଇଛି ଯେ ଦୁଇଟି ପର୍ଯ୍ୟାୟରେ ଡିଜିଟାଲ ସେନସସ୍ ହେବ ଏବଂ ତଥ୍ୟ ସଂଗ୍ରହ ପାଇଁ ପ୍ରଥମ ଥର ଲାଗି ଏଭଳି ଟେକ୍ନୋଲୋଜିର ବ୍ୟବହାର କରାଯିବ। ଭରତୀୟ ନାଗରିକମାନେ ନିଜର ତଥ୍ୟ ଦାଖଲ କରିବା କ୍ଷଣି ଏହା ସେଂଟ୍ରାଲ ସର୍ଭରକୁ ଚାଲିଯିବ। ଜନଗଣନା ପ୍ରକ୍ରିୟା ସମାପ୍ତ ହେବାର ଗୋଟିଏ ବର୍ଷ ଭିତରେ ଚୂଡାନ୍ତ ତଥ୍ୟ ଉପଲବ୍ଧ ହୋଇଯିବ। ପୂର୍ବ ଜନଗଣନାମାନଙ୍କରେ ଚୂଡାନ୍ତ ତଥ୍ୟ ପାଇବା ଲାଗି ଦୁଇରୁ ତିନି ବର୍ଷ ଲାଗି ଯାଉଥିଲା। ଏଥର କିନ୍ତୁ ଆଉ ବେଶି ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ।

ଭାରତର ରେଜିଷ୍ଟ୍ରାଲ ଜେନେରାଲଙ୍କ ପକ୍ଷରୁ କୁହାଯାଇଛି ଯେ ୨୦୨୭ ଜନଗଣନା ପାଇଁ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ପାଇଁ ଅନ୍ୟତମ ବିକଳ୍ପ ରହିବ। ନାଗରିକମାନେ ଚାହିଁଲେ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ ଜରିଆରେ ନିଜ ଆଡୁ ତଥ୍ୟ ଦାଖଲ କରିପାରିବେ। ଏଥିପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ନୋଡାଲ ଅଫିସର ନିଯୁକ୍ତ କରିବା ଲାଗି ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭାରତୀୟ ନାଗରିକ ନିଜ ମୋବାଇଲ ଆପ୍ ବ୍ୟବହାର କରି ଇଂରାଜୀ, ହିନ୍ଦି କିମ୍ବା ଆଞ୍ଚଳିକ ଭାଷାରେ ତଥ୍ୟ ଦେଇପାରିବେ। ଏଥିପାଇଁ ୧୬ଟି ଆଞ୍ଚଳିକ ଭାଷା ଚୟନ କରାଯାଇଛି। ଜନଗଣନା ତଥ୍ୟ ସଂଗ୍ରହ ପରେ ତଥ୍ୟର ଯାଞ୍ଚ, ପ୍ରକ୍ରିୟାକରଣ ଓ ବିଶ୍ଳେଷଣ କରାଯିବ। ୧୦ ମାସ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ମିଳିଯିବ ବୋଲି ଆଶା କରାଯାଉଛି। ଏହି ତଥ୍ୟକୁ ▶ପୃଷ୍ଠା-୭

## ୭ ଦଫା ଦାବିରେ ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼

# ସାରା ରାଜ୍ୟରେ ଚକା ବନ୍ଦ



ଆଲୋଚନା ବିଫଳ; ଜାରି ରହିବ ଆନ୍ଦୋଳନ: ସଂଘ

■ ଭୁବନେଶ୍ୱର, ୮।୭ (ସମିସ): ସାରା ରାଜ୍ୟରେ ଡ୍ରାଇଭରମାନଙ୍କ ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ ଯୋଗୁଁ ପ୍ରଭାବିତ ହୋଇଛି ପରିବହନ ସେବା। ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ଓ ସରକାରୀ ବସ୍ ସେବାକୁ ଛାଡ଼ି ରାଜ୍ୟରେ ପ୍ରାୟ ସମସ୍ତ ଘରୋଇ ଗାଡ଼ି ଚଳାଚଳ ବନ୍ଦ ରହିଛି। ୭ ଦଫା ଦାବି ପୂରଣ ଉଦ୍ଦେଶ୍ୟରେ ମହାସଂଘ ପକ୍ଷରୁ ଦିଆଯାଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସଂଘ ଓ ସରକାରଙ୍କ ମଧ୍ୟରେ ହୋଇଥିବା ▶ପୃଷ୍ଠା-୭

## ଡାଏଲିସିସ୍ ପାଇଁ ଭୁବନେଶ୍ୱର ଯାଇପାରିଲେନି

# ଚାଲିଗଲା ଜୀବନ

**ପରିବାର ପୁରୁଷଶୂନ୍ୟ**

■ କୁଣ୍ଢେଇ, ୮।୭ (ସମିସ): ଡ୍ରାଇଭର୍ ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ଠିକ୍ ସମୟରେ ଚିକିତ୍ସା ସେବା ନ ପାଇ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ, କାକଟପୁର ବ୍ଲକ୍ ବାଜପୁର କୃଷ୍ଣନଗରପାଟଣା ଗ୍ରାମର ରାଜକିଶୋର ବେହେରା। ରାଜକିଶୋର ବିବାହ, ବ୍ରତ ଓ ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟରେ ରୋଷେଇ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ତେବେ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବାରୁ ରୋଜଗାର ହରାଇ ବସିଲେ। ▶ପୃଷ୍ଠା-୭

# ଗଛ ଉପରେ ୨୬ଘଣ୍ଟା

## ବନ୍ୟାରେ ଭାସିଗଲେ ବୃଦ୍ଧା





■ ସମ୍ବଲପୁର, ୮।୭(ସମିସ): ବନ୍ୟାରେ ଭାସିଯାଉଥିବା ୬୨ବର୍ଷୀୟ ଜଣେ ବୃଦ୍ଧା ଏକ ଗଛରେ ୨୬ଘଣ୍ଟା ବିତାଇବା ଭଳି ଏକ ଘଟଣା ସମ୍ବଲପୁର ଜିଲ୍ଲାରେ ଆଜି ଚର୍ଚ୍ଚାର ବିଷୟ ହୋଇଛି। ବୃଦ୍ଧାଜଣଙ୍କ ହେଲେ, ରେଙ୍ଗାଲି ବ୍ଲକ୍ ଅନ୍ତର୍ଗତ ମାଝିପାଲି ଚମାରପଡ଼ାରର ଅହଲ୍ୟା ସିଂ। ଆଜି ତାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଇଛି।

ସୂଚନାନୁସାରେ, ଅହଲ୍ୟା ସୋମବାର ଦିନ ୧୧ଟା ବେଳେ ହରଡ ଯୋର (ନାଳ) କୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ପ୍ରଖର ସ୍ରୋତରେ ବନ୍ୟାପାଣି ମାଡ଼ି ଆସିବାରୁ ସେ ଭାସିଯାଇଥିଲେ। ତେବେ ଜୀବନ ବିକଳରେ ସେ ଏକ ଗଛମୂଳକୁ ଧରିବା ସହ ସାହସ କରି ଗଛ ଉପରକୁ ଚଢ଼ି ଯାଇଥିଲେ। ଗତକାଲିଠାରୁ ଆଜି ପର୍ଯ୍ୟନ୍ତ ପାଖାପାଖି ୨୬ଘଣ୍ଟା ଧରି ସେ ଗଛ ଉପରେ ସେମିତି ଆଶ୍ରୟ ନେଇଥିଲେ। ଅପରପକ୍ଷେ, ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ତାଙ୍କ ନାତି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କିନ୍ତୁ ନ ପାଇବାରୁ ଆଜି ରେଙ୍ଗାଲି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ସହ ନାତି ବୋଟ୍‌ରେ ଯୋରର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ସେହି ସମୟରେ ଅହଲ୍ୟା ଗଛ ଉପରେ ବସିଥିବା ଦେଖି ତାଙ୍କୁ ଉଦ୍ଧାର କରାଯାଇଥିଲା। ବୃଦ୍ଧାଜଣଙ୍କ ସୁସ୍ଥ ଥିବା ଜଣାପଡ଼ିଛି। ଅପରପକ୍ଷେ, ଆଈଙ୍କୁ ପାଇ ବେଶ୍ ଖୁସିଥିବା ତାଙ୍କ ନାତି କହିଛନ୍ତି।

## ସ୍ଥାଣୁ ପାଲଟିଛି ଚିହ୍ନଟ ପ୍ରକ୍ରିୟା

# ମିଳିଛି ପଟ୍ଟା, ମିଳିନି ଜମି

### ଡିମାର୍କେସନ୍ ବିଭାଗରେ ନାହାନ୍ତି ଅମିନ

### ଏବେ ଆବେଦନ, ୩ ବର୍ଷ ପରେ ପାଳି

■ ଭୁବନେଶ୍ୱର, ୮।୭ (ସମିସ): ପଟ୍ଟା ଅଛି; ହେଲେ ଜମି ମିଳୁନି। ଜମି ଚିହ୍ନଟ କରିବାକୁ ରାଜସ୍ୱ ବିଭାଗ ପାଖରେ କର୍ମଚାରୀ ନାହାନ୍ତି। ବର୍ଷବର୍ଷ ବିତିଯିବା ପରେ ମଧ୍ୟ ଜମି ଚିହ୍ନଟ ହୋଇ ପାରୁନାହିଁ। ଆର୍‌ଆଇ କାର୍ଯ୍ୟାଳୟଠାରୁ ତହସିଲ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ଲୋକ ହତାଶ ହେଲେଣି। ତଥାପି ଜମି ଚିହ୍ନଟ ହୋଇ ପାରୁନାହିଁ। ତାରିଖ ପରେ ତାରିଖ ଗଡୁଛି, ତଥାପି ଜମି ଚିହ୍ନଟ ହୋଇ ପାରୁନାହିଁ। ଏବେ ଜମି ଚିହ୍ନଟ ଆବେଦନ କଲେ ୩ ବର୍ଷ ପରେ ପାଳି ପଡ଼ିବ ବୋଲି କୁହାଯାଉଛି। ରାଜସ୍ୱ ବିଭାଗରେ ଏ ପ୍ରକାର ଅବ୍ୟବସ୍ଥା ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି।ରାଜଧାନୀରେ ଜମି କିଣାବିକା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଯେତିକି ଜମି କିଣାବିକା ହେଉଛି, ଠକେଇ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି। ଭୁବନେଶ୍ୱର ଅଞ୍ଚଳରେ ଥିବା ଥାନା ଗୁଡ଼ିକରେ ପ୍ରତିଦିନ ଜମି ଠକେଇ ନେଇ ଅଭିଯୋଗ ହେଉଛି। ଏମିତିକି ଜମିର ସୀମା ଚିହ୍ନଟ ପାଇଁ ଅପରାଧ ବି ବଢ଼ିବାରେ ଲାଗିଛି। ହେଲେ ସରକାରୀ ଭାବେ ଥିବା ସୀମା ଚିହ୍ନଟ ପ୍ରକ୍ରିୟା ଏକଦମ୍ ସ୍ଥାଣୁ ▶ପୃଷ୍ଠା-୭

# ମନମୋହନଙ୍କ ମଥାରେ ସଭାପତି ଶିରିପା

### ସରକାରଙ୍କ ସହ ଦଳ ଖୁଣ୍ଟ ହୋଇ ଠିଆହେବ: ମନମୋହନ

### ମନମୋହନଙ୍କ ନେତୃତ୍ୱ ଯୋଗୁଁ ରାଜ୍ୟରେ ସରକାର: ମୋହନ



■ ଭୁବନେଶ୍ୱର, ୮।୭ (ସମିସ): ଦୀର୍ଘଦିନର କଳ୍ପନାଜଳ୍ପନାର ଅବସାନ ହୋଇଛି। ରାଜ୍ୟ ବିଜେପି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଦଳର ବରିଷ୍ଠ ନେତା ମନମୋହନ ସାମଲ। ମଙ୍ଗଳବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ ବିଧିବଦ୍ଧ ଭାବରେ ଶ୍ରୀ ସାମଲଙ୍କ ନାମ ଘୋଷଣା କରିଛନ୍ତି। ଏହାକୁ ମିଶାଇ ଶ୍ରୀ ସାମଲ ଚତୁର୍ଥ ଥର ପାଇଁ ରାଜ୍ୟ ବିଜେପି ସଭାପତି ପଦ ଅଳଙ୍କୃତ କରିଛନ୍ତି। ଏହି ଅବସରରେ ନବ ନିର୍ବାଚିତ ୩୨ ଜଣ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନାମ ମଧ୍ୟ ଏହି ଅବସରରେ ଘୋଷଣା କରାଯାଇଛି। ▶ପୃଷ୍ଠା-୭

# ଆଗରେ ଆହ୍ୱାନ ଅନେକ


■ ଭୁବନେଶ୍ୱର, ୮।୭ (ସମିସ): ମାତ୍ର ବର୍ଷକ ମଧ୍ୟରେ ଏକାଧିକ କାରଣରୁ ସରକାରଙ୍କୁ ବେଶ୍ ଅପଦସ୍ତ ହେବାକୁ ପଡ଼ିଛି। ସାଂଗଠନିକସ୍ତରରେ ମଧ୍ୟ ନେତାଙ୍କ ବିଶୃଙ୍ଖଳିତ ଆଚରଣ ନେତୃତ୍ୱଙ୍କୁ ଅକଳରେ ପକାଇଛି। ଉଭୟ ସରକାର ଏବଂ ସଂଗଠନରେ ସମନ୍ୱୟ ଅଭାବ ଜଳଜଳ। ଏହି ସମୟରେ ପୁଣିଥରେ ମନମୋହନଙ୍କ ହାତରେ ରାଜ୍ୟ ନେତୃତ୍ୱ ଭାର ଅର୍ପଣ କରିଛନ୍ତି ଶୀର୍ଷ ନେତୃତ୍ୱ। ରାଜ୍ୟ ସଭାପତି ପଦକୁ ନେଇ ବେଶ୍ କିଛି ମାସର ଛକାପଞ୍ଝା ପରେ ଶେଷରେ ମନମୋହନଙ୍କୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ସଭାପତି ଦାୟିତ୍ୱ ମିଳିଛି। ▶ପୃଷ୍ଠା-୭

**ସୀମା ଡେଇଁଲାଣି ଦଳୀୟ ନେତାଙ୍କ ମନମାନି, ବିଶୃଙ୍ଖଳା, ଗୋଷ୍ଠୀବାଦ**

**ନିଗମ, ବୋର୍ଡ ନିଯୁକ୍ତି ନିଷ୍ପତ୍ତି ବଡ଼ ଚାଲେଞ୍ଜ**

**ଆଗକୁ ଛାତ୍ରସଂସଦ ଓ ପଞ୍ଚାୟତ ଉପନିର୍ବାଚନ**


୧୧ ଜୁଲାଇ 'ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ'
ମହାସମାବେଶ



୧୧ ତାରିଖ ୧୧ଟାରେ ଭୁବନେଶ୍ୱର ଚାଲ
ବହୁ ସଂଖ୍ୟାରେ ଯୋଗ ଦେବାକୁ ଆହ୍ୱାନ
ଆମର ନେତା, ତୁମର ନେତା ରାହୁଲ ଗାନ୍ଧୀ ଦେଶର ନେତା



**କଂଗ୍ରେସ** ଅହିଂସା ଆନ୍ଦୋଳନ କରି ଦେଶକୁ ସ୍ୱାଧୀନତା ଦେଇଥିଲା। ଅଥଚ ଏବେ ମୋଦୀଙ୍କ ଶାସନରେ ଗୋଟିଏ ପରେ ଗୋଟିଏ ସାମ୍ବିଧାନିକ ଅନୁଷ୍ଠାନକୁ ଦୁର୍ବଳ କରାଯାଉଛି। କଂଗ୍ରେସ ସଦାସର୍ବଦା ଜାତୀୟ ସଂହତି, ଧର୍ମନିରପକ୍ଷତା ଓ ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ଲଢ଼େଇ କରିଆସିଛି। **ଶ୍ରୀ ରାହୁଲ ଗାନ୍ଧୀ କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟନ୍ତ ଭାରତ ଯୋଡ଼ୋ ପଦଯାତ୍ରା** କରି ଯେଉଁ **'ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ'** ଆହ୍ୱାନ ଦେଇଛନ୍ତି, ସେଥିରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲକ୍ଷଲକ୍ଷ ଲୋକ ଯୋଗଦେଇ ସେମାନଙ୍କର ସମର୍ଥନ ଜଣାଇଛନ୍ତି।

ପରିତାପର କଥା, **ମୋଦୀ ସରକାର ସାମାଜିକ ନ୍ୟାୟର ବିପରୀତ କାର୍ଯ୍ୟ କରୁଛି।** ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କ ପାଇଁ ସମ୍ବିଧାନରେ ଦିଆଯାଇଥିବା ସଂରକ୍ଷଣ ସୁବିଧାକୁ ସୁଦ୍ଧା ହଟେଇ ଦେବା ପାଇଁ ବଡ଼ ଚକ୍ରାନ୍ତ ଚାଲିଛି। ଜାତି ଜନଗଣନା ପାଇଁ କଂଗ୍ରେସ ଯେଉଁ ଆହ୍ୱାନ ଦେଇଥିଲା, ଅନିଚ୍ଛା ସତ୍ତ୍ୱେ କେନ୍ଦ୍ର ବାଧ ହୋଇ ତାକୁ ଗ୍ରହଣ କରିଛି। ନେହେରୁଙ୍କ ପ୍ରଧାନମନ୍ତ୍ରୀତ୍ୱରେ, ସମ୍ବିଧାନ ପ୍ରଣେତା ଡ. ବିଆର୍ ଆମ୍ବେଦକରଙ୍କ ପ୍ରଚେଷ୍ଟାରେ ବିଶ୍ୱର ଏହି ଶ୍ରେଷ୍ଠ ଗଣତାନ୍ତ୍ରିକ ସମ୍ବିଧାନ ତିଆରି ହୋଇଥିଲା। ଏହା ଆମ ଗଣତନ୍ତ୍ରର ସବୁଠାରୁ ବଡ଼ ଧର୍ମଗ୍ରନ୍ଥ। କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ସମସ୍ତ ବିଧିବ୍ୟବସ୍ଥାକୁ ନଷ୍ଟଭ୍ରଷ୍ଟ କରି ଦେଶରେ ଏକଛତ୍ରବାଦ ପ୍ରତିଷ୍ଠା କରିବାକୁ ଯେଉଁ ଚକ୍ରାନ୍ତ କରୁଛନ୍ତି, ତାକୁ ରୋକିବାକୁ **ଶ୍ରୀ ରାହୁଲ ଗାନ୍ଧୀ** ଆହ୍ୱାନ ଦେଇଛନ୍ତି।

ଯାଏ କଥା ଗଲା। ହଜାରହଜାର ଭିଆଇପି ଓ ଦଳୀୟ କର୍ମୀଙ୍କୁ ପାସ୍ ଦେଇ ମହାପ୍ରଭୁ ଓ ଭକ୍ତଙ୍କ ମଧ୍ୟରେ ଫାଟ ସୃଷ୍ଟି କରାଗଲା। ଯୁଗଯୁଗରୁ ଚାଲିଆସିଥିବା ଏହି **ମହାପ୍ରଭୁ ଓ ଭକ୍ତକୈନ୍ଦ୍ରିକ** ରଥଯାତ୍ରାକୁ **ଦଳ ଓ ଭିଆଇପିକୈନ୍ଦ୍ରିକ** କରିଦିଆଗଲା। ସତେ ଯେମିତି ରଥଯାତ୍ରା ବିଜେପିର ଏକ ଦଳୀୟ ଇଭେଣ୍ଟ ଥିଲା!

ବିଜେପି ସରକାର ନାରା ଦେଲେ ବେଟି ବଚାଓ, ବେଟି ପଢ଼ାଓ। କିନ୍ତୁ ଅସଲରେ **ଓଡ଼ିଶାରେ ନାରୀ ଓ ଶିଶୁ ନିର୍ଯାତନା** ହୁ ହୁ ହୋଇ ଏମିତି ବଢ଼ିଲା ଯେ, ଆମେରିକା ନିଜ ଲୋକଙ୍କୁ ଓଡ଼ିଶା ବିଷୟରେ ସତର୍କ କରାଇବା ଯାଏ କଥା ଗଲା। ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଏପରି ନିତିଦିନିଆ ହୋଇଛି (ଦିନକୁ ହାରାହାରି ୧୫ଟି ଦୁଷ୍କର୍ମ ଘଟଣା) ଯେ, ରାଜ୍ୟରେ ନାରୀ ସୁରକ୍ଷିତ ନ ଥିବା ଭଳି ଏକ ଧାରଣା ସୃଷ୍ଟି ହୋଇଛି। ଧରାକୋଟରେ ଯାହା ହୋଇଗଲା, କୌଣସି ସଭ୍ୟ ସମାଜରେ ତାହା ଆଦୌ ଗ୍ରହଣୀୟ ନୁହେଁ।

ସମସ୍ତଙ୍କୁ **ପାଇପ ଯୋଗେ ସ୍ୱଚ୍ଛ ପିଇବା ପାଣି ଯୋଗାଣର ପ୍ରତିଶ୍ରୁତି** କୁଆଡ଼େ ଗଲା? ଓଲଟା ରାଜ୍ୟବାସୀଙ୍କୁ ଏହି ସରକାର **ହଇଜା ମହାମାରୀ** ପରି ଆଉ ଏକ ଉପହାର ଦେଲେ। କିଛି ସ୍ଥାନରେ ବର୍ଷବର୍ଷ ଧରି ପାଇପ୍ ପଡ଼ିଛି, ଠିକାଦାର କିନ୍ତୁ ଟ୍ୟା ବ୍ୟାପକ ହରିଲୁଟ୍; ଫଳ ଶୂନ୍। **ରାଜ୍ୟରେ ଏକତୃତୀୟାଂଶ ଡାକ୍ତର ପଦବି ଖାଲିପଡ଼ିଛି। ହଜାରହଜାର ଶିକ୍ଷକ ଓ ଅଧାପକ ପଦବି ମଧ ଖାଲି।** ଠିକା ଭିତ୍ତିରେ ସବୁକିଛି

ରାଜ୍ୟରେ ନାରୀ ଅସୁରକ୍ଷିତ, ବେକାରୀ ଚିନ୍ତିତ, ଚାଷୀ ହନ୍ତସନ୍ତ ତ ସାଧାରଣ ଜନତା ପ୍ରତାରିତ
ଯେଉଁ ରାଜ୍ୟରେ ଜନତା ଓ ଜଗନ୍ନାଥ ସମସ୍ତେ ଅସୁରକ୍ଷିତ, ସେଭଳି ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଜନତା ଆଗେଇ ଆସିବା ଦରକାର। ତେଣୁ 'ମୋଦୀ ହଟାଅ, ସମ୍ବିଧାନ ଓ ଦେଶ ବଂଚାଅ' କଂଗ୍ରେସର ମୂଳମନ୍ତ୍ର ହୋଇଛି। କଂଗ୍ରେସର ଡାକରାରେ ଆସନ୍ତା ୧୧ ତାରିଖ, ଶୁକ୍ରବାର ଦିନ ୧୧ଟାରେ ରାଜଧାନୀ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆୟୋଜିତ ହେଉଥିବା 'ସମ୍ବିଧାନ ବଂଚାଅ ଦେଶ ବଂଚାଅ' ମହାସମାବେଶରେ କଂଗ୍ରେସର ସର୍ବମାନ୍ୟ ନେତା, ଲୋକସଭାରେ ବିରୋଧୀ ଦଳ ନେତା ତଥା ପୂର୍ବତନ ଅଖିଳ ଭାରତ କଂଗ୍ରେସ କମିଟି ଅଧକ୍ଷ ରାହୁଲ ଗାନ୍ଧୀ, ଏ.ଆଇ.ସି.ସି. ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ ଶ୍ରୀ ଭେନୁଗୋପାଲ୍ ଯୋଗଦେବେ।

ରାଜ୍ୟରେ ଗତ ଏକବର୍ଷର ବିଜେପି ସରକାର ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲେ, ତାହା ପ୍ରତାରଣାରେ ପରିଣତ ହୋଇଛି। **'କଥା ଦେଇ କଥା ରଖିଲେ ମୋହନ ସରକାର'** ଏକ ପ୍ରବଞ୍ଚନା ମାତ୍ର। ବରଂ ଓଲଟା କରୁଛନ୍ତି ସେମାନେ। **କଥା ଦେଇ କୌଣସି କଥା ରଖିଲେନି ମୋହନ ସରକାର।** ବର୍ଷେ ହୋଇଗଲା ପଛେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରିଲାନି କି ଗତବର୍ଷ ରଥଯାତ୍ରାରେ ପ୍ରଭୁ ବଳଭଦ୍ର ପଡ଼ିଯିବା ଅଘଟଣର ରିପୋର୍ଟ ସୁଦ୍ଧା ପ୍ରସ୍ତୁତ ହୋଇପାରିଲାନି। ଓଡ଼ିଆ ଜାତିର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଘୋଷଯାତ୍ରା ଦିନ ଏଥର ମାତ୍ର ଚକେ ଗଡ଼ିଲେ। ଭିଭିଆଇପିଙ୍କ ପାଇଁ ମହାପ୍ରଭୁଙ୍କୁ ଅପେକ୍ଷା କରେଇଦେଲେ ସରକାର। **'ଓଡ଼ିଆ ଅସ୍ମିତା'ର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ସରକାର ସେଇ 'ଓଡ଼ିଆ ଅସ୍ମିତା'କୁ ଧୂଳିସାତ କରିଦେଲା।** ଏହି ମନୁଷ୍ୟକୃତ ମହାବିଭ୍ରାଟକୁ ଲୁଚେଇବା ପାଇଁ 'ଏହା କାଳିଆର ଲୀଳା' କହି ଖସି ଯିବାକୁ ବସିଥିଲେ ବିଜେପି ସରକାର। ଗୁଣ୍ଡିଚା ମନ୍ଦିର ଆଗରେ ରଥାରୁଢ଼ ଜଗନ୍ନାଥଙ୍କୁ ଦର୍ଶନ ବେଳେ ଯେଉଁ ଦଳାଚକଟା ହେଲା, ଅକାଳରେ ୩ ଜଣଙ୍କ ପ୍ରାଣଗଲା। ଏହି ବାହାଦୁରିଆ ସରକାରଙ୍କ ଅପାରଗତା ପଦାରେ ପଡ଼ିଲା। ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କ୍ଷମା ମାଗିବା କରାଇନେବାକୁ ସରକାର ତତ୍ପର। ଉଭୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଅବସ୍ଥା ଅତ୍ୟନ୍ତ ଦୟନୀୟ। ସରକାର କହିଲେ, ଏଥର ମଣ୍ଡିରେ କଟ୍‌ନିଛଟ୍‌ନି ବନ୍ଦ ହେବ। ଫଳ କିନ୍ତୁ ଓଲଟା। ଧାନ କ୍ୱିଣ୍ଟାଲ ପିଛା **୫ କିଗ୍ରାରୁ ବଢ଼ି ଏ ଥର ୮ କିଗ୍ରା କଟନିଛଡ଼୍‌ନି** ହେଲା। ଧାନର ଅଭାବୀ ବିକ୍ରି ରୋକାଯାଉନାହିଁ କି ଚାଷୀଙ୍କ ପାଇଁ ବୀମା ନାହିଁ।

**ବି.ଏମ୍.ସିରେ ବିଜେପିର ଗୁଣ୍ଡାରାଜ** ସଭିଏଁ ଦେଖିଲେ। ପଦାଧିକାରୀଙ୍କୁ ଘୋଷାରି ଘୋଷାରି ମାଡ଼ ମାରିବା ଦୃଶ୍ୟ ରାଜ୍ୟରେ ସମସ୍ତଙ୍କୁ ହତବାକ୍ କରିଦେଲା। ଚାରିଦିନ କାଳ ଶାସନ ଚକ ଗଡ଼ିଲାନି। ଲୋକେ ହନ୍ତସନ୍ତ ହେଲେ। ବିରୋଧୀଙ୍କ ଚାପରେ ବାଧ ହୋଇ ସମର୍ପଣ କଲେ ସରକାର।

ଓଡ଼ିଶାର ମହିଳା, ଛାତ୍ର, ଯୁବକ, ଶ୍ରମିକ, ଚାଷୀ ସମସ୍ତେ ଆସନ୍ତା ୧୧ ତାରିଖ ରାହୁଲ ଗାନ୍ଧୀଙ୍କ ମହାସମାବେଶରେ ସାମିଲ ହେବା ପାଇଁ ଅନୁରୋଧ କରୁଛି। 'ସମ୍ବିଧାନ ବଂଚାଅ, ଦେଶ ବଂଚାଅ' ସମାବେଶକୁ ସଫଳ କରିବା ପାଇଁ ଓଡ଼ିଶାବାସୀ ଆଗେଇ ଆସନ୍ତୁ।



ନିବେଦକ
ଭକ୍ତ ଚରଣ ଦାସ
ସଭାପତି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି

# ପୁଲୱାମା ଆକ୍ରମଣ ପାଇଁ ଆମାଜନ୍‌ରୁ କିଣାଯାଇଥିଲା ବିସ୍ଫୋରକ

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ପୁଲୱାମା ଆତଙ୍କବାଦୀ ଆକ୍ରମଣକୁ ନେଇ ବଡ଼ ତଥ୍ୟ ଆସିଛି। ଏହି ଆକ୍ରମଣରେ ବ୍ୟବହୃତ ବିସ୍ଫୋରକ ଇ-କମର୍ସ ୱେବସାଇଟ ଆମାଜନରୁ କିଣା ଯାଇଥିଲା ବୋଲି ଜଣାପଡ଼ିଛି। ସାରା ବିଶ୍ୱରେ ଆତଙ୍କବାଦକୁ ପାଣ୍ଠି ଯୋଗାଣ ଉପରେ ନଜର ରଖୁଥିବା ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏଫଏଟିଏଫ ରିପୋର୍ଟ 'କମ୍ପ୍ରିହେନସିଭ୍ ଅପଡେଟ ଅନ୍ ଟେରରିଷ୍ଟ ଫାଇନାନ୍ସିଂ ରିସ୍କ' ରେ ୨୦୨୨ରେ ଉତ୍ତର ପ୍ରଦେଶ ଗୋରଖପୁର ଗୋରଖନାଥ ମନ୍ଦିରରେ ହୋଇଥିବା ଆକ୍ରମଣ ବିଷୟରେ ମଧ୍ୟ ସୂଚନା ଦିଆଯାଇଛି। ଏହି ଆକ୍ରମଣକାରୀକୁ ପେ' ପାଲ୍ ଆପ୍ ମାଧ୍ୟମରେ ପେମେଣ୍ଟ ହୋଇଥିଲା ବୋଲି କୁହାଯାଇଛି। ଏହି ଦୁଇ ମାମଲାକୁ ଉଦାହରଣ ଭାବେ ନେଇ ଏଫ୍‌ଏଟିଏଫ୍ ସତର୍କ କରାଇ ଦେଇଛି। ଇ-କମର୍ସ ଏବଂ ଡିଜିଟାଲ ପେମେଣ୍ଟ ସେବା ଖରାପ ବ୍ୟକ୍ତିଙ୍କ ହାତରେ ଲାଗିଗଲେ ଏହା ଆତଙ୍କବାଦୀକୁ ପ୍ରୋତ୍ସାହନ ଦେବାର ମାଧ୍ୟମ ପାଲଟି ଯାଇପାରେ ବୋଲି କୁହାଯାଇଛି।

### ଗୋରଖନାଥ ମନ୍ଦିର ଆକ୍ରମଣକାରୀକୁ 'ପେ ପାଲ୍'ରେ ହୋଇଥିଲା ପେମେଣ୍ଟ !

ଅନ୍‌ଲାଇନ ପ୍ଲାଟଫର୍ମଗୁଡ଼ିକୁ କିଭଳି ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଉଛି ତାହାର ସୂଚନା ଏହି ରିପୋର୍ଟରେ ପ୍ରଦାନ କରାଯାଇଛି। କୁହାଯାଇଛି ଯେ ଆତଙ୍କବାଦୀ ସଂଗଠନ ଏବେ ପାରମ୍ପରିକ ଫଣ୍ଡିଂ ସହିତ ଅନ୍‌ଲାଇନ ପେମେଣ୍ଟ, ଗେମିଂ ପ୍ଲାଟଫର୍ମ, ସୋସିଆଲ ମିଡିଆ ଏବଂ ଇ-କମର୍ସ ସାଇଟ୍ସ ଭଳି ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି। ଏହାକୁ ନେଇ ସରକାର ଏବଂ ଡିଜିଟାଲ କମ୍ପାନୀଙ୍କୁ ଏଫଏଟିଏଫ ଚେତାବନୀ ଦେଇଛି। ଏଭଳି ପ୍ଲାଟଫର୍ମର ଅପବ୍ୟବହାର ରୋକିବା ପାଇଁ କଠୋର ପଦକ୍ଷେପ



ନେବାକୁ କୁହାଯାଇଛି। କାରଣ ଏହା ଏବେ ଆତଙ୍କବାଦୀ ସଂଗଠନଗୁଡ଼ିକ ପାଇଁ ନୂଆ ଏବଂ ପ୍ରଭାବଶାଳୀ ମାଧ୍ୟମ ପାଲଟି ଯାଇଛି।

ମିଳିତ ଜାତିସଂଘରର ଆତଙ୍କବାଦୀ ବିରୋଧୀ ଶାଖା (ୟୁଏନ ସିଟିଇଡି) ଏବଂ ଫ୍ରାନ୍ସ ସହ ମିଶି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁଯାୟୀ ଆତଙ୍କବାଦ ଫଣ୍ଡିଂ ଯାଞ୍ଚ, ଦୋଷ ସାବ୍ୟସ୍ତ କରିବାରେ ୬୯ ପ୍ରତିଶତ ଦେଶ ବିଫଳ ହୋଇଛନ୍ତି। ଆର୍ଥିକ ବ୍ୟବସ୍ଥାର ଅପବ୍ୟବହାର ଅନ୍ତର୍ଜାତୀୟ ଶାନ୍ତିକୁ ଦୁର୍ବଳ କରିପାରେ। ସେଥିପାଇଁ ସବୁ ସଦସ୍ୟ ରାଷ୍ଟ୍ରଙ୍କୁ ଗ୍ଲୋବାଲ ନେଟୱର୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରାଭେଲ, ପେମେଣ୍ଟ, ସୋସିଆଲ ମିଡିଆ ଭଳି ସନ୍ଦେହଜନକ ପ୍ଲାଟଫର୍ମକୁ ଚିହ୍ନଟ କରିବା ପାଇଁ ନୂଆ ବ୍ୟବସ୍ଥା ବିକଶିତ କରିବାକୁ ପରାମର୍ଶ ଦିଆଯାଇଛି। ସରକାରୀ ଏବଂ ଘରୋଇ କ୍ଷେତ୍ର ମଧ୍ୟରେ ଡାଟା ସେୟାର କରିବାକୁ କୁହାଯାଇଛି। ରିପୋର୍ଟରୁ ଜଣାପଡ଼ିଛି ଯେ ଆତଙ୍କବାଦକୁ ପାଣ୍ଠି ଯୋଗାଣ ସମ୍ବନ୍ଧିତ ରଣନୀତି ସବୁବେଳେ ସମାନ ହୋଇ ନ ଥାଏ। ଏହା ପରିସ୍ଥିତି ହିସାବରେ ଭିନ୍ନ ଭିନ୍ନ ହୋଇଥାଏ।

## ଲୋହିତ ସାଗରରେ ଲେଜର୍ ଆକ୍ରମଣ କରୁଛି ଚୀନ୍

ବର୍ଲିନ, ୮।୭ (ଏଜେନ୍ସି): ଲୋହିତ ସାଗରରେ ଚୀନ୍ ଦାଦାଗିରି ଦେଖାଉଛି। ଏହି କମ୍ୟୁନିଷ୍ଟ ଦେଶ ବିରୋଧରେ ଜର୍ମାନୀ ଗୁରୁତର ଅଭିଯୋଗ ଲଗାଇଛି। ଚୀନ୍ ସାମରିକ ଯୁଦ୍ଧ ଜାହାଜ ଜର୍ମାନୀର ଲଢୁଆ ବିମାନ ଉପରେ ଲେଜର୍ ଆଟାକ କରିଥିବା କୁହାଯାଇଛି। ୟୁରୋପୀୟ ସଂଘ (ଇୟୁ) ନେତୃତ୍ୱରେ ଚାଲିଥିବା ଲୋହିତ ସାଗରରେ 'ସାମୁଦ୍ରିକ ସୁରକ୍ଷା ଅଭିଯାନ'ବେଳେ ଚୀନ୍ ଏପରି କରିଛି। ଏହାକୁ ନେଇ ଜର୍ମାନୀ ଚୀନ୍ ଆମ୍ବାସାଡରଙ୍କୁ ସମନ ଜାରି କରିଛି। ଏହି ଆକ୍ରମଣକୁ ନେଇ ବିସ୍ତୃତ ସୂଚନା ଦେବାକୁ କୁହାଯାଇଛି। ଜର୍ମାନୀ ପକ୍ଷରୁ କୁହାଯାଇଛି ଯେ ସୈନିକଙ୍କ ଜୀବନକୁ ବିପଦରେ ପକାଇବା ଏବଂ ଅଭିଯାନରେ ବାଧା ସୃଷ୍ଟି କରିବାକୁ କଦାପି ଗ୍ରହଣ କରାଯିବ ନାହିଁ।

## ସରକାରଙ୍କୁ ଦିଆଗଲା ଅହମଦାବାଦ ବିମାନ ଦୁର୍ଘଟଣାର ଯାଞ୍ଚ ରିପୋର୍ଟ

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ୨୬ ଦିନ ପର ମଙ୍ଗଳବାର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛି। ପ୍ରାରମ୍ଭିକ ଯାଞ୍ଚରୁ ମିଳିଥିବା ପ୍ରମାଣ ଏବଂ ପ୍ରଯୁକ୍ତିବିଦ୍ୟାର ବିଶ୍ଳେଷଣକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ସୂଚନା ମିଳିଛି। ଏହି ସପ୍ତାହ ପରେ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ଅଧିକାରୀ କହିଛନ୍ତି। ଏହି ରିପୋର୍ଟରେ କ'ଣ ରହିଛି ତାହା ଜଣା ପଡ଼ି ନ ଥିବାବେଳେ ଦୁର୍ଘଟଣାର କାରଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି ବୋଲି କୁହାଯାଉଛି।

## ରଏଟର୍ସ ଆକାଉଣ୍ଟ ବନ୍ଦ କରିବାକୁ ଭାରତ କହିଥିଲା: ମସ୍କ

ୱାଶିଂଟନ, ୮।୭ (ଏଜେନ୍ସି): ବ୍ରିଟେନ ନ୍ୟୁଜ ଏଜେନ୍ସି 'ରଏଟର୍ସ'ର ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଭାରତରେ ବ୍ଲକ ହେବାକୁ ନେଇ ଶିଳ୍ପପତି ତଥା 'ଏକ୍ସ' ମାଲିକ ଏଲନ ମସ୍କ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏକ୍ସ ପକ୍ଷରୁ କୁହାଯାଇଛି ଯେ ଭାରତ ସରକାର ଗଣମାଧ୍ୟମ ସ୍ୱାଧୀନତାକୁ ଗୁରୁତ୍ୱ ଦେଉନାହାନ୍ତି। ଗଣମାଧ୍ୟମ ଉପରେ କଠୋର କଟକଣା ଲଗାଯାଉଛି। ଗତ ତିନି ତାରିଖରେ ଭାରତ ସରକାର ୨ ହଜାରରୁ ଅଧିକ ଆକାଉଣ୍ଟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଘଣ୍ଟାଏ ମଧ୍ୟରେ କୌଣସି କାରଣ ନ ଦର୍ଶାଇ ରଏଟର୍ସ ସମେତ ଏହି ଆକାଉଣ୍ଟଙ୍କୁ ବନ୍ଦ କରି ଦିଆଯାଇଥିଲା। ସେହିପରି ଭାରତ ପକ୍ଷରୁ କୁହାଯାଇଛି ଯେ ଆକାଉଣ୍ଟ ବ୍ଲକ କରିବାକୁ ନେଇ କୌଣସି ନୂଆ ନିର୍ଦ୍ଦେଶ ଜାରି କରାଯାଇନାହିଁ। ରଏଟର୍ସ ଆକାଉଣ୍ଟଙ୍କୁ ଅନବ୍ଲକ କରିବାକୁ କୁହାଯାଇଛି। ଏଥିପାଇଁ ଏକ୍ସକୁ ୨୧ ଘଣ୍ଟା ଲାଗିଯାଇଛି। ଏକ୍ସ ପକ୍ଷରୁ କୁହାଯାଇଛି ଯେ ଆଦେଶ ମାନିବା ଛଡ଼ା ଆଉ କୌଣସି ବିକଳ୍ପ ନ ଥିଲା।

## ରନୱେରେ ଦୌଡୁଥିଲେ; ବିମାନ ଇଞ୍ଜିନ ଟାଣିନେଲା

ରୋମ୍, ୮।୭ (ଏଜେନ୍ସି): ଇଟାଲୀର ଏକ ବିମାନବନ୍ଦରରେ ମଙ୍ଗଳବାର ସକାଳ ୧୦ଟା ୨୦ରେ ବଡ଼ ଅଘଟଣ ଘଟିଛି। ରନୱେରେ ଦୌଡୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ବିମାନର ଇଞ୍ଜିନ ଟାଣି ନେଇଛି। ଇଞ୍ଜିନରେ ଫସି ରହିବାରୁ ଏହି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ ସେହି ବ୍ୟକ୍ତି ରନୱେରେ ଦୌଡୁଥିବାବେଳେ ଏ୩୧୯ ବିମାନ ମାର୍ଗରେ ଆସି ଯାଇଥିଲେ। ଏହି ବିମାନଟି ସ୍ପେନ ଅଭିମୁଖେ ଉଡ଼ାଣ ଆରମ୍ଭ କରୁଥିଲା। ଏହି ଦୁର୍ଘଟଣା ପରେ ବିମାନବନ୍ଦରରୁ ସବୁ ଉଡ଼ାଣ ବନ୍ଦ କରିଦିଆଯାଇଥିଲା।

## ୯ ୫୩୧ କୋଟି ମିଳିଲେ ଲାଇବେରିଆ ଜାହାଜ ଛଡ଼ାଯିବ

ତିରୁଅନନ୍ତପୁରମ, ୮।୭ (ଏଜେନ୍ସି): ଲାଇବେରିଆ ଜାହାଜ 'ଏମଏସ୍‌ସି ଅକିତେତା-୨'କୁ ଜବତ କରିବା ପାଇଁ କେରଳ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜାହାଜ ଲାଇବେରିଆର 'ଏମଏସ୍‌ସି ଏଲ୍ସା-୩'ର ସହଯୋଗୀ ଥିଲା। ମେ' ୨୫ ତାରିଖରେ ଏହା କୋଚି ଉପକୂଳରେ ବୁଡ଼ି ଯାଇଥିଲା। ଉଭୟ ଜାହାଜ ଏମଏସ୍‌ସି ମେଡିଟେରେନିୟନ ସିପିଂ କମ୍ପାନୀର ଥିଲା। ଏଲ୍ସା-୩ ବୁଡ଼ିବା ଯୋଗୁଁ ପରିବେଶ ଏବଂ ଆର୍ଥିକ କ୍ଷତି ପାଇଁ ୯ ୫୩୧ କୋଟି ଟଙ୍କାର କ୍ଷତିପୂରଣ ଦେବା ଦାବିରେ କେରଳ ସରକାର ଆବେଦନ ଦାଏର କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ଅକିତେତା-୨କୁ ଜବତ କରିବା ପାଇଁ ସୋମବାର ନିର୍ଦ୍ଦେଶ ଦେଇଥିଲେ।

# ଭାରତ ମହାସାଗରରେ ଭାରତକୁ ଘେରୁଛି ଚୀନ୍

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ଚୀନ୍ ଏବଂ ଭାରତ ମଧ୍ୟରେ ଶୀତଳ ଯୁଦ୍ଧ ଜାରି ରହିଛି। ଏହି କମ୍ୟୁନିଷ୍ଟ ରାଷ୍ଟ୍ର ସବୁ କ୍ଷେତ୍ରରେ ଭାରତକୁ ଘେରିବା ପାଇଁ ପ୍ରୟାସ କରୁଛି। ଏଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ଷଡ଼ଯନ୍ତ୍ର ଚଳାଇଛି। ଭାରତର ଅଗଣା କୁହାଯାଉଥିବା ଭାରତ ମହାସାଗରକୁ ବି ଭାରତ ବିରୋଧରେ ବ୍ୟବହାର ପାଇଁ ଚୀନ୍ ଜୋରଦାର ପ୍ରୟାସ ଚଳାଇଛି। ଏହି ମହାସାଗରର ଅତିକମ୍‌ରେ ୯ଟି ପଏଣ୍ଟରେ ନିଜ ସ୍ଥିତ ମଜବୁତ କରିବାରେ ଲାଗିଛି। ବନ୍ଦର, ନୌସେନା ଘାଟୀ, ବିମାନ ବନ୍ଦର ଏବଂ ନିଜ ଜାହାଜ ଗୁଡ଼ିକ ପାଇଁ ଠିକଣା ନିର୍ମାଣ କରୁଛି। ଏହା ଭାରତ ପାଇଁ ବଡ଼ ଆହ୍ୱାନ ପାଲଟି ଯାଇଛି। ବିଦେଶ ମାମଲାର ସଂସଦୀୟ କମିଟି ମଧ୍ୟ ଏହା ସ୍ୱୀକାର କରିଛି। ତେବେ ଚୀନ୍‌କୁ ଜବାବ ଦେବା ଲାଗି ଭାରତ ମଧ୍ୟ ଜାଲ୍ ବିଛାଇବା ଆରମ୍ଭ କରିଦେଇଛି।

ଅଷ୍ଟ୍ରେଲିଆରୁ ଆଫ୍ରିକା ଏବଂ ଭାରତରୁ ଦକ୍ଷିଣ ମହାସାଗର ପର୍ଯ୍ୟନ୍ତ ୭.୦୬ କୋଟି ବର୍ଗ କିମିରେ ବ୍ୟାପିଥିବା ଭାରତ ମହାସାଗରର ଉପକୂଳରେ ୩୩ ଦେଶ ଏବଂ ୫୭ ଦ୍ୱୀପ ରହିଛି। ଏଠାରେ ୩ ଅରବ ଲୋକ ରହୁଛନ୍ତି। ଭାରତ ଏହାର କେନ୍ଦ୍ରରେ ରହିଛି। ତେଣୁ ଏହାର ନାମ ଭାରତ ମହାସାଗର ରହିଛି। ଏହି ମହାସାଗର ତଳେ ୪୦ ପ୍ରତିଶତ ପେଟ୍ରୋଲିୟମ ରହିଛି। ବର୍ଷକୁ ଲକ୍ଷେରୁ ଅଧିକ ବାଣିଜ୍ୟିକ ଜାହାଜ ଏହି ମାର୍ଗ ଦେଇ ଯାଉଛି। ଏହା ମାଧ୍ୟମରେ ୮୦ ପ୍ରତିଶତ ସାମୁଦ୍ରିକ ତୈଳ ଯୋଗାଣ ହେଉଛି। ଏହି ମାର୍ଗରେ କୌଣସି ସମସ୍ୟା ସୃଷ୍ଟି ହେଲେ ୟୁରୋପ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଏବଂ ଏସିଆକୁ ବ୍ୟାପାର ବନ୍ଦ ହୋଇଯିବ। ତେବେ ଭାରତ ସହିତ ନିଜ ଶତ୍ରୁ ରାଷ୍ଟ୍ରଙ୍କୁ ଘେରିବା ପାଇଁ ଚୀନ୍ ଏହି ମହାସାଗରରେ ନିଜ ବେସ୍ ବନାଉଛି। ଅନ୍ୟ ଦେଶଗୁଡ଼ିକ ସହ ମିଶି କିମ୍ବା ଜମିକୁ ଲିଜ୍ ନେଇ ବନ୍ଦର ଆଦି ନିର୍ମାଣ କରୁଛି। ଚୀନ୍ କମ୍ବୋଡିଆରେ ରିମ୍ ନାଭାଲ ବେସ୍, ମ୍ୟାଁମାରର କୋକୋ ଆଇଲ୍ୟାଣ୍ଡ, କୋକପ୍ୟୁ ବନ୍ଦର ନିର୍ମାଣ କରୁଛି। ସେହିପରି ବାଂଲାଦେଶର ଚିଟଗାଁଓ ବନ୍ଦର, ଶ୍ରୀଲଙ୍କାର ହମ୍ବନଟୋଟା ବନ୍ଦର, ମାଲଦ୍ୱୀପରେ ଭିତ୍ତିଭୂମି ବିକାଶ ସହିତ ସାମରିକ ଘାଟୀ ନିର୍ମାଣ, ପାକିସ୍ତାନ ଗ୍ୱାଦର ବନ୍ଦର ଲିଜ୍‌ରେ ନେଇଛି। ଏହା ବ୍ୟତୀତ ପୂର୍ବ ଆଫ୍ରିକାର ଜିବୁତିରେ ନୌ ଚୀନ୍ ନିଜର ପ୍ରଥମ ନୌସେନା ଘାଟୀ ବନାଇଛି। ସେଚେଲ୍ସର ଭିକ୍ଟୋରିଆ ବନ୍ଦର ନିର୍ମାଣରେ ମଧ୍ୟ ଆର୍ଥିକ ସହାୟତା କରୁଛି। ଦକ୍ଷିଣ ଆଫ୍ରିକା ଉପକୂଳକୁ ନିୟନ୍ତ୍ରଣ କରିବା ପାଇଁ ବେଜିଂ ତାଞ୍ଜାନିଆ ଏବଂ କେନିଆରେ ମଧ୍ୟ ଅନେକ ବନ୍ଦର ନିର୍ମାଣ କରିଛି।

### ପାଲଟା ଜବାବ ପାଇଁ ଭାରତର ରଣନୀତି ପ୍ରସ୍ତୁତ




ଚୀନ୍‌ର ଏହି 'ଷ୍ଟ୍ରିଙ୍ଗ ଅଫ୍ ପର୍ଲ୍ସ'ର ଜବାବ ଦେବା ଲାଗି ଭାରତ 'ନେକ୍‌ଲେସ୍ ଅଫ୍ ଡାଏମଣ୍ଡ' ରଣନୀତି ଆପଣାଇଛି। ତେବେ ଏ ନେଇ ଭାରତ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ସିଙ୍ଗାପୁରର ଚାଙ୍ଗୀ ନେଭାଲ ବେସ୍ ବ୍ୟବହାର ପାଇଁ ଭାରତ ଚୁକ୍ତି କରିଛି। ଇଣ୍ଡୋନେସିଆର ସବାଙ୍ଗ ବନ୍ଦରରେ ଭାରତ ସାମରିକ କାର୍ଯ୍ୟକଳାପ ବୃଦ୍ଧି କରିଛି। ସେଚେଲ୍ସ ସହ ମିଶି ଭାରତ ଅସମ୍ପସନ ଦ୍ୱୀପରେ ନୌସେନା ଘାଟୀ ନିର୍ମାଣ କରୁଛି। ସେହିପରି ଓମାନର ଦୁକମ ବନ୍ଦର ନିର୍ମାଣ, ଇରାନ ଚାବାହର ବନ୍ଦରକୁ ଲିଜ୍, ଚୀନ୍‌କୁ ଉତ୍ତର ଦେବା ପାଇଁ ମଙ୍ଗୋଲିଆ ସହ ସମ୍ବନ୍ଧ ବୃଦ୍ଧି କରି ଏୟାର କରିଡୋର ନିର୍ମାଣ ଲାଗି ଚୁକ୍ତି,ଜାପାନ ସହ ମିଶି 'ଏସିଆ-ଆଫ୍ରିକା ଗ୍ରୋଥ୍ କରିଡର' ପାଇଁ ଚୁକ୍ତି କରିଛି। ଦକ୍ଷିଣ-ପୂର୍ବ ଏସିଆରେ ଭିଏତନାମା ସହ ଭାରତ ଘନିଷ୍ଠତା ବଢ଼ାଇ ବ୍ରହ୍ମୋସ କ୍ଷେପଣାସ୍ତ୍ର ବିକ୍ରି କରିଛି। ୧.୯ ବିଲିୟନ ଡଲାର ମଧ୍ୟ ନିବେଶ କରିଛି। ସେହିପରି ଆନ୍ଧ୍ରପ୍ରଦେଶର ରାମବିଲିରେ ନୌସେନା ଘାଟୀ 'ଆଇଏନଏସ ବର୍ଷା' ନିର୍ମାଣ କରୁଛି। ମରିସସ୍ ଦ୍ୱୀପରୁ ମଧ୍ୟ ଭାରତ ଚୀନ୍ କାର୍ଯ୍ୟକଳାପ ଉପରେ ନଜର ରଖିଛି।

# ଭାଷା ପାଇଁ ମହାରାଷ୍ଟ୍ର ଅଶାନ୍ତ

ମୁମ୍ବାଇ, ୮।୭: ଭାଷାକୁ ନେଇ ଅଶାନ୍ତ ହୋଇପଡ଼ିଛି ମହାରାଷ୍ଟ୍ର। ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୀ ଭାଷାରେ ପାଠପଢ଼ା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବିରୋଧ କରି ଏକାଠି ହୋଇଥିବା ରାଜ ଏବଂ ଉଦ୍ଧବ ଠାକରେଙ୍କ ଦଳ ଏବେ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନଙ୍କ ବିରୋଧ ପରେ ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିଥିଲେ ମଧ୍ୟ ମରାଠୀ କହିପାରୁ ନଥିବା ଲୋକମାନଙ୍କ ଉପରେ ଆକ୍ରମଣ ଚଳାଇଛନ୍ତି ଦଳୀୟ କର୍ମୀ। ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ଭାଷା ନାମରେ ଦୀର୍ଘ ୨୦ ବର୍ଷ ପରେ ଏକାଠି ହୋଇଥିବା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ ଠାକରେ ଏବଂ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଏକାଠି ହେବାପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷ କରି ରାଜ ଠାକରେଙ୍କ ଏମ୍‌ଏନ୍‌ଏସ୍ କର୍ମୀ ବେଶି ଉତ୍ପାତ କରୁଛନ୍ତି। ମହାରାଷ୍ଟ୍ର ବାହାରୁ ଆସି ଏଠାରେ କାମ/ ବ୍ୟବସାୟ କରୁଥିବା ଲୋକମାନଙ୍କୁ ସେମାନେ ଟାର୍ଗେଟ କରିଛନ୍ତି। ଗତ ସପ୍ତାହରେ ରାଜଙ୍କ କର୍ମୀମାନେ ଏକ ଦୋକାନରେ ପଶି ବ୍ୟବସାୟୀ ଓ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ସେମାନେ ମରାଠୀ ଭାଷା ଜାଣି ନଥିଲେ ଏବଂ ହିନ୍ଦୀ ଭାଷା କହିବାରୁ ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ ଆଜି ବ୍ୟବସାୟୀମାନେ ବିକ୍ଷୋଭ ଯାତ୍ରା ବାହାର କରିଥିଲେ। ଏହାକୁ ଭଣ୍ଡୁର କରିବା ଲାଗି

### ଏମଏନଏସ୍ ଟାର୍ଗେଟରେ ଅଣ ମରାଠୀ ଶ୍ରମିକ



ଏମ୍‌ଏନ୍‌ଏସ୍ କର୍ମୀମାନେ ମଧ୍ୟ ଥାନେର ମୀରା ରୋଡ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ସେମାନେ ବ୍ୟବସାୟୀଙ୍କ ବିକ୍ଷୋଭ ରାସ୍ତା ଆଡ଼କୁ ମୁହାଁଇବାରୁ ପୋଲିସ ଅଟକାଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏମ୍‌ଏନ୍‌ଏସ୍ କର୍ମୀମାନଙ୍କୁ ପୁଲିସ ଉଠାଇନେଇଥିଲା। ପୁଲିସ ଆଗରେ ସେମାନେ ଉତ୍ପାତ ଆରମ୍ଭ କରିଦେଇଥିଲେ। ବ୍ୟବସାୟୀମାନଙ୍କୁ ବିକ୍ଷୋଭ ପାଇଁ କାହିଁକି ଅନୁମତି ଦିଆଗଲା ବୋଲି ପ୍ରଶ୍ନ କରିବା ସହିତ ସେମାନେ ଧମକ ଦେଇଥିଲେ ଯେ ଯେଉଁମାନେ ମରାଠୀ ନଶିଖିବେ, ସେମାନଙ୍କୁ ଆକ୍ରମଣ କରାଯିବ। ସେମାନଙ୍କୁ ସମର୍ଥନ ଜଣାଇ ଶିବ ସେନାର ଜଣେ ମନ୍ତ୍ରୀ ପ୍ରତାପ ସରନାଏକ ଏହି ବିକ୍ଷୋଭରେ ସାମିଲ ହେବାକୁ ଯାଉଥିବା ବେଳେ ଏମ୍‌ଏନ୍‌ଏସ୍ କର୍ମୀମାନେ ତାଙ୍କୁ ଘଉଡ଼ାଇ ଦେଇଥିଲେ।

ଇତିମଧ୍ୟରେ ରାଜ ଓ ଉଦ୍ଧବଙ୍କ କର୍ମୀମାନଙ୍କୁ ଧମକ ଦେଇଛନ୍ତି ବିଜେପି ସାଂସଦ ନିଶିକାନ୍ତ ଦୁବେ। ସେ କହିଛନ୍ତି ଯେ ଯଦି ସାହାସ ଅଛି, ତାହାହେଲେ ଏହି କର୍ମୀମାନେ ବିହାର କିମ୍ବା ଉତ୍ତର ପ୍ରଦେଶ ଆସନ୍ତୁ। ସେମାନଙ୍କୁ ଦଉଡ଼ାଇ ଦଉଡ଼ାଇ ମାଡ଼ ମରାଯିବ। କେବଳ ହିନ୍ଦୀ କହିପାରୁଥିବା ସାଧାରଣ ଲୋକଙ୍କୁ କାହିଁକି ଆକ୍ରମଣ କରୁଛନ୍ତି। ଉର୍ଦ୍ଦୁ, ତାମିଲ ଏବଂ ତେଲୁଗୁ କହୁଥିବା ଲୋକମାନଙ୍କୁ କାହିଁକି ସେମାନେ ଆକ୍ରମଣ କରୁ ନାହାନ୍ତି ବୋଲି ଦୁବେ କଟାକ୍ଷ କରିଛନ୍ତି।

## ବ୍ଲାକମେଲ୍ କରି ମାଗିଲେ ୩ କୋଟି; ଆତ୍ମହତ୍ୟା କଲେ ଚାର୍ଟାଡ ଆକାଉଣ୍ଟାଣ୍ଟ

ମୁମ୍ବାଇ, ୮।୭ (ଏଜେନ୍ସି): ନିର୍ଯାତନା ଏବଂ ବ୍ଲାକମେଲିଂ ସହି ନ ପାରି ମୁମ୍ବାଇର ଚାର୍ଟାଡ ଆକାଉଣ୍ଟାଣ୍ଟ (ସିଏ) ରାଜ ଲୀଳା ମୋର (୩୨) ବିଷ ପିଇ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରୁ ତିନି ପୃଷ୍ଠାର 'ସୁଇସାଇଡ ନୋଟ୍' ମିଳିଛି। ଏଥିରେ ସେ ନିଜ ମୃତ୍ୟୁ ପାଇଁ ଦୁଇ ଜଣଙ୍କୁ ଦାୟୀ କରିଛନ୍ତି। ରାହୁଲ ପରୱାନି ଏବଂ ସାବା କ୍ୟୁରେସି ତାଙ୍କୁ ବ୍ଲାକମେଲିଂ କରୁଥିଲେ। ଗୋପନୀୟ ଭିଡିଓ ଲିକ୍ କରାଇଦେବାର ଧମକ ଦେଇ କିଛି ମାସ ହେଲା ତିନି କୋଟି ଟଙ୍କା ମାଗୁଥିଲେ। ଗତ ୧୮ ମାସ ହେଲା ଉଭୟେ ମୋରଙ୍କଠାରୁ କୋଟି କୋଟି ଟଙ୍କା ମଧ୍ୟ ନେଇ ଯାଇଥିଲେ। ଏହା ସତ୍ତ୍ୱେ ଅଧିକ ଟଙ୍କା ମାଗିବାରୁ ମୋର ଚରମ ପଦକ୍ଷେପ ନେଇଥିଲେ।

ପୁଲିସ ସୂଚନା ଅନୁଯାୟୀ ମୋର ଷ୍ଟକ ମାର୍କେଟରେ ବିପୁଳ ନିବେଶ କରିଥିବା ଅଭିଯୁକ୍ତ ଜାଣି ପାରିଥିଲେ। ସିଏ ହୋଇଥିବାରୁ ଅଧିକ ଟଙ୍କା ଦରମା ପାଉଥିବା ମଧ୍ୟ ଜାଣିଥିଲେ। ଧମକ ଦେଇ କମ୍ପାନୀ ଆକାଉଣ୍ଟରୁ ଉଭୟଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିବାକୁ କହିଥିଲେ। ଦୁଇ ଅଭିଯୁକ୍ତ ଜୋର ଜବରଦସ୍ତି ଏକ ଦାମୀ କାର୍ ମଧ୍ୟ ତାଙ୍କଠାରୁ



ନେଇ ଯାଇଥିଲେ। ଏଥିପାଇଁ ପୁଅ ଦୀର୍ଘ ଦିନ ହେଲା ଅତ୍ୟଧିକ ଚାପରେ ଥିଲା ବୋଲି ମୋରଙ୍କ ମା' କହିଛନ୍ତି। ସୁଇସାଇଡ ନୋଟ୍‌ର ଗୋଟିଏ ପୃଷ୍ଠାରେ ମୋର ନିଜ ମା'ଙ୍କ ବିଷୟରେ ଲେଖିଛନ୍ତି। ସେ ପରିବାର ଲୋକଙ୍କୁ କ୍ଷମା ମାଗି ମା'ଙ୍କ ଯତ୍ନ ନେବା ପାଇଁ କହିଛନ୍ତି। ଦ୍ୱିତୀୟ ପୃଷ୍ଠାରେ ସହଯୋଗୀଙ୍କୁ କ୍ଷମା ମାଗିଛନ୍ତି। ଆସ୍ଥା ହରାଇଛି ବୋଲି କହିଛନ୍ତି। ଶ୍ୱେତା ଏବଂ ଜୟପ୍ରକାଶଙ୍କୁ ଦୋଷ ନ ଦେବା ପାଇଁ ନିବେଦନ କରିଛନ୍ତି। ତୃତୀୟ ପୃଷ୍ଠାରେ ରାହୁଲ ଏବଂ ସାବାଙ୍କୁ ଦାୟୀ କରିଛନ୍ତି। ରାହୁଲ ଜାଲିଆତି କରି ତାଙ୍କୁ ବ୍ଲାକମେଲ କରିଥିଲେ। ସଞ୍ଚୟ ଟଙ୍କା ଉଠାଇବାକୁ ଏବଂ କମ୍ପାନୀରୁ ଟଙ୍କା ଚୋରି କରିବାକୁ ବାଧ୍ୟ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ।

## ବ୍ୟବସାୟୀ ଗୋପାଳ ଖେମକାଙ୍କ ହତ୍ୟା କରାଇଥିଲେ ବିଲ୍ଡର

ପାଟନା, ୮।୭ (ଏଜେନ୍ସି): ବିହାର ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କ ହତ୍ୟାକୁ ନେଇ ଚାଞ୍ଚଲ୍ୟକର ଖୁଲାସା ହୋଇଛି। ବ୍ୟାବସାୟିକ ବିବାଦକୁ ନେଇ ବିଲ୍ଡର ଅଶୋକ ଶାହ ସୁପାରୀ ଦେଇ ଖେମ୍‌କାଙ୍କୁ ହତ୍ୟା କରାଇ ଥିଲେ। ହତ୍ୟା ପାଇଁ ସୁଟର୍ ଉମେଶକୁ ସୁପାରୀ ଦିଆଯାଇଥିଲା। ଏଥିପାଇଁ ୪ ଲକ୍ଷ ଟଙ୍କାରେ ଚୁକ୍ତି ଚୂଡ଼ାନ୍ତ ହୋଇଥିଲା। ଅଗ୍ରୀମ ଭାବେ ୫୦ ହଜାର ଟଙ୍କା ଦିଆଯାଇଥିଲା। ଏହି ଟଙ୍କାରେ ଉମେଶ ନିଜ ପିଲାଙ୍କ ସ୍କୁଲ ଦେୟ ଦେଇଥିଲା। ସେ ହିଁ ଖେମକାଙ୍କ ଘରର ରେକି କରିଥିଲା। ପରେ ଉମେଶ ଏହି ହତ୍ୟା ପାଇଁ ନିଜ ଅଞ୍ଚଳରେ ରହୁଥିବା ବିକାଶକୁ ସୁପାରୀ ଦେଇଥିଲା। କିନ୍ତୁ ସେ ଅଧିକ ଟଙ୍କା ଦାବି କରିବାରୁ ଗତ ଚାରି ତାରିଖରେ ଘର ଫାଟକ ନିକଟରେ ଉମେଶ ଖେମ୍‌କାଙ୍କୁ ଗୁଳି ମାରି ହତ୍ୟା କରିଥିଲା। ଡିଜିପି ବିନୟ କୁମାର ଆଜି ଏହି ସୂଚନା ଦେଇଛନ୍ତି।

ପୁଲିସ ସୋମବାର ବିଲ୍ଡର ଅଶୋକ ଏବଂ ସୁଟର ଉମେଶକୁ ଗିରଫ କରିଛି। ସୁଟର ନିକଟରୁ ୩ ଲକ୍ଷ ଟଙ୍କା ଜବତ କରାଯାଇଛି। ତା ଘରୁ ୫୯ ରାଉଣ୍ଡ ଗୁଳି ଏବଂ ଘଟଣାରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇଛି। ଜେରା ସମୟରେ ଉମେଶ କହିଛି ଯେ ଦେଢ଼ ମାସ ତଳେ ହତ୍ୟାର ଯୋଜନା ହୋଇଥିଲା। ଅଶୋକ ସାହ ମୋବାଇଲରୁ ଜମି ବିବାଦ ସମ୍ବନ୍ଧିତ ଆଲୋଚନାର ଅନେକ ରେକର୍ଡିଂ ମିଳିଛି। ଜମି ବିବାଦ ପାଇଁ ଖେମକାଙ୍କୁ ହତ୍ୟା କରାଯାଇଛି। ଅଶୋକ ଘରୁ ଅନେକ ଜମିର କାଗଜପତ୍ର ମିଳିଛି।

### ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ


ପୁଲିସ ସୂଚନା ଅନୁଯାୟୀ ଉଦୟଗିରି ଆପାର୍ଟମେଣ୍ଟର ୬୦୧ ଫ୍ଲାଟରୁ ଅଶୋକ ସାହକୁ ଗିରଫ କରାଯାଇଥିଲା।



ସୁଟର ଉମେଶର କଥାରେ ପୁଲିସ ମଙ୍ଗଳବାର ଭୋର ୪ଟାରେ ବନ୍ଧୁକ ଯୋଗାଣକାରୀ ବିକାଶକୁ ଧରିବା ପାଇଁ ପାଟନା ସିଟିର ମାଲସଲାମୀ ଅଞ୍ଚଳରେ ପହଞ୍ଚି ଥିଲା। ଏହି ସମୟରେ ବିକାଶ ପୁଲିସ ଉପରେ ଗୁଳିମାଡ଼ କରିଥିଲା। କିନ୍ତୁ ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ସେ ନିହତ ହୋଇଥିଲା।

## ୬୭ ଜଣଙ୍କ ଜୀବନ ବଞ୍ଚାଇ ଦେଲା କୁକୁର

ମଣ୍ଡି, ୮।୭ (ଏଜେନ୍ସି): ମଣିଷ ତୁଳନାରେ ପଶୁପକ୍ଷୀ ଆଗୁଆ ପ୍ରାକୃତିକ ବିପର୍ଯ୍ୟୟର ସୂଚନା ପାଇ ଯାଆନ୍ତି ବୋଲି କୁହାଯାଏ। ଏହି ଲୋକକଥାଟି ହିମାଚଳ ପ୍ରଦେଶ ମଣ୍ଡି ଜିଲ୍ଲାର ସିୟାଥି ଗ୍ରାମରେ ସତ ସାବ୍ୟସ୍ତ ହୋଇଛି। ବାଦଲ ଫଟା ବର୍ଷା, ଭୂସ୍ଖଳନ ଏବଂ ଅଚାନକ ବନ୍ୟାରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ଯାଇଥିବାବେଳେ ମଣିଷର ଅତି ବିଶ୍ୱସ୍ତ ପ୍ରାଣୀ କୁକୁର ଦେବଦୂତ ପାଲଟି ଯାଇଛି। ଏହି କୁକୁର ୨୦ ପରିବାରର ୬୭ ଲୋକଙ୍କ ଜୀବନ ବଞ୍ଚାଇ ଦେଇଛି। ଏବେ ସବୁଠି ଏହି କୁକୁରକୁ ନେଇ ଚର୍ଚ୍ଚା ହେଉଛି। ସମୟ ପୂର୍ବରୁ ସତର୍କ କରି ଏହି କୁକୁର ଗ୍ରାମବାସୀଙ୍କୁ ରକ୍ଷା କରି ହିରୋ



ପାଲଟି ଯାଇଛି। ସୂଚନା ଅନୁଯାୟୀ ଧରମପୁର ଅଞ୍ଚଳରେ ଥିବା ସିଆଥି ଗ୍ରାମ ଗତ ୩୦ ତାରିଖ ମଧ୍ୟରାତ୍ରୀରୁ ୧ଟା ଭିତରେ ଅବଶେଷରେ ପରିଣତ ହୋଇଯାଇଥିଲା। କିନ୍ତୁ ଏହା ପୂର୍ବରୁ କୁକୁର ପାଇଁ ଗ୍ରାମବାସୀଙ୍କ ଜୀବନ ରକ୍ଷା ପାଇ ଯାଇଥିଲା।


ସିଆଥି ଗ୍ରାମର ନରେନ୍ଦ୍ର କହିଛନ୍ତି ଯେ ଏହି କୁକୁରଟି ତାଙ୍କ ଘରର ଦ୍ୱିତୀୟ ମହଲାରେ ଶୋଇଥିଲା। ପ୍ରବଳ ବର୍ଷା ଜାରି ରହିଥିବାବେଳେ ରାତିରେ କୁକୁର ଜୋର୍‌ରେ ଭୋକିବାରେ ଲାଗିଥିଲା। ଏହା ପରେ ମଧ୍ୟରାତ୍ରିରେ ଚାରିଆଡେ ଖାଲି ଚିତ୍କାର ଶୁଭିଥିଲା। କୁକୁର ଭୋକିବା ଶୁଣି ନରେନ୍ଦ୍ର ନିଦରୁ ଉଠି ଯାଇଥିଲେ। କୁକର ପାଖକୁ ଗଲା ପରେ ସେ ଯାହା ଦେଖିଥିଲେ ତାହାକୁ ବିଶ୍ୱାସ କରିପାରି ନ ଥିଲେ। ଘରର କାନ୍ଥରେ ଏକ ବଡ଼ ଫାଟ ସୃଷ୍ଟି ହୋଇଥିଲା। ଏହା ମଧ୍ୟ ଦେଇ ପାଣି ପ୍ରବେଶ କରି ଚାଲିଥିଲା। ସେ କାଳ ବିଳମ୍ବ ନ କରି କୁକୁର ସହ ତଳକୁ ପଳାଇ ଥିଲେ। ଘରେ ଶୋଇଥିବା ସମସ୍ତଙ୍କୁ ଜଗାଇ ଥିଲେ। ଏହା ପରେ ଅନ୍ୟ ଗ୍ରାମବାସୀଙ୍କୁ ସତର୍କ କରାଇ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ କହିଥିଲେ। ଲୋକେ ଏହା ଶୁଣି ଘରଦ୍ୱାର ଛାଡ଼ି ସୁରକ୍ଷିତ ଆଶ୍ରୟ ସ୍ଥଳକୁ ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ଏକ ବିରାଟ ଭୂସ୍ଖଳନ ସଂସ୍ପର୍ଶରେ ଗାଁ ଆସି ଯାଇଥିଲା। ଏଥିରେ ୧୨ରୁ ଅଧିକ ଘର ମାଟିରେ ମିଶି ଯାଇଛି। ମାତ୍ର ଚାରିରୁ ପାଞ୍ଚଟି ଘର ଏବେ ବାହାରକୁ ଦିଶୁଛି। ଆଉ ବାକି ସବୁ ଅବଶେଷ ତଳେ ଦବି ରହିଛି। ଗ୍ରାମର ୨୦ ପରିବାରର ୬୭ ଜଣ ସଦସ୍ୟ ଗତ ୭ ଦିନ ହେଲା ତ୍ରିୟମବାଲା ଗ୍ରାମର ନୈନା ଦେବୀ ମନ୍ଦିରରେ ଆଶ୍ରୟ ନେଇଛନ୍ତି। ଏଭଳି ସ୍ଥିତି ଦେଖି ଅନେକ ଗ୍ରାମବାସୀଙ୍କ ରକ୍ତଚାପ ବଢ଼ି ଯାଇଛି। କିଛି ଜଣ ଅବସାଦଗ୍ରସ୍ତ ହୋଇଛନ୍ତି। ଅନ୍ୟ ଗ୍ରାମର ଗ୍ରାମବାସୀ ଏମାନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଜୁନ୍ ୨୦ରୁ ଏ ପର୍ଯ୍ୟନ୍ତ ବର୍ଷା ଜନିତ ଘଟଣାରେ ରାଜ୍ୟରେ ୭୮ ଜଣଙ୍କ ଜୀବନ ଗଲାଣି।

# ନୀଳାଦ୍ରିବିଜେ ପୂର୍ବରୁ ରଥାରୂଢ଼ ଶ୍ରୀଜିଉଙ୍କ ବଡ଼ସିଂହାର ବେଶ





# ମହାପ୍ରଭୁଙ୍କୁ ରସଗୋଲା ମଣୋହି



ପୁରୀ,୮।୭(ସମିସ): ନୀଳାଦ୍ରିବିଜେ ଅବସରରେ ଅନେକ ଭକ୍ତ ମହାପ୍ରଭୁଙ୍କୁ ରସଗୋଲା ଚକ୍ରମଣୋହୀ କରିଥିଲେ। ରଥ ପାଖରେ ରସଗୋଲା ଭୋଗ କରିଥିଲେ। ଏହି ରସଗୋଲା ମଣୋହୀ ପ୍ରଥାରୁ ଏବେ ପରମ୍ପରାରେ ପରିଣତ ହୋଇଛି। ଏ ସମ୍ପର୍କରେ ଗବେଷକ ମତ ଦିଅନ୍ତି ଯେ ମହାପ୍ରଭୁଙ୍କ ଉପାସନାରେ ଅନେକ ସାମାଜିକ ଓ ପାରିବାରିକ ପରମ୍ପରାର ବାର୍ତ୍ତା ଦେଖିବାକୁ ମିଳିଥାଏ। ଘୋଷଯାତ୍ରାରେ ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଚାଲିଯାଇଥିବାରୁ ଅଭିମାନ କରିଥିଲେ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)। ଏଥିଯୋଗୁଁ ଯେଉଁ ପାରିବାରିକ ଅଭିମାନ ମୁଣ୍ଡ ଟେକିଥିଲା, ତାହାକୁ ଗଜପତି ମହାରାଜା ବାହୁଡା ଦିନ ଭେଟ କରାଇ ସମାଧାନର ଏକ ସୁସ୍ଥ ବାତାବରଣ ସୃଷ୍ଟି କରିଥିଲେ। ନୀଳାଦ୍ରିବିଜେ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲା ବେଳେ ସେହି ଅଭିମାନର ପୁନରାବୃତ୍ତି ଘଟିଥାଏ। ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିରର ଦ୍ୱାର ବନ୍ଦ କରିଦିଅନ୍ତି। ସେଠାରେ ଯେଉଁ ନୀତି ହୁଏ, ତାହା ଲକ୍ଷ୍ମୀ-ନାରାୟଣ ବଚନିକା ଭାବେ ପ୍ରସିଦ୍ଧ। ବଚନିକା ହେବା ପରେ ମହାପ୍ରଭୁ ଜଗମୋହନକୁ ବିଜେ କଲେ ସେଠାରେ ଗଇଁଠାଳ ଫିଟା ନୀତି ହୁଏ। ପରେ ଶ୍ରୀବେଦୀଙ୍କ ଅଭିମାନ ଭାଙ୍ଗି ନ ଥାଏ। ଲକ୍ଷ୍ମୀ ଠାକୁରାଣୀ ଯେତେବେଳେ ଜୟବିଜୟ ଦ୍ୱାର ବନ୍ଦ କରନ୍ତି ସେତେବେଳେ ମହାପ୍ରଭୁ ସାଙ୍ଗରେ ଆଣିଥିବା ମିଷ୍ଟାନ୍ନ (ରସଗୋଲା) ଦେଇ ଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥା'ନ୍ତି। ଭକ୍ତମାନେ ମହାପ୍ରଭୁଙ୍କୁ ସେହି ସ୍ମୃତି ସ୍ୱରୂପ ନୀଳାଦ୍ରିବିଜେ ପୂର୍ବରୁ ମହାପ୍ରଭୁଙ୍କୁ ରସଗୋଲା ଚକ୍ରମଣୋହି କରିଥା'ନ୍ତି। ବିଶ୍ୱାସ ରହିଚି, ମହାପ୍ରଭୁ ଶ୍ରୀଦେବୀଙ୍କୁ ସନ୍ତୁଷ୍ଟ କରିବା ପୂର୍ବରୁ ଭକ୍ତମାନେ ମହାପ୍ରଭୁଙ୍କୁ ସନ୍ତୁଷ୍ଟ କରିଥା'ନ୍ତି। ଲୋକାଚାର ପ୍ରଥା ଅନୁଯାୟୀ ଏହା ଏବେ ପରମ୍ପରାରେ ପରିଣତ ହୋଇଯାଇଛି।

## ଅଗଷ୍ଟରେ ହୋଇପାରେ ରତ୍ନଅଳଙ୍କାର ଗଣତିମଣତି

ପୁରୀ, ୮।୭ (ସମିସ): ଶେଷ ହୋଇଛି ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ। ଏଏସ୍ଆଇ ଉଭୟ ଭିତର ଏବଂ ବାହାର ରତ୍ନଭଣ୍ଡାର ମରାମତି କାମ ଶେଷ କରି ଶ୍ରୀମନ୍ଦିର ପ୍ରଶାସନକୁ ଚାବି ହସ୍ତାନ୍ତର କରିଛି। ଏବେ ସମସ୍ତଙ୍କ ନଜର ରହିଛି କେବେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତିମଣତି କରାଯିବ। ଏ ପ୍ରସଙ୍ଗରେ ମଙ୍ଗଳବାର ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ବୁଧବାର ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆର୍ବିଆଇ)କୁ ଚିଠି ଲେଖାଯିବ। ଆର୍ବିଆଇର ଦୁଇଜଣ ବରିଷ୍ଠ ଓ ଅଭିଜ୍ଞ ଅଧିକାରୀ ଆସିବା ପାଇଁ ଏହି ଚିଠିରେ ଉଲ୍ଲେଖ କରାଯିବ। ସ୍ୱତନ୍ତ୍ର ଏସ୍ଓପି ଅନୁଯାୟୀ ଉଚ୍ଚସ୍ତରୀୟ କମିଟି ବୈଠକ ବସିବ। ଏହାପରେ ଅସ୍ଥାୟୀ ଖଟଶେଯ ଓ ଫୁଲ ଶେଯ ଘରେ ଥିବା ରତ୍ନଅଳଙ୍କାର ଭିତର ଓ ବାହାର ରତ୍ନଭଣ୍ଡାରକୁ ଅଣାଯିବ। ଅଗଷ୍ଟ ମାସରେ ରତ୍ନଭଣ୍ଡାର ଗଣତିମଣତି ପ୍ରକ୍ରିୟା ହୋଇପାରେ ବୋଲି ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ୧୯୭୮ମସିହାରେ ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ହୋଇ ତାଲିକା ପ୍ରକାଶ ପାଇଥିଲା। ସେହି ତାଲିକା ସହ ମହାପ୍ରଭୁଙ୍କ ଅଳଙ୍କାର ମେଳ କରାଯିବ।

■ ଉତ୍ତରମୁହାଁ ଲଘୁଚାପ

## ଝାଡ଼ଖଣ୍ଡରେ ବର୍ଷିବ, ଓଡ଼ିଶାରେ କମିବ

ଭୁବନେଶ୍ୱର,୮।୭(ସମିସ): ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦରେ ଜଳସ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ପଶ୍ଚିମବଙ୍ଗ ଉପରେ ରହିଥିବା ଲଘୁଚାପ କ୍ଷେତ୍ରଟି ଆଗକୁ ଝାଡ଼ଖଣ୍ଡ-ଛତିଶଗଡ଼ ମୁହାଁ ହେବାକୁ ଥିବାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବାର ଆଶଙ୍କା ରହିଛି। ଅନ୍ୟପଟେ ବର୍ତ୍ତମାନ ହୀରାକୁଦରୁ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଥିବା ବେଳେ ମଙ୍ଗଳବାର ସକାଳ ସୁଦ୍ଧା ଏହି ଜଳ ମୁଣ୍ଡଳୀଠାରେ ପହଞ୍ଚିଛି। ବୁଧବାରଠାରୁ ୧୧ ଜୁଲାଇ ମଧ୍ୟରେ ଓଡ଼ିଶାରେ ବର୍ଷାର ପରିମାଣ କମିବାର ସମ୍ଭାବନା ରହିଛି। ମାତ୍ର ଉତ୍ତର ପଶ୍ଚିମ ଜିଲ୍ଲାମାନଙ୍କରେ ବୁଧବାର କିଛି କିଛି ବର୍ଷା ନେଇ ଆଶଙ୍କା ରହିଛି। ତେବେ ଆସନ୍ତା ୧୨/୧୩ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ପୁଣି ବର୍ଷା ବଢ଼ିବାର ଆଶଙ୍କା ରହିଛି।

ଅନ୍ୟପଟେ ବୈତରଣୀ ନଦୀ ଫୁଲିବା ହେତୁ ଉତ୍ତର ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ଶିମିଳିପାଳ ଉପର ମୁଣ୍ଡରେ ପ୍ରବଳ ବର୍ଷା ପାଇଁ ଦେଓ ନଦୀରେ ମଧ୍ୟ ଜଳସ୍ତର ବଢ଼ିଛି। ଏବେ ଉଦଳା-ବାଲେଶ୍ୱର ସମେତ ୮ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବୈତରଣୀ ଫୁଲିବା ହେତୁ ଆଖୁଆପଦା ନିକଟରେ ଜଳସ୍ତର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟା ଜଳ ବୃଦ୍ଧି ଭିତରେ ଯାଜପୁର ନିଜାମପୁରରେ ୨୦ରୁ ୩୦ ଫୁଟ୍ ଯାଏଁ ଆଡ଼ିବନ୍ଧ ଧସିଛି। ବାଲି ବସ୍ତା ପକାଇ ଘାଇ ମରାମତି କରାଯାଉଥିବା ବେଳେ ଏଠାରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେବେ ରାଜ୍ୟରେ ବନ୍ୟା ସ୍ଥିତି ଭିତରେ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଲୋକଙ୍କୁ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟବାସୀଙ୍କ ସହ ସରକାର ଅଛନ୍ତି। ବିଚଳିତ ହେବାର ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ଅନୁଗୁଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଗୁରୁବାରଠାରୁ ବର୍ଷାର ପ୍ରଭାବ କମିବା ସହ ୧୩ ପରେ ପୁଣି ବର୍ଷା ବଢ଼ିବ ବୋଲି କେନ୍ଦ୍ର ଆକଳନ କରିଛି।

## ୪ ଗେଟ୍ ବନ୍ଦ କଲା ହୀରାକୁଦ

ସମ୍ବଲପୁର, ୮।୭ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଖସିବାରେ ଲାଗିଛି। ରବିବାର ୧୨ଟା ବେଳକୁ ଜଳସ୍ତର ୬୧୦ ଫୁଟ୍‌ରେ ପହଞ୍ଚି ଯାଇଥିଲା। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ସେହିଦିନ ପୂର୍ବାହ୍ଣ ୧୦ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୬.୭୭ ଫୁଟ୍ ଥିବା ବେଳେ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିଲା। ସେଥିରୁ ୪ଟି ସ୍ଲୁଇସ୍ ଗେଟ୍ ବନ୍ଦ କରିଦେବାକୁ ସନ୍ଧ୍ୟା ସାଢ଼େ ୬ଟା ବେଳକୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।

ଆଜି ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୬.୭୭ ଫୁଟ ରହିଛି। ନଦୀବନ୍ଧର ବାମପଟର ୧୧ଟି ଓ ଡାହାଣ ପଟର ୫ଟି; ଏହିପରି ୧୬ଟି ସ୍ଲୁଇସ ଗେଟ୍ ଜରିଆରେ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୨,୬୫୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୨୪,୯୩୧ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଡାକ୍ତରବାଞ୍ଜେରି ଗାଁ ବିକ୍ରି ଘଟଣା

## 'ଜୀବନ ଦେବୁ ପଛେ, ଇଞ୍ଚେ ବି ଜାଗା ଛାଡ଼ିବୁ ନାହିଁ'



ପାରଳାଖେମୁଣ୍ଡି,୮।୭(ସମିସ): ଡାକ୍ତରବାଞ୍ଜେରି ଗାଁ ବିକ୍ରି ଘଟଣାରେ ଆଦିବାସୀ ମହାସଂଘ ହସ୍ତକ୍ଷେପ କରିଛି। ଗ୍ରାମବାସୀଙ୍କ ସହ ଆଦିବାସୀ ମହାସଂଘର ବୈଠକ, ଆନ୍ଦୋଳନ ପାଇଁ ସଜବାଜ ପାଇଁ ପ୍ରସ୍ତୁତ ହେଉଛି ରଣନୀତି। ଆଦିବାସୀ ସଂଘର ଏକ ପ୍ରତିନିଧିଦଳ ଜିଲ୍ଲା ସଂଘ ସଭାପତି ନୀର ଭୂୟାଁଙ୍କ ନେତୃତ୍ୱରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ କତଲକଇଠା ପଞ୍ଚାୟତ ଅନ୍ତର୍ଗତ ଡାକ୍ତର ବାଞ୍ଜେରି ଗାଁକୁ ଯାଇ

■ ହସ୍ତକ୍ଷେପ କଲା ଆଦିବାସୀ ମହାସଂଘ; ଆନ୍ଦୋଳନ ପାଇଁ ସଜବାଜ
■ ଗ୍ରାମବାସୀଙ୍କ ସହ ସଂଘ ସଭାପତିଙ୍କ ଆଲୋଚନା

ଗ୍ରାମବାସୀଙ୍କ ସହ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି।

ଚର୍ଚ୍ଚ ପରିସରରେ ଆୟୋଜିତ ଏହି ବୈଠକରେ ଗାଁ ବିକ୍ରି ସମ୍ପର୍କରେ ଆଲୋଚନା ହୋଇଛି। କେବେଠାରୁ ବସବାସ କରୁଛନ୍ତି, କ'ଣ ଦସ୍ତାବିଜ ରହିଛି ଏବଂ ମାଲିକାନା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛନ୍ତି। ତହସିଲଦାର ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରୁ ମଧ୍ୟ ତଥ୍ୟ ସଂଗ୍ରହ ପରେ ରାଜ୍ୟ ସଂଘ ସହ ଆଲୋଚନା ହେବ। ଏହାପରେ ପରବର୍ତ୍ତୀ ସମୟରେ ଆଗାମୀ କାର୍ଯ୍ୟପନ୍ଥା ନିଷ୍ପତ୍ତି ନିଆଯିବ। ସଂଘ ଆଦିବାସୀଙ୍କ ଉନ୍ନତି ପାଇଁ ଗଠନ ହୋଇଛି। ଆଦିବାସୀଙ୍କ ପାଇଁ ସର୍ବଦା ଲଢ଼େଇ କରିବ ବୋଲି ଜିଲ୍ଲା ସଂଘ ସଭାପତି କହିଛନ୍ତି। ଅନ୍ୟପକ୍ଷରେ 'ଜୀବନ ଦେବୁ ପଛେ, ଇଞ୍ଚେବି ଜାଗା ଛାଡିବୁ ନାହିଁ' ବୋଲି ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନର ସରକାର ଆଦିବାସୀଙ୍କ ସହ ଖେଳୁଛନ୍ତି। ପୂର୍ବ ସରକାର ଏହା କରିବାକୁ ଦେଇନଥିଲେ ବୋଲି କହିଛନ୍ତି ଗ୍ରାମବାସୀ।

ସୂଚନାଯୋଗ୍ୟ, ଡାକ୍ତରବାଞ୍ଜେରି ଗାଁର ନୂଆ ଜନବସତି ଅଞ୍ଚଳ ସମେତ ୪୭ ଏକର ଜମି କିଣାବିକା ହୋଇଛି। ଏହି ୪୭ ଏକର ଜମି ମଧ୍ୟରେ ଦୁଇଟି ଜନବସତି ରହିଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଘର ରହିଛି। ସରକାରଙ୍କ ତରଫରୁ ରାସ୍ତାଘାଟ, ଘରକୁ ଘର ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତୀକରଣ ସହ ଆବାସିକ ଯୋଜନାରେ ଘର ମଧ୍ୟ ଯୋଗାଇ ଦିଆଯାଇଛି। ଏବେ ଏହି ୪୭ ଏକର ଜମିର ମାଲିକ ବ୍ରହ୍ମପୁରର ଜଣେ ମହିଳା ହୋଇଛନ୍ତି। ସେ ସରକାରୀ ଭାବେ ୧.୪୪ କୋଟି ଟଙ୍କା ଓ ୭ ଲକ୍ଷ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଦେଇ ବିକ୍ରେତାଙ୍କ ଠାରୁ କ୍ରୟ କରିନେଇଥିବା ଜଣାପଡ଼ିଛି। ଏତେ ପରିମାଣର ଜମି ମାତ୍ର ୧.୪୪ କୋଟି ଟଙ୍କାରେ ବିକ୍ରି ହେବା କଥାକୁ ନେଇ କାହାକୁ ହଜମ ହେଉନଥିବା ବେଳେ ଗ୍ରାମରେ ଥିବା ଦୁଇ ଜନଭରା ସାହିକୁ ମଧ୍ୟ ବିକ୍ରି କରାଯାଇଥିବାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ହେଲେ ଏନେଇ ଜିଲ୍ଲା ପ୍ରଶାସନ କି ରାଜସ୍ୱ ବିଭାଗର ବାବୁମାନେ ମୁହଁ ଖୋଲୁନାହାନ୍ତି। ଏତେବଡ଼ ଡିଲ୍ ପଛରେ କାହାର ହାତ ରହିଛି, ୪୭ଏକର ଜମିର ମୂଲ୍ୟ ଆଦିକୁ ନେଇ ନାନାଦି ଆଲୋଚନା ହେଉଥିବା ବେଳେ ବର୍ତ୍ତମାନ ସରକାରଙ୍କ ଜଣେ ପ୍ରଭାବଶାଳୀ ନେତାଙ୍କ ପ୍ରଚ୍ଛଦପଟ ହାତ ରହିଥିବା ଚର୍ଚ୍ଚା ହେଉଛି।

## ରଥଚକ ତଳେ ପଡ଼ି ତରଭା ଏନ୍ଏସି ଉପନଗରପାଳ ଗୁରୁତର

ତରଭା, ୭।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଏନ୍ଏସି ଉପନଗରପାଳ ଗଗନ ଅଗ୍ରୱାଲ ରଥ ଚକ ତଳେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ତରଭାର ଶ୍ରୀ ଦଧିବାବନଙ୍କ ବାହୁଡ଼ା ଯାତ୍ରାର



ଶେଷଦିନରେ ଆଜି ଏହି ଅଘଟଣ ଘଟିଛି। ସନ୍ଧ୍ୟାରେ ସୁନାରୀପଡ଼ାରୁ ରଥ ବାହାରିଥିଲା। ସନ୍ଧ୍ୟା ୭ଟାରେ ରଥପଡ଼ାସ୍ଥିତ ସୁନୀଲ ସାହୁଙ୍କ ଦୋକାନ ସମ୍ମୁଖରେ ଏହି ଘଟଣା ଘଟିଥିଲା। ଉପନଗରପାଳ ଶ୍ରୀ ଅଗ୍ରୱାଲ ଅନ୍ୟ ସ୍ୱେଚ୍ଛାସେବୀଙ୍କ ସହ ରଥ ସମ୍ମୁଖରେ ରହି ଶୃଙ୍ଖଳାର ସହ ରଥଟଣା ବ୍ୟବସ୍ଥା ବୁଝୁଥିଲେ। ସୁନୀଲ ମେହେରଙ୍କ ଦୋକାନ ସମ୍ମୁଖରେ ରଥର ବ୍ରେକ୍ ପକାଯାଇଥିଲା। ଏହି ସମୟରେ ଗଗନଙ୍କ ଡାହାଣ ଗୋଡ଼ ବ୍ରେକ୍ ଓ ରଥଚକ ମଧ୍ୟରେ ପଡ଼ିଯାଇଥିଲା। ଏଥିରେ ତାଙ୍କର ନଳିଗୋଡ଼ ଭାଙ୍ଗିଯାଇଛି। ଗଗନ ରଥଚକ ତଳେ ପଡ଼ିଯିବା ଦେଖି ନିକଟରେ ଥିବା ଜଣେ ସ୍ୱେଚ୍ଛାସେବୀ ରାମ ନାଏକ, ଏଏସ୍ଆଇ ଶୁଭେନ୍ଦୁ ସିଂ ବାବୁ, ସୁରେନ୍ଦ୍ର ଦଳବେହେରା, ମଧୁସୂଦନ ପାଣ୍ଡେ, ବିଶ୍ୱରଂଜନ ମିଶ୍ର ତାଙ୍କୁ ଟାଣିଆଣିଥିଲେ। ସଙ୍ଗେସଙ୍ଗେ ଗଗନଙ୍କୁ ବଲାଙ୍ଗୀର ଡାକ୍ତରଖାନା ନିଆଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ପରେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଆଜି ସର୍ବଭାରତୀୟ ଧର୍ମଘଟ




ଭୁବନେଶ୍ୱର,୮।୭(ସମିସ): ବୁଧବାର ସର୍ବ ଭାରତୀୟ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଫେଡେରେସନ୍ସ୍ ଓ ଶିଳ୍ପ ଶ୍ରମିକ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି। କେନ୍ଦ୍ର ସରକାରଙ୍କର ୪ଟି ଶ୍ରମକୋଡ୍‌କୁ ବିରୋଧ ସହିତ ଘରୋଇ କରଣ, ଦରଦାମ୍ ବୃଦ୍ଧି, ବେକାରୀ ସମସ୍ୟା, ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କା, ଅଙ୍ଗନବାଡ଼ି, ଆଶା, ପାଚିକା ଆଦି ସ୍କିମ୍‌ରେ କାର୍ଯ୍ୟରତ ମା'ମାନଙ୍କୁ ଶ୍ରମିକର ମାନ୍ୟତା ଦେବା ଆଦି ଦାବି ରହିଛି। ରାଜ୍ୟ ସରକାର ବନ୍ଦର, ଖଣି, ବିମାନ ବନ୍ଦର ଓ ପ୍ରାୟ ସରକାରୀ ସଂସ୍ଥାକୁ ଆଦାନୀ ହାତରେ ଟେକିଦେବା ଓ ଅନ୍ୟାନ୍ୟ ବୃହତ ଶିଳ୍ପକୁ ଶିଳ୍ପପତି ମାନଙ୍କ ହାତରେ ଟେକିଦେବା ବିଶେଷକରି ପରିବହନ ଶ୍ରମିକ ମାନଙ୍କ ଦାବି ତୁରନ୍ତ ପୂରଣ କରିବା ପାଇଁ ଏହି ଧର୍ମଘଟର ଆହ୍ୱାନ ଦିଆଯାଇଛି।

ସାମିଲ ହେବ ବିଜୁ ଶ୍ରମିକ ସାମ୍ମୁଖ୍ୟ

ଏହି ଧର୍ମଘଟରେ ସାମିଲ ହେବାକୁ ଘୋଷଣା କରିଛି ବିଜୁ ଶ୍ରମିକ ସାମ୍ମୁଖ୍ୟ। ହି ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ବିଜୁ ଶ୍ରମିକ ସାମୁଖ୍ୟ ତଥା ବିଏସ୍ଏସ୍ ଓଡିଶାର ସମସ୍ତ ଶ୍ରମିକମାନଙ୍କୁ ଆହ୍ୱାନ ଦେଇଛି। ୯ ଜୁଲାଇ ସକାଳ ୮ ଟା ୩୦ ସମୟରେ ଭୁବନେଶ୍ୱର ରାଜମହଲ ଛକ ଠାରେ ସଂଗଠନର ଉପ ସଭାପତି ନବ କିଶୋର ମହାନ୍ତିଙ୍କ ନେତୃତ୍ୱରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଧର୍ମଘଟରେ ସାମିଲ ହେବେବୋଲି ନିଷ୍ପତି ନିଆଯାଇଛି। ମଙ୍ଗଳବାର ସଂଘଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜୁ ଶ୍ରମିକ ସାମୁଖ୍ୟର ସଭାପତି ପ୍ରଫୁଲ୍ଲ ସାମଲ, ମହାସଚିବ ସୁବାସ ସିଂହ, ଉପସଭାପତି ନବ କିଶୋର ମହାନ୍ତି, ସମ୍ପାଦକ ରାଜୀବ ମହାନ୍ତି ଓ ଅଟୋଚାଳକ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ପଦ୍ମନ ସାମଲ, ରାଜ୍ୟ ପାଚିକା ସାମୁଖ୍ୟର ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରସ୍ମିତା ଜେନା ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତି ଥିଲେ।

ଆରଆଇ ଅମିନ ନିଯୁକ୍ତି

## ଅନ୍‌ଲାଇନ୍ ପରୀକ୍ଷା ପ୍ରତିବାଦରେ ଆଶାୟୀଙ୍କ ଧାରଣା

ଭୁବନେଶ୍ୱର,୮।୭(ସମିସ): ଅନ୍‌ଲାଇନ୍‌ରେ ଆର୍ଆଇ, ଏଆର୍ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପାଇଁ ମୁଖ୍ୟ ପରୀକ୍ଷା କରିବାକୁ ବିରୋଧ କରିଛନ୍ତି ଆଶାୟୀ। ମଙ୍ଗଳବାର ଶତାଧିକ

■ ଗୋଟିଏ ଦିନ, ଗୋଟିଏ ସିଫ୍ଟ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ପରୀକ୍ଷା ଦାବି
■ ଉନ୍ନତ ଓ ଅଭିଜ୍ଞତାସଂପନ୍ନ କମ୍ପାନୀ ପରିଚାଳନା କରିବ: ଓଏସ୍ଏସ୍ଏସ୍‌ସି

ପରୀକ୍ଷାର୍ଥୀ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍ଏସ୍ଏସ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଅଫ୍‌ଲାଇନ୍ ପରୀକ୍ଷା ଦାବି କରିଛନ୍ତି। ଅନ୍‌ଲାଇନ୍‌ରେ ହୋଇଥିବା ପ୍ରିଲିମ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିଲା। ଫଳରେ ସମସ୍ତଙ୍କୁ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଛି। ଏଣୁ ମୁଖ୍ୟ ପରୀକ୍ଷାକୁ ଅନ୍‌ଲାଇନ୍ ପରିବର୍ତ୍ତେ ଅଫ୍‌ଲାଇନ୍‌ରେ ଗୋଟିଏ ସିଫ୍ଟରେ




କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଅଗଷ୍ଟ ପହିଲାରୁ ସେପ୍ଟେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାୟ ମାସେ ପର୍ଯ୍ୟନ୍ତ ଅନ୍‌ଲାଇନ୍ ପରୀକ୍ଷା କରିବା ଦ୍ୱାରା ପ୍ରିଲିମ୍ ପରୀକ୍ଷା ପରି ହେରଫେର୍ ଓ ଜାଲିଆତି ଆଶଙ୍କା କରୁଛନ୍ତି ଆଶାୟୀ। ପୁଣି ନର୍ମାଲାଇଜେସନ୍ କରି ପରସେଣ୍ଟାଇଲ୍ ପ୍ରକାଶ କରାଯାଉଥିବାରୁ ବହୁ ଯୋଗ୍ୟ ପ୍ରାର୍ଥୀ ଚାକିରି ପାଇ ପାରୁନାହାନ୍ତି। ତହିଁରେ ସ୍ୱଚ୍ଛତା ନେଇ ମଧ୍ୟ ଆଶାୟୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏଣୁ ଗୋଟିଏ ଦିନ, ଗୋଟିଏ ସିଫ୍ଟରେ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ପରୀକ୍ଷା କରିବାକୁ ସେମାନେ ଦାବି କରିଛନ୍ତି।

ଧାରଣାରତ ଆଶାୟୀଙ୍କ ସହ ଓଏସ୍ଏସ୍ଏସ୍‌ସି ଅଧ୍ୟକ୍ଷ ଆଲୋଚନା କରି ବୁଝାସୁଝା କରିଥିଲେ। ଅନ୍‌ଲାଇନ୍‌ରେ ପରୀକ୍ଷା ହେବ, କିନ୍ତୁ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଅଭିଜ୍ଞତାସଂପନ୍ନ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ଆଶ୍ୱାସନା ଦେଇଛନ୍ତି। ଏପରିକି, ପରସେଣ୍ଟାଇଲ୍ ସମ୍ପର୍କରେ ବିଚାର କରିବାକୁ ମଧ୍ୟ କହିଛନ୍ତି। ଆଶାୟୀଙ୍କ ମଧ୍ୟରେ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଧାରଣାରତ ଆଶାୟୀଙ୍କ ମଧ୍ୟରେ ପରମେଶ୍ୱର ବଳ, ତୋଫାନ ପରିଡ଼ା, ପରେଶ କୁମାର ରଏ, ରଞ୍ଜନ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଶତାଧିକ ପରୀକ୍ଷାର୍ଥୀ ସାମିଲ ଥିଲେ।

■ ଆୟୁଷ୍ମାନ ଆରୋଗ୍ୟ ଶିବିର

# ଉପାନ୍ତ ଅଞ୍ଚଳରେ ପହଞ୍ଚିଲା ସ୍ୱାସ୍ଥ୍ୟସେବା

ବୋରିଗୁମ୍ମା, ୮।୭ (ସମିସ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କାଠରଗୋଡା ଏବଂ ଚମ୍ପାପଦରଠାରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବୋରିଗୁମ୍ମା ବ୍ଲକ କାଠରଗୋଡା ଏବଂ ଚମ୍ପାପଦର ଉପାନ୍ତ ଅଞ୍ଚଳରେ ଲୋକେ ସ୍ୱାସ୍ଥ୍ୟ ସେବା ପାଉଥିଲେ। କିନ୍ତୁ ଏହି ଆୟୁଷ୍ମାନ ଆରୋଗ୍ୟ ଶିବିର ଫଳରେ ଲୋକେ ହାତ ପାଆନ୍ତାରେ ସ୍ୱାସ୍ଥ୍ୟ ସେବା ପାଇ ପାରିଲେ। କାଠରଗୋଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ଚମ୍ପାପଦର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରେ ସମସ୍ତ ପ୍ରକାର ବିଶେଷଜ୍ଞ ଡାକ୍ତର ,ଫାର୍ମାସିଷ୍ଟ,ଟେକ୍ନିସିଏନ ଆଶା କର୍ମୀ ଉପସ୍ଥିତ ରହି ବିଭିନ୍ନ ପ୍ରକାର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ଦୁଇ ପଞ୍ଚାୟତର ୨୦୦ରୁ ଅଧିକ ରୋଗୀ ଚିକିତ୍ସିତ ହୋଇଥିଲେ। ସ୍ୱାସ୍ଥ୍ୟ ଶିବିରରେ ୩ଟି ରାଷ୍ଟ୍ରୀୟ ବାଲ ସୁରକ୍ଷା ଟିମ୍ ନିୟୋଜିତ ଥିଲେ। ଡାକ୍ତର ଙ୍କ ମଧ୍ୟରେ ଡା. ଶ୍ରୀକାନ୍ତ ଶତପଥୀ (ମେଡ଼ିସିନ ବିଶେଷଜ୍ଞ) ଡା. ପ୍ରବୀଣ କୁମାର ଦାସ(ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ) ଡା. ନିଗମ ନନ୍ଦ ବେହେରା (ଦନ୍ତ ବିଶେଷଜ୍ଞ) ଡା. ଶିବ ପ୍ରସାଦ ମହାରଣା, ଡା. ଦେବଦ୍ୟୁତ ଶତପଥୀ ଏବଂ ଡା. ଦିଲୀପ କୁମାର ନାଥ ଉପସ୍ଥିତ ଥିଲେ। ସେହିପରି ବୋରିଗୁମ୍ମା ବିଡ଼ିଓ ସୁକାନ୍ତ ପଟ୍ଟନାୟକ ଏବଂ ଅତିରିକ୍ତ ତହସିଲଦାର ସ୍ୱାସ୍ଥ୍ୟ ଶିବିରକୁ ବୁଲି ଦେଖିଥିଲେ। ଔଷଧ ବିତରଣ ଦାୟିତ୍ୱରେ ସୁଜିତ ନାୟକ, ଦେବାଶିଷ ପଣ୍ଡା ଏବଂ ରାଜେଶ ପାତ୍ର ରହି ରୋଗୀଙ୍କୁ ଔଷଧ ପ୍ରଦାନ କରିଥିଲେ। ଗୋଲୋକ ବିହାରୀ ଚୌଧୁରୀ, ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଏସ ଶ୍ରୀନିବାସ ଆରୋଗ୍ୟ ଶିବିରର ପରିଚାଳନା କରିଥିବା ବେଳେ ମନୋଜ ପାତ୍ର, ରଶ୍ମିତା ପାତ୍ର, ଭଗବତୀ ନାଗ, ମିତା ରାଣୀ ନାୟକ, ପ୍ରତାପ ହିଆଲ ଆରୋଗ୍ୟ ଶିବିରର କାର୍ଯ୍ୟ ତୁଲାଇଥିଲେ। ଆଗାମୀ ଦିନରେ ତମ୍ବ ତୁରୁଞ୍ଜି ଭଳି ଉପାନ୍ତ ଅଞ୍ଚଳରେ ଆରୋଗ୍ୟ ଶିବିର ଆୟୋଜନ କରାଯିବ ବୋଲି କହିଛନ୍ତି ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶ୍ରୀକାନ୍ତ ଶତପଥୀ

# ରାସ୍ତାରେ ଧାନରୋଇ ପ୍ରତିବାଦ



ବୈପାରିଗୁଡ଼ା, ୮।୭(ସମିସ): ପ୍ରଶାସନିକ ଅବହେଳାର ଉଦାହରଣ ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡ଼ି ପଞ୍ଚାୟତର ପଣସପୁଟ ଗାଁରେ ଦେଖିବାକୁ ମିଳିଛି। ଏଠାରେ ଅସରାଏ ବର୍ଷା ହେଲେ ଗାଁ ରାସ୍ତା କାଦୁଅରେ ବୁଡ଼ିଯାଏ। ଦୀର୍ଘଦିନ ଧରି ଗାଁ ଲୋକେ ଅଭିଯୋଗ କଲାପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସେମାନେ ପ୍ରତିବାଦ ସ୍ୱରୂପ ରାସ୍ତାରେ ଧାନ ରୋଇଛନ୍ତି। ପଣସପୁଟ ଠାରୁ ଦଣ୍ଡାବାଡି ଦୂରତା ୨ କିଲୋମିଟର। ମାଟି ରାସ୍ତା ହେତୁ ସାମାନ୍ୟ ବର୍ଷା ହେଲେ କାଦୁଅ ହୋଇଯିବା ସହ ରାସ୍ତାର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ଏପରି ସ୍ଥଳେ ଗାଡ଼ି ମୋଟର ଯିବା ଦୂରର କଥା, ପାଦରେ ଚାଲି ଚାଲି ଯିବା ମଧ୍ୟ ଅସମ୍ଭବ ହୋଇ ପଡୁଛି। ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପଞ୍ଚାୟତ ସଦର ମହକୁମାକୁ ଯିବାକୁ ପଡୁଥିବା ବେଳେ ରାସ୍ତା ପ୍ରତିବନ୍ଧକ ସାଜିଛି। ପଣସପୁଟ ଗ୍ରାମକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନଥିବାରୁ ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା କଷ୍ଟକର ହୋଇ ପଡୁଛି। ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ନେଉନାହିଁ। ତେଣୁ ପଣସପୁଟ ଗ୍ରାମବାସୀ ଏହାର ତୀବ୍ର ପ୍ରତିବାଦ କରି ରାସ୍ତାରେ ଧାନ ଗଛ ରୋଇବା ସହ ଅସନ୍ତୋଷ ଜାହିର କରିବା ସହ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବିଷମକଟକ,୮।୭(ସମିସ):

ବିଷମ କଟକ ବ୍ଲକ ସଦରର ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଷମ କଟକ ବିଧାୟକ ନୀଳମାଧବ ହିକକା ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ଦେବୀ ପଟ୍ଟନାୟକ, ଭିନ୍ନକ୍ଷମ ସଭାପତି ରାକେଶ ହିମରିକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବରରେ ୯୪ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ଅସ୍ଥିଶଲ୍ୟ ବିଷେଶଜ୍ଞ ଡ. ରଂଜନ କୁମାର ସାହୁ, ଭେଷଜ ବିଷେଶଜ୍ଞ ସୁରେଶ କୁମାର ଦେଓ, ଚକ୍ଷୁ ବିଶେଷଜ୍ଞ ଏମ୍. ସୁରେଶ କୁମାର, ଇଏନ୍‌ଟିର ସଂଘମିତ୍ରା ପାତ୍ର, ଶ୍ରବଣ ବିଶେଷଜ୍ଞ ଡ.ଶୁପ୍ରଭା ପଣ୍ଡା, ଡ.ରଞ୍ଜନ କୁମାର ସାହୁ, ଫର୍ମାସିଷ୍ଟ ଜଗନ୍ନାଥ ନାୟକ ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ବିଷମ କଟକ ପୁଲିସ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଡିଏସ୍‌ଏସ୍‌ଓ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଏସ୍‌ଏସ୍‌ଏସ୍‌ଓ ଗୁଣପୁର ରଞ୍ଜିତା ବେହେରା, ବିଏସ୍‌ଏସ୍‌ଓ ମୁନା ତାଡିଙ୍ଗି, କିରାଣୀ ସୁଧାକର ଗରଡିଆ, ବିଆର୍‌ଟି ଜୟନ୍ତ ବିଶ୍ୱାଳଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ, ରାଜସ୍ୱ ନିରୀକ୍ଷକ, ଜୀବିକା ମିଶନର କର୍ମଚାରୀମାନେ ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କୁ ସହଯୋଗ କରିଥିଲେ। ଏ ଅବସରରେ ଦୁଇଟି ଋଣ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ୧୦ଜଣଙ୍କୁ ବସ୍ ପାସ୍, ୧୬ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୪ଟି ତିନିଚକିଆ ସାଇକଲ, ତିନୋଟି ଆଶା ବାଡି, ୫ଟି ଶବଣ ବାଧିତ ଯନ୍ତ୍ର ଏବଂ ଦୁଇଟି ବାଙ୍କୁଲି ବାଡି ପ୍ରଦାନ କରାଯାଇଛି।

## ଓମସା ଦେଲା ଚେତାବନୀ

# ୨୪ରୁ ସମୂହ ଛୁଟିରେ ଯିବେ ଡାକ୍ତର

ରାୟଗଡା,୮।୭(ସମିସ):




ଜୁନ ମାସରେ ଡାକ୍ତରଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ନେଇ କଲ୍ୟାଣସିଙ୍ଗପୁର ଥାନା ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଅଭିଯୋଗ ଆଣିଛନ୍ତି ଓଡିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା)। ଏହି ଘଟଣାରେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ଓ ଜଣେ ଦାନ୍ତ ଡାକ୍ତରଙ୍କ ବିରୋଧରେ ପୋଲିସ ଯେଉଁ ମିଥ୍ୟା ଦଫା ଆଳରେ ଦୀର୍ଘ ୧୮ ଘଣ୍ଟା ଅଟକାଥିଲେ , ସେଥିରେ ଡାକ୍ତରଙ୍କ ମର୍ଯ୍ୟାଦା ହାନି ହୋଇଛି, ତେଣୁ ସେଗୁଡିକ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଛି ଜିଲ୍ଲା ଡାକ୍ତର ସଂଘ। ଯଦି ଆସନ୍ତା ଜୁଲାଇ ୨୩ ତାରିଖ ସୁଦ୍ଧା ଜିଲ୍ଲା ପ୍ରଶାସନ, ଆରକ୍ଷୀ ଅଧିକ୍ଷକ ଏବଂ ମେଡିକାଲ କର୍ତ୍ତୃପକ୍ଷ କୌଣସି ବିଶେଷ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ୨୪ତାରିଖରୁ ରାୟଗଡା ଜିଲ୍ଲାର ସମସ୍ତ ଡାକ୍ତର ସମୂହ ଛୁଟିରେ ଯିବେ ବୋଲି ଲିଖିତ ଭାବରେ ସିଡିଏମଓ, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ସଂଘ ପକ୍ଷରୁ ଜଣାଇ ଦିଆଯାଇଛି। ଆଜି ଏନେଇ ସିଡିଏମଓ ଭି. ସରୋଜିନୀ ଦେବୀ ଏବଂ ଜିଲ୍ଲାପାଳ ପାରୁଲ ପଟାଓ୍ୱରୀଙ୍କ ସହ ଆଲୋଚନା କରାଯାଇଛି। ସୂଚନା ଯୋଗ୍ୟଯେ ଗତ ଜୁନ ମାସରେ ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସଲୀ ପଞ୍ଚାୟତ ଭାଲେରି ଗ୍ରାମର ଜଣେ ରୋଗୀଙ୍କୁ ନେଇ ସଞ୍ଜୟ ବିଡ଼ିକା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ ଏବଂ ଚିକିତ୍ସା ଅବହେଳା ନେଇ ଭିଡିଓ ଉତ୍ତୋଳନ କରିଥିଲେ। ଏନେଇ ଡାକ୍ତରଙ୍କ ସହ ବଚସା ହେବାରୁ ଡାକ୍ତରମାନେ ନିଜର ସୁରକ୍ଷା ନେଇ କଲ୍ୟାଣସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ପରଦିନ ସଞ୍ଜୟଙ୍କ ମୃତଦେହ କଲ୍ୟାଣସିଂହପୁର ବ୍ଲକ ସୀମାନ୍ତ ବୃନ୍ଦାବାଡି ରେଳ ଧାରଣାରେ ମିଳିଥିଲା। ଏନେଇ ପରିବାର ପକ୍ଷରୁ ସଞ୍ଜୟଙ୍କୁ ହତ୍ୟା କରାଯାଇଥିବା ନେଇ କଲ୍ୟାଣସିଂହପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ ଡାକ୍ତରଙ୍କୁ ଦୀର୍ଘ ୧୮ ଘଣ୍ଟା ଅଟକାଇବା ସହ ପରିବାର ବର୍ଗ, ବିଭାଗୀୟ ଅଧିକାରୀ କାହା ସହିତ ଯୋଗାଯୋଗ କରିବାକୁ ଦେଇ ନ ଥିବା ନେଇ ସଂଘ ଅଭିଯୋଗ ହୋଇଛି। ସିସିଟିଭି ଫୁଟେଜରେ ସମସ୍ତ ଘଟଣା ଫୁଟେଜ ରହିଥିଲେ ମଧ୍ୟ ପୋଲିସ ଏହି ଘଟଣାରେ ସାଙ୍ଘାତିକ ମାନବ ଅଧିକାର ଉଲ୍ଲଂଘନ କରିଥିବା ବେଳେ ଘଟଣାରେ ସିଡିଏମଓ କିମ୍ବା ବରିଷ୍ଠ ଡାକ୍ତରଙ୍କ ସହ ଜିଲ୍ଲା ଏସପି କୌଣସି ପ୍ରକାର ଆଲୋଚନା କରିବାକୁ ସମୟ ଦେଇ ନ ଥିଲେ ବୋଲି ଓମସାର ରାଜ୍ୟ ଅଧକ୍ଷ ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି। ଦାବିକୁ ନେଇ କୌଣସି ନିଷ୍କର୍ଷ ନ ବାହାରିବା ଯାଏଁ ମେଡିକାଲରେ ପୋଲିସ ର ସମସ୍ତ କାର୍ଯ୍ୟକୁ ଡାକ୍ତରମାନେ ଅସହଯୋଗ କରିବେ ବୋଲି କହିଛନ୍ତି। ଆଜି ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ରାୟଗଡା ଜିଲ୍ଲା ଶାଖା ଓମସା ସଂଘର ଜରୁରୀ ବୈଠକ ହୋଇଥିବା ବେଳେ ସିଡିଏମଓ, ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କୁ ଲିଖିତ ଭାବରେ ଦାବି ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାୟଗଡା ଜିଲ୍ଲା ଓମସାର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ତେବେ ଏ ନେଇ କଲ୍ୟାଣସିଙ୍ଗପୁର ଥାନା ଆରକ୍ଷୀ ନିରୀକ୍ଷକ ନୀଳାମ୍ବର ବିଡ଼ିକାଙ୍କ ପ୍ରତିକ୍ରିୟା ନେବାରୁ କେହି ଡାକ୍ତର କୌଣସି ଆଲୋଚନା ପାଇଁ ଥାନାକୁ ଆସି ନ ଥିବା ପ୍ରକାଶ କରିଛନ୍ତି।

### ଡାକ୍ତରଙ୍କୁ ୧୮ ଘଣ୍ଟା ଅଟକାଇବା ଘଟଣାକୁ ନିନ୍ଦା

# ବନ ମହୋତ୍ସବ

ଲମତାପୁଟ, ୮।୭(ସମିସ): ଆଜି ଲମତାପୁଟ ସ୍ନାତକ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ବନ ମହୋତ୍ସବରେ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ ବୃକ୍ଷ ରୋପଣ କରାଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରବୀଣ କୁମାର ବିଶୋଇ, ଲମତାପୁଟ ବ୍ଲକ ରେଞ୍ଜର, ଫରେଷ୍ଟର, ସତ୍ୟସାଇ ସେବା ସଂଗଠନ, କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ସେବତୀ ନାୟକଙ୍କ ପରଲୋକ

ବିଷମକଟକ,୮।୭(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ସଦର ଶ୍ରୀରାମନଗର ସ୍ଥିତ ବିଷ୍ଣୁ ଚରଣ ନାୟକଙ୍କ



ଧର୍ମପତ୍ନୀ ସେବତୀ ନାୟକ (୫୮) ଙ୍କର ପରଲୋକ ହୋଇଯାଇଛି। ଗତକାଲି ସକାଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ସ୍ଥନୀୟ ଖ୍ରୀଷ୍ଟିଆନ ହସ୍ପିଟାଲ ଓ ସେଠାରୁ ବ୍ରହ୍ମପୁର ଏମକେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ , ପୁଅ ବିଭୁତିଭୂଷଣ, ଶଶୀଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ସେବତୀ ଜଣେ ଧର୍ମପରାୟଣ ମହିଳା ଥିଲେ।

# ଚାଷୀଙ୍କୁ ପାରମ୍ପରିକ ଧାନ ବିହନ ବଣ୍ଟନ



ରାୟଗଡ଼ା,୮।୭(ସମିସ): ବିନା ରାସାୟନିକ ସାର ଏବଂ ସମ୍ପୂର୍ଣ ଜୈବିକ ଚାଷ ପଦ୍ଧତିରେ ଚାଷ କରିବା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାଲାର ଫାଉଣ୍ଡେସନ ପକ୍ଷରୁ ରାୟଗଡା ଜିଲ୍ଲାର ରାୟଗଡ଼ା ବ୍ଲକର ଚାଷୀଙ୍କୁ ସଚେତନ କରାଯାଉଛି। ରାୟଗଡା ବ୍ଲକର ପିତାମହଲ, ତାଡାମା, କୁର୍ଲି, ବଡ ଆଲୁବାଡି ଆଦି ଅନେକ ପଞ୍ଚାୟତରେ କଳାମଲ୍ଲୀ, କଳାଜୀରା, ମାଛକଣ୍ଟା, କୁଡେଇଁଚୁଡ଼ି, ଗୋବିନ୍ଦଭୋଗ, ବାଇଗଣମଞ୍ଜି ଭଳି ବିଭିନ୍ନ କିସମର ଦେଶୀ ଧାନ ବିହନ ଚାଷୀଙ୍କୁ ବଣ୍ଟନ କରାଯାଉଛି। ଏହି ଦେଶୀ ଧାନ ସରୁ ଚାଉଳ ହେଉଥିବା ବେଳେ ଭାତ ସ୍ୱାଦିଷ୍ଟ ତଥା ସୁବାସିତ ହେଇଥାଏ। ପିତାମହଲ, ତାଡାମା, କୁର୍ଲି, ବଡଆଲୁବାଦୀ ପାଞ୍ଚାୟତର ୧୨ଟି ଗ୍ରାମର ପ୍ରାୟ ୧୨୬ ଜଣ ଚାଷୀଙ୍କୁ ଦେଶୀ ଧାନ ବିହନ ବଣ୍ଟନ କରିବାକୁ ବ୍ୟବସ୍ଥା ହେଇଥିବା ଅବଗତ କରାଯାଇଥିଲା। ବଜାରରେ ଜୈବିକ ପଦ୍ଧତିରେ କୃଷିଜାତ ଦ୍ରବ୍ୟ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବାରୁ ଚାଷୀ ଏଥିରେ ଉପକୃତ ହେବେ ବୋଲି ସାଲାର ଫାଉଣ୍ଡେସନର ସଭ୍ୟା ଶ୍ରୀମତୀ ସ୍ୱର୍ଣଲତା ପାଣିଗ୍ରାହୀ ଆଶା ବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସ୍ୱେଚ୍ଛାସେବୀ ଧର୍ମା ମଣ୍ଡାଙ୍ଗୀ, ଅଭି ମାଝୀ ଗାଁକୁ ଗାଁଯାଇ ବିହନ ମାଗଣାରେ ବଣ୍ଟନ କରୁଛନ୍ତି ବୋଲି ମଧ କହିଥିଲେ।

# ଟଙ୍କା ହଡ଼ପ ଘଟଣାରେ ଜଣେ ଗିରଫ



ପାପଡାହାଣ୍ଡି, ୮।୭ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଥାନା ପାତ୍ରଗୁଡା ଗ୍ରାମରେ ଏସ୍‌ଏଚ୍‌ଜି ମହିଳାଙ୍କ ଟଙ୍କା ହଡ଼ପ ଘଟଣାରେ ଫେରାର ଥିବା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପାପଡାହାଣ୍ଡି ପୁଲିସ। ଅଭିଯୁକ୍ତ ଅସିତ ମହାନ୍ତି ୩ ଲକ୍ଷରୁ ଉଦ୍ଧ୍ୱର୍ ଟଙ୍କା ସହ ବନ୍ଧକ ସୁନା ନେଇ ଫେରାର ଥିଲେ। ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ଚନ୍ଦୋଲା ଗ୍ରାମର ଅସିତ ମହାନ୍ତି ଓ ତାଙ୍କ ସ୍ତ୍ରୀ ମଧୁସ୍ମିତା ମହାନ୍ତି ଦୀର୍ଘ ୧୦ ବର୍ଷ ହେଲା ପାପଡାହାଣ୍ଡି ବ୍ଲକ ପାତ୍ରଗୁଡ଼ା ଗ୍ରାମରେ ରହିଆସୁଥିଲେ। ଏଠାରେ ମହିଳା ମାନଙ୍କୁ ନେଇ ଏସ୍‌ଏଚଜି ଗ୍ରୁପ ମାଧ୍ୟମରେ ପ୍ରୋଲଭନ ଦେଖାଇ ବେସରକାରୀ ବ୍ୟାଙ୍କ ମାନଙ୍କ ଠାରେ ଋଣ କରି ଟଙ୍କା ଉଠାଣ କରିଥିଲେ। ପ୍ରାୟ ୧୫ ଜଣ ମହିଳାଙ୍କ ଠାରୁ ୩ ଲକ୍ଷରୁ ଅଧିର୍କ ଟଙ୍କା ଓ ଗ୍ରାମବାସୀ ବନ୍ଧକ ରଖିଥିବା ସୁନା ଗହଣା ନେଇ ଗତ ନଭେମ୍ବର ମାସରୁ ଅସିତ ମହାନ୍ତି ଓ ମଧୁସ୍ମିତା ମହାନ୍ତି ଫେରାର ହୋଇଯାଇଥିଲେ. ଏନେଇ ପାତ୍ରଗୁଡା ଗ୍ରାମର ମନମତି ପୂଜାରୀ ଓ ୧୫ ଜଣ ମହିଳା ୨୦୨୪ ନଭେମ୍ବର ମାସ ରେ ପାପଡାହାଣ୍ଡି ଥାନା ରେ ଲିଖିତ ଅଭିଯୋଗ କରିଥିଲେ।

# ସମ୍ବିଧାନ ବଞ୍ଚାଅ ସମାବେଶ ନେଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ଜୟପୁର,୮।୭(ସମିସ):



ଆଗାମୀ ୧୧ ତାରିଖରେ ଭୁବନେଶ୍ୱର ଠାରେ ସମ୍ବିଧାନ ବଞ୍ଚାଓ ସମାବେଶ ନେଇ କୋରାପୁଟ ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନ ଠାରେ ଜିଲ୍ଲା ସଭାପତି ଶଶିଭୁଷଣ ପାତ୍ରଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ରାଜଗାଙ୍ଗପୁର ବିଧାୟକ ତଥା ଓଡିଶା ପ୍ରଦେଶ କଂଗ୍ରେସ ଉପସଭାପତି ଡା. ସି.ଏଚ ରାଜନ ଏକ୍କା ଏବଂ ଚିତ୍ରକୋଣା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇ ଜିଲ୍ଲାର ସମସ୍ତ କଂଗ୍ରେସ କର୍ମୀ ଏବଂ ସାଧାରଣ ଲୋକ ଏହି ସମାବେଶରେ ଯୋଗଦେବା ନେଇ ଅନୁରୋଧ କରିବା ସହ ଦେଶକୁ ସାମ୍ପ୍ରଦାୟୀକ ଶକ୍ତିଙ୍କ କବଳରୁ ରକ୍ଷା କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିମାଇଁ ସରକାର, ପିସିସି ସମ୍ପାଦକ ରୂପକ ତୁରୁକ, ଟାଉନ ସଭାପତି ନରେନ୍ଦ୍ର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ନିହାର ବିଶୋୟୀ, ମଦନ ମୋହନ ନାୟକ, ବିନୋଦ ମହାପାତ୍ର, ଯୁବନେତା ସୁକାନ୍ତ ପଟ୍ଟନାୟକ, ବସନ୍ତ ନାୟକ, ହାସାନ ମଦାନି, କୃଷ୍ଣ ନେପାକ ଏବଂ ମହିଳା, ଯୁବ, ଛାତ୍ର, ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ।।



ଦୁର୍ଗୀ ଜଗନ୍ନାଥ ମନ୍ଦିରରେ ଶ୍ରୀ ଜୀଉଙ୍କ ସୁନାବେଶ

# ନୂତନ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଜୟପୁର,୮।୭(ସମିସ):



କୋରାପୁଟ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ମଙ୍ଗଳବାର ମାନସ ରଞ୍ଜନ ମହାପାତ୍ର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଆଜି ପୂର୍ବାହ୍ନରେ ନୂତନ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ମହାପାତ୍ର ପୂର୍ବତନ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କୁ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ନୂତନ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଯାଜପୁର ଜିଲ୍ଲା ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟରତ ରହିଥିଲେ। ତାଙ୍କୁ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଭାବେ ପଦୋନ୍ନତି ପରେ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ଯୋଗଦାନ କରିଛନ୍ତି। ଏହିପରି ପୂର୍ବତନ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ପଣ୍ଡାଙ୍କୁ ମୟୁରଭଞ୍ଜ ଜିଲ୍ଲା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ବଦଳୀ ହୋଇଯାଇଛି

# ପୋଖରୀରେ ବୁଡ଼ି ଜଣେ ମୃତ

ଡାବୁଗାଁ, ୮।୭(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର କୁନାପାଣି ପଞ୍ଚାୟତ ଅଧୀନ ମୋତିଗାଁ ଗ୍ରାମରେ ପୋଖରୀ ବୁଡି ଧନସିଂ ଭତ୍ରା (୪୫)ଙ୍କ ମୃତ୍ୟୁ ଘଟିଛି। ସେ ଚାଷ କମ ସାରି ସନ୍ଧ୍ୟା ସମୟରେ ଗାଁ ପାଖ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁତ ଖୋଜା ଖୋଜି କରିବା ପରେ ମଙ୍ଗଳବାର ସକାଳେ ଗ୍ରାମ ପାଖ ପୋଖରୀରେ ଧନସିଂ ମରି ଭାସୁଥିବା ଦେଖିଥିଲେ। ଅଗ୍ନିଶମ ବାହିନୀ ତାର ମୃତ ଶରୀରକୁ ଉଦ୍ଧାର କରିଥିଲେ। ମୃତକର ସ୍ତ୍ରୀ ଡାଳିମ୍ବ ଭତ୍ରା ଡାବୁଗାଁ ଥାନାରେ ଏତଲା ଦେବା ପରେ ଥାନା ଏଏସଆଇ ଗୋପାଳକୃଷ୍ଣ ହାଲଓ୍ୱା ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ପଞ୍ଚନାମା କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ଅନିଶ୍ଚିତତା ଭିତରେ କୋରାପୁଟ-ଜଗଦଲପୁର ରେଳ ଚଳାଚଳ

କୋରାପୁଟ,୮।୭ (ସମିସ):

ଲଗାଣ ବର୍ଷାରେ କେକେ ରେଳ ଲାଇନର କୋରାପୁଟ ଜୟପୁର ମଧ୍ୟରେ ଜରଟି ନିକଟରେ ରେଳ ଧାରଣା ଉପରେ ମାଟି ଅତଡ଼ା ଖସିବା ଯୋଗୁଁ ସପ୍ତାହେ ହେଲା କୋରାପୁଟ-ଜଗଦଲପୁର ମଧ୍ୟରେ ରେଳ ଚଳାଚଳ ବନ୍ଦ ରହିଛି। ରେଳ ବିଭାଗ ଯୁଦ୍ଧକାଳୀନ ଭିତିରେ ପୁନରୁଦ୍ଧାର କାର୍ଯ୍ୟ କରି ୫ ତାରିଖରେ ରେଳ ଧାରଣାରୁ ମାଟି ସମ୍ପୂର୍ଣ୍ଣ ହଟିବା ପରେ ରେଳ ଚଳାଚଳ ସ୍ୱାଭାବିକ ହେବା ଆଶା ଦେଖାଦେଇଥିଲା। ଟ୍ରାକ୍ ଓ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ରେଳ ବିଭାଗକୁ ବିଭାଗୀୟ ବିଶେଷଜ୍ଞଙ୍କ ପକ୍ଷରୁ ଗ୍ରୀନ୍ ସିଗନାଲ ଦେବା ପରେ ଉକ୍ତ ରୁଟ୍‌ରେ ୬ ତାରିଖଠାରୁ ହୀରାଖଣ୍ଡ ଓ ରାଉରକେଲା ଟ୍ରେନ୍ କୋରାପୁଟ-ଜଗଦଲପୁର ମଧ୍ୟରେ ଚଳାଚଳ କରିବାକୁ ଥିବାବେଳେ ୭ରୁ ସମଲେଶ୍ୱରୀ ଏକ୍ସପ୍ରେସ ଓ ୮ତାରିଖ ମଙ୍ଗଳବାରରୁ ବିଶାଖାପାଟଣା କିରଣ୍ଡଲ ପସେଞ୍ଜର ଓ ରାତ୍ରୀ କାଳୀନ ଏକ୍ସପ୍ରେସ ଟ୍ରେନ ଚଳା ଚଳ କରିବ ବୋଲି ସୂଚନା ଦିଆ ଯାଇଥିଲା। କିନ୍ତୁ ବର୍ତ୍ତମାନ ମଧ କୋରାପୁଟ ଜଗଦଲପୁର ମଧ୍ୟରେ ଟ୍ରେନ ଚାଲିବା ସ୍ଥିତି ନଥିବାରୁ ପୁଣି ସେହି ରୁଟରେ ଚାଲିବାକୁ ଥିବା ସମସ୍ତ ଟ୍ରେନ ବାତିଲ କରାଯାଇ କୋରାପୁଟ ଷ୍ଟେସନ ଠାରୁ ଟ୍ରେନ ଗୁଡ଼ିକ ପ୍ରତ୍ୟାବର୍ତ୍ତନ କରିବ ବୋଲି ରେଳ ବିଭାଗ ପ୍ରେସ ବିଜ୍ଞପ୍ତି ଜାରି କରିଛି। ଏହା ଫଳରେ ଯାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ସୂଚନା ଅନୁଯାୟୀ ହାଓଡ଼ା - ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ ଆଜିଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଜଗଦଲପୁର ନଯାଇ କୋରାପୁଟରୁ ଫେରିଯିବ। ସେହିପରି ସମଲେଶ୍ୱରୀ ଏକ୍ସପ୍ରେସ ବିପରୀତ ଦିଗରୁ ୧୦ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ କୋରାପୁଟରୁ ଛାଡିବ। ରାଉରକେଲା- ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ ଆଜିଠାରୁ ୧୦ ତାରିଖ ପର୍ଯ୍ୟନ୍ତ ରାଉରକେଲାରୁ ବାହାରି କୋରାପୁଟ ପର୍ଯ୍ୟନ୍ତ ଚାଲିବ ବିପରୀତ ଦିଗରୁ ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ କୋରାପୁଟରୁ ଛାଡିବ ବୋଲି ରେଳବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଭୁବନେଶ୍ୱର - ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ଆଜିଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ବାହାରି କୋରାପୁଟ ପର୍ଯ୍ୟନ୍ତ ଚାଲିବ ବିପରୀତ ଦିଗରୁ ୯ ତାରିଖ ଓ ୧୦ ତାରିଖ ପର୍ଯ୍ୟନ୍ତ କୋରାପୁଟ ରୁ ଛାଡିବ ବୋଲି ରେଳବିଭାଗ ପକ୍ଷରୁ କୁହାଯାଇଛି।

● ଯାତ୍ରୀ ହନ୍ତସନ୍ତ

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ମୁରଲୀଧର ରଥ
ବର୍ଷୀୟାନ ଜନନେତା
ଚାନ୍ଦପୁର, ମୁଦୁପୁର, ପଟିଲୋ,ଜଗତସିଂହପୁର
ଆବିର୍ଭାବ - ୨୦.୦୨.୧୯୩୪
ତିରୋଧାନ - ୨୮.୦୬.୨୦୨୫
"ତୁମ ମର ଦେହ ସିନା ତୁମିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଚିର ଆୟୁଷ୍ମାନ୍
ଧର୍ମ ପଥେ କର୍ମ ପଥେ ଗୁରୁ ଗରୀୟାନ
ପ୍ରାଣର ପ୍ରେରଣା ତୁମେ ଅଭୁଲା ଅମ୍ଲାନ
ଦିବ୍ୟ ତୁମେ ଲଭ୍ୟ ତୁମେ ଚିର ଦୀପ୍ତିମାନ
ମାଟିର ସରଗ ତୁମେ ଘେନ ହେ ପ୍ରଣାମ।"
ଶୋକସନ୍ତପ୍ତ : ରଥ ପରିବାର ଓ ଆତ୍ମୀୟ ସ୍ୱଜନ

### ଅନ୍ଧାରି ନଦୀ ଉପରେ ନାହିଁ ସ୍ଥାୟୀ ପୋଲ

# ବିପଦସଙ୍କୁଳ ଭାବେ ନଦୀ ପାର୍ ହେଉଛନ୍ତି ଲୋକେ

ପୋଡ଼ାଗଡ଼,୮।୭(ସମିସ):



ଲଗାଣ ବର୍ଷାରେ କୋରାପୁଟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଜଳସ୍ତର ବଢିବାରୁ ଜଳବନ୍ଦୀ ହୋଇଛନ୍ତି ଗ୍ରାମବାସୀ। ଜୀବନକୁ ବାଜିରେ ଲଗାଇ ବିପଦପୂର୍ଣ୍ଣ ଭାବରେ ଭରା ନଦୀ ପାର ହେଉଛନ୍ତି ଗ୍ରାମବାସୀ। ଗାଁ ମୁଣ୍ଡରେ ଅନ୍ଧାରୀ ନଦୀ ଏବେ ବିପଦକୁ ଡାକୁଛି। କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ୍ ଶିସକୁଡି ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି।

ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡା ପଦର ପଞ୍ଚାୟତ ଅଧିନସ୍ଥ ଶିସକୁଡି ଗ୍ରାମବାସୀଙ୍କ ପାଇଁ ବାଧକ ସାଜିଛି ଅନ୍ଧାରୀ ନଦୀ। ସ୍ଥାୟୀ ପୋଲ ନ ଥିବାରୁ ଜୀବନକୁ ବାଜି ଲଗାଇ ଯିବା ଆସିବା କରୁଛନ୍ତି ଗାଁ ଲୋକେ। ଲଗାଣ ବର୍ଷାରେ ଅନ୍ଧାର ନଦୀ ପାଇଁ ଗାଁ ଦାଣ୍ଡରେ ବଢ଼ିଛି ଜଳସ୍ତର। ଦୀର୍ଘ ୫ ରୁ ୭ ଦିନ ଜଳବନ୍ଦୀ ଜୀବନ ବିତାଉଛନ୍ତି ଗ୍ରାମବାସୀ। ଆଜି କମିଛି ବର୍ଷା, କମିଲା ଅନ୍ଧାରୀ ନଦୀରେ ପାଣି। ଗାଁରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବାକୁ ଅବିଭାବକ ମାନେ କାନ୍ଧରେ ବୋହି ଭରା ନଦୀ ପାର କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଗ୍ରାମବାସୀ ଜୀବନଜୀବିକା ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ। ଭରା ନଦୀ ପାର ହୋଇ ଜୀବନକୁ ବିପଦରେ ପକାଇ ଜାଳେଣି ସଂଗ୍ରହ ପାଇଁ ଲୋକେ ଯାଉଛନ୍ତି। ଗାଁରେ ୪୫ ପରିବାରର ଜନସଂଖ୍ୟା ୨୮୦ ରୁ ଅଧିକ। ଅନ୍ଧାରୀ ନଦୀ ଉପରେ ସ୍ଥାୟୀ ପୋଲ ନଥିବାରୁ ପ୍ରତିବର୍ଷ ଏଭଳି ସ୍ଥିତି ଦେଇ ଲୋକେ ଗତି କରୁଥିବା ଗ୍ରାମବାସୀ କହିଛନ୍ତି। ପ୍ରତିବର୍ଷ ଗ୍ରାମବାସୀ ବର୍ଷା ଦିନରେ ଜଳବନ୍ଦୀ ହୋଇ ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରୁଥିବା କହିଛନ୍ତି। ଗ୍ରାମବାସୀ କହିବା ଅନୁସାରେ ସ୍ୱାଧୀନତାର ସାତ ଦଶନ୍ଧି ହେଲାଣି ଏହି ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ କରିବା ଲାଗି ଦାବି କରି ଆସୁଛନ୍ତି। ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରାଯାଇଛି। କିନ୍ତୁ କୌଣସି ସୁଫଳ ମିଳୁନାହିଁ। ଗୁହାରି କରି କରି ହତାଶ ହୋଇ ଗଲୁଣି। ପ୍ରଶାସନିକ ଅଧିକାରଙ୍କ ଠାରୁ ଆରମ୍ଭ କରି ସରକାର ପରେ ସରକାର ବଦଳୁଛି। ହେଲେ ଗାଁରେ ଛୋଟିଆ ପୋଲଟିଏ ନିର୍ମାଣ ହୋଇ ପାରୁନାହିଁ। ଫଳରେ କୌଣସି ବିକଳ୍ପ ନ ପାଇ ବାଧ ହୋଇ ଜୀବନକୁ ବାଜି ଲଗାଇ ବର୍ଷା ଦିନେ ଯାତାୟାତ କରିବାକୁ ପଡୁଛି ବୋଲି ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଗାଁରେ ଅସୁସ୍ଥ ରୋଗୀ ଅଛନ୍ତି, ନଦୀ ପାର ହୋଇ ଯାଇପାରିବେ ନାହିଁ। ତେଣୁ ନିଜ ଜୀବନକୁ ବିପଦରେ ପକାଇ ଔଷଧ ଆଣିବାକୁ ଯାଉଛି କହିଛନ୍ତି ଆଶା ଦିଦି।

## ନକଲି ବିଦେଶୀ ମଦ ଜବତ, ୪ ଗିରଫ



ବୈପାରିଗୁଡ଼ା, ୮।୭(ସମିସ): ବୈପାରିଗୁଡା ଅବକାରୀ ଥାନା ଅନ୍ତର୍ଗତ ବାଲିଗାଁ ଏବଂ ଚନ୍ଦ୍ରଶୁଣ୍ଡିଗୁଡା ଗ୍ରାମରେ ନକଲି ବିଦେଶୀ ମଦ ଜବତ ସହ ୪ ଜଣକୁ ଗିରଫ କରାଯାଇଛି। ନନ୍ଦପୁର ଅବକାରୀ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ବୈପାରିଗୁଡା ଅବକାରୀ ଓଆଇସି ଭଗବାନ ମହାନନ୍ଦିଆ ଏବଂ ଷ୍ଟାଫଙ୍କ ସହଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ନକଲି ବିଦେଶୀ ମଦ ଜବତ କରାଯାଇଛି। ଚନ୍ଦ୍ରଶୁଣ୍ଡିଗୁଡା ଗ୍ରାମର ଲୁକୁନାଥ ବିଷୋୟୀଙ୍କ ଘରେ ଏହି ଚଢ଼ଉ କରାଯାଇଥିଲା। ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା ୨.୧୬୦ ଲିଟର ନକଲି ବିଦେଶୀ ମଦ ସହ ୬.୬୦୦ ଲିଟର ନକଲି ବିୟର ଜବତ କରାଯାଇଛି। ବାଲିଗାଁ ଗ୍ରାମରେ ପହଞ୍ଚି ସୁବାସ ଡାକୁଆଙ୍କ ଘରେ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା ୨.୩୪୦ ଲିଟର ନକଲି ବିଦେଶୀ ମଦ ସହ ୨୫.୬୫୦ ଲିଟର ବିୟର ଜବତ କରିଥିଲେ। ପରେ ଚନ୍ଦ୍ରଶୁଣ୍ଡିଗୁଡା ଗ୍ରାମର ବିନୋଦ ବିଷୋୟୀ ଏବଂ ଅନାମ ହରିଜନଙ୍କ ଘରୁ ୩୦ ଲିଟର ସଲପ ତାଡ଼ି ଏବଂ ୯ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ସମସ୍ତ ୪ ଜଣକୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥ ସୂଚନା ଦେଇଛନ୍ତି।

## ବ୍ଲକ୍ ଅଧ୍ୟକ୍ଷାଙ୍କ କାର୍ଯ୍ୟକୁ ସମିତି ସଭ୍ୟ ଓ ସରପଞ୍ଚଙ୍କ ବିରୋଧ

### କଂଗ୍ରେସ ଦଳରୁ ଇସ୍ତଫା ନେଇ ଜିଲ୍ଲା ସଭାପତିଙ୍କୁ ପତ୍ର



ଜୟପୁର,୮।୭(ସମିସ):

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟକୁ ଦଳୀୟ ସମିତି ସଭ୍ୟ ଏବଂ ସରପଞ୍ଚ ମାନେ ବିରୋଧ କରିଛନ୍ତି। କଂଗ୍ରେସ ଦଳରୁ ଇସ୍ତଫା ଦେବା ନେଇ ସେମାନେ ଜିଲ୍ଲା ସଭାପତିଙ୍କୁ ପତ୍ର ପ୍ରଦାନ କରିବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଆଜି ଜୟପୁର ଠାରେ କୁନ୍ଦୁରା ବ୍ଲକର ୫ଜଣ ସରପଞ୍ଚ ଏବଂ ୩ଜଣ ସମିତି ସଭ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରି କୁନ୍ଦୁରା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ପରଜା କାର୍ଯ୍ୟାଳୟ ପରିଚାଳନା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା କହିଛନ୍ତି। ତାଙ୍କ ଭାଇ ସୁରେନ୍ଦ୍ର ପରଜା ଏବଂ ବ୍ଲକ କଂଗ୍ରେସ ନେତା ଟୁନା ପଟ୍ଟନାୟକ ସରକାରୀ କାର୍ଯ୍ୟରେ ଅଯଥା ହସ୍ତକ୍ଷପ କରୁଛନ୍ତି। ନିର୍ବାଚିତ ସମିତି ସଭ୍ୟ, ସରପଞ୍ଚ ମାନଙ୍କ ବିନା ପରାମର୍ଶରେ କିମ୍ବା ଆଲୋଚନା ନ କରି ଅଧ୍ୟକ୍ଷା ଶ୍ରୀମତି ପରଜା ତାଙ୍କର ମନମୁଖୀ କାର୍ଯ୍ୟ କରୁଥିବା କହିଛନ୍ତି। ଏହିପରି କୁନ୍ଦୁରା ବ୍ଲକର ୧୬ଟି ଗ୍ରାମପଞ୍ଚାୟତର ସାମୂହିକ ଉନ୍ନତି କରାଯିବା ସର୍ତ୍ତରେ ସମସ୍ତ ସମିତି ସଭ୍ୟ ମାନେ ଅଧ୍ୟକ୍ଷା ଶ୍ରୀମତି ପରାଜଙ୍କୁ ସମର୍ଥନ କରିଥିଲେ। କିନ୍ତୁ ଅଧ୍ୟକ୍ଷା ଶ୍ରୀମତୀ ପରଜା ବ୍ଲକ କାର୍ଯ୍ୟାଳୟ କକ୍ଷରେ ତାଙ୍କ ଭାଇ ସୁରେନ୍ଦ୍ର ଏବଂ ବ୍ଲକ କଂଗ୍ରେସ ନେତା ଶ୍ରୀ ପଟ୍ଟନାୟକଙ୍କୁ ବସାଇ ତାଙ୍କ ଦ୍ୱାରା ପରିଚାଳିତ କରୁଛନ୍ତି। ଜନପ୍ରତିନିଧି ଭାବେ ନିର୍ବାଚିତ ହୋଇଥିବା ସରପଞ୍ଚ ଓ ସମିତି ସଭ୍ୟମାନେ ନିଜ ନିଜ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଆଲୋଚନା କରିବାକୁ ଅଧ୍ୟକ୍ଷାଙ୍କ କକ୍ଷକୁ ଗଲେ ପାଲଟା ତାଙ୍କ ଭାଇ ସୁରେନ୍ଦ୍ର ଏବଂ କଂଗ୍ରେସ ନେତା ଶ୍ରୀ ପଟ୍ଟନାୟକ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଧମକ ଚମକ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ତେଣୁ ସେମାନେ ଏଥିନେଇ ବାଧ ହୋଇ କଂଗ୍ରେସ ଦଳରୁ ଛାଡୁଥିବା ନେଇ ନିଷ୍ପତି ଗ୍ରହଣ କରିବା ସହ ଇସ୍ତଫା ପତ୍ର ଜିଲ୍ଲା ସଭାପତିଙ୍କୁ ପ୍ରଦାନ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏଥିନେଇ ବ୍ଲକ ଅଧ୍ୟକ୍ଷା ଶ୍ରୀମତି ପରଜାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ ଉଠାଇନଥିଲେ। ତେଣୁ କଂଗ୍ରେସ ନେତା ଗୋକୁଳ ଚନ୍ଦ୍ର ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରୁ, ଅଭିଯୋଗକାରୀ ମାନଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଏହିପରି ଦଳର ବିଭ୍ରାନ୍ତି ସୃଷ୍ଟି କରିବାରେ ଦିଗାପୁର ପଞ୍ଚାୟତର ଜଣେ ବରିଷ୍ଠ କଂଗ୍ରେସ ନେତା ଏବଂ ଦଳର ସହାୟତାରେ ବିଜୟୀ ହୋଇଥିବା ଜଣେ ସରପଞ୍ଚ ଷଡଯନ୍ତ୍ର କରିଛନ୍ତି ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସରପଞ୍ଚଙ୍କ ମଧ୍ୟରେ ଘୁମର ଗ୍ରାମପଞ୍ଚାୟତର ରାମଚନ୍ଦ୍ର ବାଣୁଆ, ରାଣିଗୁଡାର ଶିବ ପ୍ରଧାନୀ, ଭୁଷଙ୍ଗଗୁଡାର ଡମ୍ବରୁଧର ପୂଜାରୀ, ଦିଗାପୁରର ନୀଳା ନାୟକ, ଲିମାର ଭାନୁମତି ମସିଆ, ସମିତି ସଭ୍ୟ ଭାବେ ରାଣିଗୁଡାର ସୁବର୍ଣ୍ଣ ନାୟକ, ଡଙ୍ଗର ପାଡୁଁଶିର ମମତା ଭଟ୍ଟ, ଭୁଷଙ୍ଗରୁଡାର ମମତା ହରିଜନଙ୍କ ସମେତ ପୂର୍ବତନ ସରପଞ୍ଚ ସମିତିସଭ୍ୟ ମାନେ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, କୁନ୍ଦୁରା ବ୍ଲକରେ ୧୬ଟି ଗ୍ରାମପଞ୍ଚାୟତରେ କଂଗ୍ରେସ ସମର୍ଥିତ ୮ଜଣ ସମିତି ସଭ୍ୟ ଏବଂ ୭ଜଣ ସରପଞ୍ଚ ରହିଛନ୍ତି।

## ଶିଶୁ କବିତା ପୁସ୍ତକ 'ଫୁଲ ପାଖୁଡ଼ା' ଲୋକାର୍ପିତ



ବୈପାରିଗୁଡ଼ା,୮।୭ (ସମିସ):

ବୈପାରିଗୁଡା ବ୍ଲକ ରାମଗିରି ପଞ୍ଚାୟତର ରା.ଭାଲୁଗୁଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କାହ୍ନୁଚରଣ ବେହେରାଙ୍କ ନୂଆ ଶିଶୁ କବିତା ପୁସ୍ତକ "ଫୁଲ ପାଖୁଡ଼ା'ର ଲୋକାର୍ପିତ ହୋଇଛି। ଏହି କବିତା ପୁସ୍ତକର ଲୋକାର୍ପଣ ଉତ୍ସବରେ ଅନେକ ସାହିତ୍ୟିକ, ଶିକ୍ଷାବିତ୍, ଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସାହିତ୍ୟିକ ଚକ୍ରପାଣି ପରିଚ୍ଛା ଏବଂ ସମ୍ମାନିତ ଅତିଥି ଭାବେ ବିଇଓ ସୁକାନ୍ତ କାର୍ତ୍ତାମି, କବି ନିହାର ରଞ୍ଜନ ରାଉତରାୟ, ଡିଗ୍ରି କଲେଜ ଅଧ୍ୟକ୍ଷା ତଥା ଲେଖିକା ସ୍ନେହଲତା ପଟ୍ଟନାୟକ, ବରିଷ୍ଠ ଶିକ୍ଷକ ଗଣେଶ ଅନାରସିଂହ ଯୋଗ ଦେଇଥିଲେ। "ଫୁଲ ପାଖୁଡ଼ା' ପୁସ୍ତକ ଶିଶୁମାନଙ୍କ ମନୋଭାବ, ଖେଳ, ପ୍ରକୃତି ଓ ସମ୍ବେଦନାକୁ କବିତା ମାଧ୍ୟମରେ ସଜାଗ କରିଛି। ଏଥିରେ ସହଜ ଓ ଗୀତିମୟ ଭାଷା, ମିଠା ଛନ୍ଦ ଓ ଆକର୍ଷଣୀୟ ଚିତ୍ରଣ ରହିଛି। ପୁସ୍ତକ ଲୋକାର୍ପଣ ପରେ ଅତିଥିମାନେ ସେମାନଙ୍କ ଅଭିଭାଷଣ ରଖିଥିଲେ। ଶିଶୁମାନେ ଆମ ପରମ୍ପରା ଓ ସଂସ୍କୃତିର ଭବିଷ୍ୟତ ବୋଲି ଶ୍ରୀ ବେହେରା କହିଥିଲେ। ଏହି ପୁସ୍ତକ ଓଡ଼ିଆ ଶିଶୁ ସାହିତ୍ୟରେ ଏକ ନୂଆ ପଥରେ ପାଦ ଦେଇଛି ବୋଲି ଅନେକ ସାହିତ୍ୟିକ ମତ ରଖିଛନ୍ତି।

## ନୂତନ ଗ୍ରାମପଞ୍ଚାୟତ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

କୋଷାଗୁମୁଡା,୮।୭(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ନୂତନ ଗ୍ରାମ ପଞ୍ଚାୟତ ଅଧିକାରୀ ଭାବରେ ଅଜିତ କୁମାର ନନ୍ଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ଗ୍ରାମପଞ୍ଚାୟତ ଅଧିକାରୀ ତ୍ରିଲୋଚନ



ଛନ୍ଚାଣଙ୍କ ପଦୋନ୍ନତି ପାଇ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବରେ ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକକୁ ଯାଇଛନ୍ତି। ତେବେ ପୂର୍ବରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବରେ ଅଜିତ କୁମାର ନନ୍ଦ କୋଷାଗୁମୁଡା ବ୍ଲକରେ କାର୍ଯ୍ୟରତ ଥିଲେ। ଶ୍ରୀ ନନ୍ଦଙ୍କୁ ବର୍ତ୍ତମାନ ନୂତନ ପଦବୀରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାଇତ୍ୱ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ୨୬ ଗୋଟି ପଞ୍ଚାୟତର ପିଇଓ, ସରପଞ୍ଚ, ସମିତି ସଭ୍ୟ, ତିନୋଟି ଯୋନ୍‌ର ଜିଲ୍ଲା ପରିଷଦ ସଭ୍ୟଙ୍କ ସହ ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ ଓ ଭାଇସଚେୟାର ମ୍ୟାନ ଯୋଗେନ୍ଦ୍ର ସ୍ୱାଇଁ ଙ୍କ ସମେତ ବ୍ଲକ କର୍ମଚାରୀ ଓ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଅଭିନନ୍ଦନ ଜଣାଇଛନ୍ତି।

## ଯୁବ ରେଡକ୍ରସ ପକ୍ଷରୁ ବନ ମହୋତ୍ସବ




କୋଷାଗୁମୁଡା,୮।୭(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ବିଭାଗର ତରଫରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ଅମିତା ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପରିପ୍ରେକ୍ଷୀରେ ପୃଥିବୀ ପୃଷ୍ଠରେ ବୃକ୍ଷର ଉପକାରିତା ସହ ଏକ ସୁନ୍ଦର ଓ ସବୁଜ ପୃଥିବୀ ପାଇଁ ଆମେ ସମସ୍ତେ ନିଜେ ନିଜେ ଚତୁପାର୍ଶ୍ୱରେ ଯଥେଷ୍ଟ ପରିମାଣର ବୃକ୍ଷରୋପଣ ପାଇଁ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ମା ପାଇଁ ଗଛଟିଏ 'କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ତଥା ଅନୁଷ୍ଠାନର ଯୁବ ରେଡ଼କ୍ରସ ଅଧିକାରୀ ଅଖିଳ କୁମାର ଭଟ୍ଟ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ କର୍ମଚାରୀ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଫଳ , ଫୁଲ ତଥା ଔଷଧୀୟ ଚାରାରୋପଣ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ପଞ୍ଚାନନ ଦୁରିଆ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ନିର୍ବାଚନ ତାଲିମ ଶିବିର

କୋଷାଗୁମୁଡା,୮।୭(ସମିସ):



ମଙ୍ଗଳବାର ଦିନ କୋଷାଗୁମୁଡା ବ୍ଲକ ସମ୍ମିଳନୀ କକ୍ଷ ଠାରେ ନିର୍ବାଚନ ସମ୍ବନ୍ଧୀୟ ଏକ ଦିବସ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ନିର୍ବାଚନ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୋଷାଗୁମୁଡା ବ୍ଲକ ଅନୁକୂଲ୍ୟରେ ହୋଇଥିଲା। ନିର୍ବାଚନ ୬,୭,୮ ଫର୍ମ ସମ୍ବନ୍ଧୀୟ ବିବରଣୀକୁ ନେଇ ଦିନ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ କୋଷାଗୁମୁଡା ବ୍ଲକ ସମ୍ମିଳନୀ କକ୍ଷଠାରେ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ(୭୫ ନବରଙ୍ଗପୁର)ର ପ୍ରାୟ ୫୦ବିଏଲ୍ଓ, ୬ ବିଏଲ୍ଓ ସୁପରଭାଜରଙ୍କୁ ନେଇ ଏକ ଦିବସ ନିର୍ବାଚନ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ରଥ, ବିଡିଓ ଆଶିଷ ତ୍ରିପାଠୀ, ତହସିଲଦାର ତୁଳା ମୁଦୁଲି, ଜିଲ୍ଲା ମାଷ୍ଟର ଟ୍ରେନ୍‌ର ସନ୍ତୋଷ କୁମାର ପାତ୍ର, ବ୍ଲକ ମାଷ୍ଟର ଟ୍ରେନର ମୋଲିକା ଅର୍ଜୁନ ରାଓ, ଜିପିଡିଓ ଅଜିତ ନନ୍ଦ, ସିନର କ୍ଲୋର୍କ ନରସିଂହ ପାଣିଗ୍ରାହୀଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଥିଲା।

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ



ନନ୍ଦପୁର,୮।୭ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ମିଶନ ଶକ୍ତି ପକ୍ଷରୁ ୧୬ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ମୋଟ ୭୩ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ, କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସ , ପ୍ରବେଶନାରୀ ଆଇଏଏସ ସନ୍ତସ କୁମାର ପାତ୍ର, ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଲିଡ ବ୍ୟାଙ୍କ୍ ମ୍ୟାନେଜର ଦେବେନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ କାଡାମ କହିଛନ୍ତି, ସମୟ ସହ ତାଳ ଦେଇ ବ୍ୟବସାୟୀକରଣକୁ ଆଗକୁ ବଢ଼ାଇ ନିଜେ ଲକ୍ଷପତି ଦିଦି ହେବାକୁ ପରାମର୍ଶ ଦେଇଥିଲେ। କୋରାପୁଟ ଜିଲ୍ଲାପାଳ ଶ୍ରୀ କିର୍ତିଭାସନ୍ ଋଣ ଦେବା ପାଇଁ ସରକାର ପ୍ରସ୍ତୁତି ଅଛନ୍ତି। ଏହାର ସଠିକ୍ ଉପଯୋଗ କରି ଉଦ୍ୟାଗୀ ହେବା ସହ ଅନ୍ୟ ପାଇଁ ଦାତା ହୁଅ ବୋଲି ଉପସ୍ଥିତ ଋଣ ପ୍ରଦାନ ସଭାରେ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଡିଏସ୍‌ଡବ୍ଲୁ ଜୌସ୍ନାମୟୀ ପାଡ଼ି, ଡିପିଏମ୍ ପ୍ରିୟମ୍ବଦା ବିଶ୍ୱର , ନନ୍ଦପୁର ସିଡିପିଓ ମିନତି ବାଲା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକୁ ବିପିସି ଶ୍ରୀଧର ଜାନି, ବିପିମ୍ ବିଚିତ୍ର କୁମାର ରାଉତ ପରିଚାଳନା କରିଥିଲେ। ଓଡ଼ିଶା ଜୀବିକା ମିଶନର ସମସ୍ତ ଏମ୍‌ବିକେ ଯୋଗ ଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପାତାଳୀ ନଦୀରୁ ମାଛ ଧରାଳିଙ୍କ ଶବ ଉଦ୍ଧାର

ନନ୍ଦପୁର,୮।୭ (ସମିସ): ପୁଣି ପାତାଳୀ ନଦୀରେ ଦେଶୀ ଡଙ୍ଗା ବୁଡି ମାଛ ଧରାଳିଙ୍କ ଜୀବନ ଯାଇଛି। ସୂଚନା ପ୍ରକାରେ ନନ୍ଦପୁର ବ୍ଲକ୍ କୁଲାରସିଂ ପଞ୍ଚାୟତ ଅନ୍ତର୍ଗତ ଯୋଡ଼ିପୁଟ ଗ୍ରାମର ୫୫ ବର୍ଷୀୟ ଶ୍ୟାମ ଖିଲ ଗତକାଲି ଅପରାହ୍ନ ପ୍ରାୟ ୩ଟା ସମୟରେ ପାତାଳୀ ନଦୀରେ ମାଛ ଧରିବା ଲାଗି ଏକ ଦେଶୀ ଡଙ୍ଗା ସହାୟତାରେ ଜାଲ ବିଛାଇବାକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ଘର ଲୋକେ ସନ୍ଦେହରେ ସବୁ ଆଡେ ଖୋଜାଖୋଜି କରି ତାଙ୍କର ସନ୍ଧାନ ପାଇ ନଥିଲେ। କିନ୍ତୁ ଆଜି ସକାଳେ ତାଙ୍କ ଶବ ରନ୍ତା ମଶାଣି ନିକଟସ୍ଥ ପାତାଳୀ ନଦୀ ଘାଟରେ ଭାସୁଥିବା ଦେଖି ଗ୍ରାମବାସୀ ନଦୀରୁ ଉଦ୍ଧାର କଲେ। ପରେ ଗ୍ରାମର ୱାର୍ଡ ମେମ୍ବର ଲକ୍ଷ୍ମୀଧର ଖରା ପଡୁଆ ପୋଲିସକୁ ଖବର କରିବା ପରେ ପାଡୁଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶ୍ୟାମ ଖିଲଙ୍କ ଶବ ଜବତ କରି ପାଡୁଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହାୟତାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ପାଡୁଆ ପୁଲିସ।

### ● ଶିକ୍ଷକଙ୍କ ରାଜନୀତିରେ ଛାତ୍ର ମୋହରା!

## ଅବ୍ୟବସ୍ଥା ନେଇ ବିଡିଓଙ୍କୁ ଜଣାଇଲେ ଛାତ୍ରବାସ ଅନ୍ତେବାସୀ




ନନ୍ଦପୁର,୮।୭ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ସଦର ମହକୁମାର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରବାସରେ ନିମ୍ନମାନର ଖାଦ୍ୟ ସହ ଅବ୍ୟବସ୍ଥା ନେଇ ହଷ୍ଟେଲ ଛାତ୍ର ମାନେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ନିକଟରେ ପହଞ୍ଚି ଲିଖିତ ଭାବେ ଜଣାଇଛନ୍ତି। ଦରଖାସ୍ତ ପାଇବା ପରେ ବିଡ଼ିଓ ଶ୍ରୀ ଦୋରା ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନଭୋଜନ ପିଲାଙ୍କ ସହ ଖାଇବା ସହ ବିଭିନ୍ନ ବ୍ୟବସ୍ଥା ଉପରେ ସମୀକ୍ଷା କରିଥିବା ଜଣାପଡିଛି। ତେବେ ମଧ୍ୟାହ୍ନଭୋଜନ ଯାଞ୍ଚ ପରେ ସନ୍ତୋଷଜନକ ଥିବା କହିଛନ୍ତି ବିଡ଼ିଓ ଶ୍ରୀ ଦୋରା। ସୂଚିତ ଯେ ଗତ ବର୍ଷ ମଧ ହଷ୍ଟେଲରେ ଅବ୍ୟବସ୍ଥା ନେଇ ଛାତ୍ର ମାନେ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେଏହାର ପୁନରାବୃତ୍ତି ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ହଷ୍ଟେଲ ଢ଼ୋଲ ଭିତର ମୂଷା କିଏ ବୋଲି ପ୍ରଶ୍ନ କରିଛନ୍ତି ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି। ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଛାତ୍ରମାନେ ତ୍ରିପାଠୀ ସାରଙ୍କୁ ହଷ୍ଟେଲ ଦାୟିତ୍ୱ ଦେଲେ ଠିକ ରହିବ ବୋଲି କହୁଥିବାରୁ ଶିକ୍ଷକ ରାଜନୀତିରେ ଛାତ୍ର ମାନେ ମୋହରା ବୋଲି ଆଲୋଚନା ହେଉଛି। ସେପଟେ ଛାତ୍ର ମାନେ ବ୍ଲକରେ ଅଫିସ ପହଞ୍ଚି ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ପଛରେ କିଏ ରହିଛି ବୋଲି ଆଲୋଚନା ହେଉଛି।

## ଭଡ଼ାଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର




ନନ୍ଦାହାଣ୍ଡି, ୮।୭(ସମିସ): ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଫଳରେ ଗତ ତିନିବର୍ଷ ହେଲା ଭଡ଼ା ଘରେ ଚାଲିଛି କୋମଳମତି ପିଲାଙ୍କ ପ୍ରାକ୍ ଶିକ୍ଷା। ପିଲାଙ୍କ ପାଠପଢା ଠାରୁ ଆରମ୍ଭ କରି ଖାଇବା ଖେଳିବା ସେଇ ଗୋଟିଏ କୋଠରୀ ଚାଲିଛି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପଞ୍ଚାୟତ ଅନ୍ତର୍ଗତ ବମ୍ବୁନାୟକ ଗୁଡା, ତୁରୁଞ୍ଜି-୨ ଅଙ୍ଗନବାଡି କେନ୍ଦ୍ରର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି। ବମ୍ବୁନାୟକ ଗୁଡାର ତୁରୁଞ୍ଜି-୨ ନମ୍ବର ଅଙ୍ଗନବାଡି କେନ୍ଦ୍ରରେ ୧୫ ଜଣ ଶିଶୁଙ୍କ ପ୍ରାକ ଶିକ୍ଷା ପରିଚାଳିତ ହେଉଥିଲେ ହେଁ ଗତ ତିନିବର୍ଷ ହେବ ନିଜସ୍ୱ ଗୃହ ନାହିଁ। ଫଳରେ ଉକ୍ତ ଗ୍ରାମର ଜିତେନ୍ଦ୍ର ଭତରାଙ୍କ ଘରେ ଅଙ୍ଗନବାଡି କେନ୍ଦ୍ର ପରିଚାଳିତ ହେଉଛି। ଅଙ୍ଗନବାଡି କର୍ମୀ କୁମୁଦିନୀ ହରିଜନ ନିୟମିତ ଜିତେନ୍ଦ୍ର ଭତରାଙ୍କ ଘରେ ଅଙ୍ଗନବାଡି କେନ୍ଦ୍ର ଖୋଲି ୧୫ ଜଣ ଶିଶୁଙ୍କୁ ପାଠ ପଢ଼ାଇବା ସହ ପିଲାଙ୍କ ଖାଇବା ପିଇବା ଠାରୁ ଆରମ୍ଭ କରି ଖେଳକୁଦ ସେହି ଗୋଟିଏ କୋଠରୀର କରୁଛନ୍ତି। ଫଳରେ ସମ୍ପୃକ୍ତ କର୍ମୀଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଗତ ତିନିବର୍ଷ ଧରି ଜଣଙ୍କ ଭଡ଼ା ଘରେ ଅଙ୍ଗନବାଡି କେନ୍ଦ୍ର ପରିଚାଳିତ ହେଉଥିଲେ ହେଁ ନୂତନ ଅଙ୍ଗନବାଡି ନିର୍ମାଣ ଦିଗରେ ପଦକ୍ଷେପ ନନେବା ଦୁଃଖ ର ବିଷୟ ହୋଇଛି। ବର୍ତ୍ତମାନ ସମ୍ପୃକ୍ତ ଘର ମାଲିକ ମାସିକ ୧୦୦୦ ଟଙ୍କା ହିସାବ ରେ ତିନିବର୍ଷ ର ଭଡ଼ା ମାଗୁଥିବା ବେଳେ ଅଙ୍ଗନବାଡି କର୍ମୀ ଜଣଙ୍କ ମାସିକ ୫ ଶହ ଟଙ୍କା ହିସାବରେ ଭଡ଼ା ଦେବେ ବୋଲି ପ୍ରକାଶ କରିଛନ୍ତି। ତେବେ ସ୍ୱଳ୍ପ ବେତନ ର କାମ କରୁଥିବା ଅଙ୍ଗନବାଡି କର୍ମୀ ଜଣଙ୍କ ନିଜ ଦରମାରୁ ଘର ଭଡ଼ା ଦେବେ ନା ସରକାର ଦେବେ ତାହା ବଡ଼ ପ୍ରଶ୍ନ ହୋଇଛି। ଏ ନେଇ ନନ୍ଦାହାଣ୍ଡି ଶିଶୁ ବିଭାଗ ଅଧିକାରୀ ସସ୍ମିତା ବାଲା ମହାନ୍ତିଙ୍କୁ ଯୋଗାଯୋଗ କରିବାରେ ନିଜସ୍ୱ ଗୃହ ନଥିବାରୁ ପ୍ରାଇଭେଟ ଗୃହରେ ଅଙ୍ଗନବାଡି କେନ୍ଦ୍ର ପରିଚାଳିତ ହେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଗଣତନ୍ତ୍ରରୁ ହିଁ ସ୍ୱାଭାବିକ ଭାବରେ ଏକଛତ୍ରବାଦୀ ଶାସନ ସୃଷ୍ଟି ହୁଏ । ସେହିପରି ମାତ୍ରାଧିକ ସ୍ୱାଧୀନତାରୁ ହିଁ ଦାସତ୍ୱ ଓ ଅତ୍ୟାଚାର ଜନ୍ମ ନିଏ ।
-ପ୍ଲାଟୋ

ସକାଳ
THE SAKALA

# ସାର ସଙ୍କଟ

ଚଳିତ ବର୍ଷ ଆଗୁଆ ମୌସୁମୀ ଆସିବା ସହିତ ସାରାଦେଶରେ ବେଉଷଣ ଓ ରୁଆ କାମ ପ୍ରାୟତଃ ସରିଯାଇଛି । ଓଡ଼ିଶା ସମେତ ଆମ ଦେଶର ଚାଷୀମାନଙ୍କର ମୁଖ୍ୟ ସମସ୍ୟା ହେଲା ଜଳସେଚନ, ବିହନ ଓ ସାର । ସୌଭାଗ୍ୟବଶତଃ ଏଥର ବିହନ ସମସ୍ୟା ପ୍ରାୟତଃ ନାହିଁ । ମନୁଆ ମୌସୁମୀ ଯଦି ତା'ର ମତିଗତି ଅନୁକୂଳ ରଖିଲା ତେବେ ଜଳସେଚଦନ ସମସ୍ୟା ମଧ୍ୟ ସେତେ ଉତ୍କଟ ହେବ ନାହିଁ । ତେବେ ଏ ପର୍ଯ୍ୟନ୍ତ ସାର ସମସ୍ୟାର ସମାଧାନ ହୋଇପାରିନାହିଁ । ଓଡ଼ିଶା ଚାଷୀମାନଙ୍କ ଏ ସମସ୍ୟା ଏବର୍ଷ ଶୀଘ୍ର ଦୂର ହୋଇଥିବା ବେଳେ ଅନ୍ୟାନ୍ୟ କୃଷିପ୍ରଧାନ ରାଜ୍ୟରେ ବଢ଼ିବାରେ ଲାଗିଛି ।

ଭାରତୀୟ କୃଷିରେ ଡିଏପି ଓ ୟୁରିଆର ଚାହିଦା ଅଧିକ । ଠିକ୍ ସମୟରେ ଏହି ଦୁଇ ସାର ନ ମିଳିଲେ ସ୍ୱାଭାବିକ ମୌସୁମୀର ଲାଭ ଚାଷୀକୁଳ ପାଇପାରିବେ ନାହିଁ । କୃଷିଋଣ ମଧ୍ୟ ପାଇବାରେ ଚାଷୀ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଅଥଚ ହରିଆଣା, ପଞ୍ଜାବ, ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଆଦି ରାଜ୍ୟର ଚାଷୀମାନେ ସାର ପାଇଁ ରାତି ଅଧରୁ ଲମ୍ବା ଧାଡ଼ିରେ ଠିଆ ହେଉଥିଲେ ମଧ୍ୟ ଖାଲି ହାତରେ ଫେରୁଥିବା ଦେଖିବାକୁ ମିଳୁଛି । କେତେକ ସ୍ଥାନରେ ପୁଲିସ୍ ଉପସ୍ଥିତିରେ ସାର ବିତରଣ ହେଉଛି । ଆଉ କେତେକ ରାଜ୍ୟରେ ସାରର କଳାବଜାରୀ ଓ ବର୍ଦ୍ଧିତ ମୂଲ୍ୟରେ ବିକ୍ରି ହେଉଥିବା ଅଭିଯୋଗମାନ ଆସିଛି । କେତେକ ସ୍ଥାନରେ ପରିସ୍ଥିତିର ଫାଇଦା ଉଠାଇ ଅସାଧୁ ବ୍ୟବସାୟୀମାନେ ୟୁରିଆ ସହିତ ଅନ୍ୟ କେତେକ ଉତ୍ପାଦ ବାଧ୍ୟତାମୂଳକ ଭାବେ ବିକ୍ରି କରୁଥିବା ଦେଖାଯାଉଛି । ଡିଏପିର ଅଭାବରେ କାମ ଚଳିବା ପାଇଁ ସିଙ୍ଗଲ ସୁପରଫସଫେଟ୍ ବ୍ୟବହାର କରିବାକୁ କୃଷି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । କିନ୍ତୁ ଏହା ଫଳରେ ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ବହୁଗୁଣା ବୃଦ୍ଧି ପାଇବାକୁ ଥିବାରୁ ଚାଷୀମାନେ ଅମଙ୍ଗ ହେଉଛନ୍ତି । ଏଭଳି ପରିସ୍ଥିତିରେ ସାର ସଙ୍କଟର ଶୀଘ୍ର ସମାଧାନ ନ ହେଲେ ଦେଶର ବିଶାଳ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ପ୍ରଭାବିତ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି ।

ସବୁଜ ବିପ୍ଳବ ପ୍ରଭାବରେ ଆମ ଦେଶର ଚାଷୀ ଓ ଚାଷର ସଙ୍କରଜାତୀୟ ବିହନ ଓ ସାର ଉପରେ ନିର୍ଭରଶୀଳତା କ୍ରମଶଃ ବଢ଼ିବାରେ ଲାଗିଛି । ବିଡ଼ମ୍ବନା ହେଉଛି ସବୁଜ ବିପ୍ଳବ ପରେ ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ଏବଂ କେତେକ ଶସ୍ୟରେ ବଳକା ଦେଶ ହେବାର ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ସାର ପାଇଁ ଏ ପର୍ଯ୍ୟନ୍ତ ଆମଦାନୀ ଉପରେ ହିଁ ନିର୍ଭର କରିବାକୁ ପଡୁଛି । ଭାରତ ଏବେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍ଓପିର ୧୦୦% ଆମଦାନୀ କରୁଛି । ତେଣୁ ବିଶ୍ୱ ଭୂରାଜନୈତିକ ସ୍ତରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ସିଧାସଳଖ ପ୍ରଭାବ ଭାରତୀୟ କୃଷି ଉପରେ ପଡୁଛି । ଉଦାହରଣ ସ୍ୱରୂପ ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ । ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଛି । କିନ୍ତୁ ଇଲେକ୍ଟ୍ରୋନିକ୍ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଣ୍ଟଛାଣ୍ଟ କରିଛି । ତେଣୁ ଭାରତ ବାଧ୍ୟ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି । ସେଠାରେ ମଧ୍ୟ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସୁଥିବାରୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି ଏବଂ ସାର ପହଞ୍ଚିବାରେ ବିଳମ୍ବ ହେଉଛି । ଏହିସବୁ କାରଣ ସହିତ କଳାବଜାରୀ ମିଶି ଯିବାରୁ ଦେଶରେ ସାର ସଙ୍କଟ ଉତ୍କଟ ହେବାରେ ଲାଗିଛି । ଗତ ଜୁନ୍ ୧ ତାରିଖ ସୁଦ୍ଧା ଭାରତରେ ମୋଟ ଡିଏପି ମହଜୁଦ ପରିମାଣ ୯ ଲକ୍ଷ ଟନ୍ ଥିଲା, ଯାହା ପୂର୍ବବର୍ଷର ଏହି ସମୟ ତୁଳନାରେ ୪୨% କମ୍ । ଭାରତୀୟ କୃଷି ପାଇଁ ଆଶ୍ୱସ୍ତିର କଥା ଯେ ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ମାତ୍ର ୧୨ ଦିନ ପରେ ବିରାମ ଲାଗିଲା । ଯୁଦ୍ଧ ଅଧିକ ଦିନ ଲାଗି ରହିଥିଲେ ଅଶୋଧିତ ତୈଳ ତୁଳନାରେ ଭାରତର ସାର ସଙ୍କଟ ଅଧିକ ଉତ୍କଟ ହୋଇଥା'ନ୍ତା ଏବଂ ଡିଏପି ଓ ୟୁରିଆ ଆମଦାନୀ ୨୫% ପର୍ଯ୍ୟନ୍ତ ହ୍ରାସ ପାଇଥା'ନ୍ତା ।

ସାର ସଙ୍କଟ ସମାଧାନ ଦିଗରେ ସରକାର ମଧ୍ୟ ନିରୂପାୟ । ରାସାୟନିକ ସାର ଯୋଗାଣ ପାଇଁ ସମସ୍ତ ରାଜ୍ୟ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ । ଏଥିପାଇଁ ସାର ଓ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରତ୍ୟେକ ରାଜ୍ୟ ନିମନ୍ତେ ମାସିକ କୋଟାର ବ୍ୟବସ୍ଥା କରାଯାଇଛି । ଆମଦାନୀ ପରେ ଭାରତ ସରକାର ଚାହିଦା ଓ କୋଟା ଭିତ୍ତିରେ ରାଜ୍ୟମାନଙ୍କୁ ସାର ଯୋଗାଇ ଦେଇ ଆସୁଛନ୍ତି । ଇଫ୍‌କୋ, ଆରସିଏଫ୍ ଓ ଏନ୍ଏଫ୍ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ୩୦ରୁ ୪୦ ଦିନର ଚାହିଦା ପୂରଣ କରିବାରେ ସକ୍ଷମ । ଯଦି ବିଶ୍ୱସ୍ତରରେ ଅଧିକ ଦିନ ଅସ୍ଥିରତା ଦେଖାଦିଏ ତେବେ ଭାରତର କୃଷି ଉତ୍ପାଦନ ଗୁରୁତର ବ୍ୟାହତ ହେବ ।

ଏଭଳି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଯଥାଶୀଘ୍ର ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ । ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ହେଉଛି କଞ୍ଚାମାଲ । କଞ୍ଚାମାଲ୍ ଆମଦାନୀ ସୁଗମ ଓ ସୁଲଭ କରିବା ପାଇଁ ଭାରତ କୂଟନୈତିକ-ବାଣିଜ୍ୟିକ-ରଣନୀତିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ । ଏହାଛଡ଼ା ଭାରତରେ ସାର ଉତ୍ପାଦନ ଶିଳ୍ପର ଯନ୍ତ୍ରାଂଶଗୁଡ଼ିକ ପୁରୁଣାକାଳିଆ ଏବଂ ଅଧିକ ଶକ୍ତି ଆହରଣକାରୀ । ଏହାକୁ ଆମୂଳଚୂଳ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଘରୋଇ ସାର ଉତ୍ପାଦନ ଆମଦାନୀ ତୁଳନାରେ ମହଙ୍ଗା ପଡ଼ିବ । ତେଣୁ ଏ ଦିଗରେ ଦୀର୍ଘମିଆଦୀ ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିବାକୁ ହେବ । ଏହାଛଡ଼ା ବିତରଣ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବାକୁ ପଡ଼ିବ । ଏବେ ୟୁରିଆ ସାର ଉପରେ ସରକାର ସମ୍ପୂର୍ଣ୍ଣ ରିହାତି ଦେଉଥିବାରୁ ଏହାର କଳାବଜାରୀ ଅଧିକ ହେଉଥିବା ଅଭିଯୋଗ ଆସୁଛି । ଡିଏପି ଓ ଏମ୍ଓପିରେ ଚାଷୀ ପାଉଥିବା ଆଂଶିକ ରିହାତି ବଜାରଭିତ୍ତିକ । ଅର୍ଥାତ୍ ବିଶ୍ୱ ବଜାରରେ ମୂଲ୍ୟ ବୃଦ୍ଧି ପାଇଲେ ଚାଷୀ ମଧ୍ୟ ଅଧିକ ଦାମରେ କିଣିବାକୁ ବାଧ୍ୟ, ଠିକ୍ ରୋଷେଇ ଗ୍ୟାସ୍ କିଣିବା ପରି । ବିଶେଷକରି ସାର ଏଭଳି ଏକ ପ୍ରସଙ୍ଗ, ଯାହା କୋଟିକୋଟି ଲୋକଙ୍କ ଜୀବନ ଜୀବିକା ସହିତ ଜଡ଼ିତ । ତେଣୁ ସାର ରିହାତି ବାବଦ ବୋଝ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏ ଦିଗରେ ବିଶେଷକିଛି କରିବା ଅବସ୍ଥାରେ ନାହାନ୍ତି; ଅଥଚ କୃଷି-ଶିଳ୍ପ ସଂସ୍ଥାମାନେ ଏଥିରୁ ଭରପୂର ଫାଇଦା ଉଠାଉଛନ୍ତି ।

ଏବେ ସମୟ ଆସିଛି କେନ୍ଦ୍ର ସରକାର ସାରକୁ ଜାତୀୟ ଅତ୍ୟାବଶ୍ୟକ ନୀତିରେ ସାମିଲ୍ କରିବା ଦିଗରେ ଅଧିକ ବିଚାରବିମର୍ଶ ଲାଗି ପଥ ଉନ୍ମୋଚନ କରିବା ଆବଶ୍ୟକ । ଓଡ଼ିଶା ସରକାର ଭଳି ସାରକୁ ଅନ୍ୟ ରାଜ୍ୟ ସରକାରମାନେ ଅତ୍ୟାବଶ୍ୟକ ସାମଗ୍ରୀ ବର୍ଗରେ ତାଲିକାଭୁକ୍ତ କଲେ ବେଆଇନ ମହଜୁଦ, କୃତ୍ରିମ ଅଭାବ ଏବଂ କଳାବଜାରୀ ଆଇନତଃ ଦଣ୍ଡନୀୟ ହୋଇପାରିବ ଏବଂ ଚାଷୀଙ୍କ ସାର କଷଣ କେତେକାଂଶରେ ଦୂର ହୋଇପାରିବ । ●

# ଡାହାଣୀ ହତ୍ୟା: ଏକ ସାମାଜିକ ମହାମାରୀ!

ଡକ୍ଟର ଅବଶ ପରିଡ଼ା

ଆମ ଦେଶରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ହତ୍ୟା ଏକ ସାମାଜିକ ସମସ୍ୟା । ପ୍ରାୟ ତିନିଶହ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଆଜିର କୃତ୍ରିମ ବୁଦ୍ଧିମତ୍ତା ଓ ଅନ୍ତରୀକ୍ଷ ବିଜ୍ଞାନ ଯୁଗରେ ମଧ୍ୟ ଲାଗି ରହିଛି । ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ପରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ ହତ୍ୟା ଘଟଣାରେ ଓଡ଼ିଶାର ସ୍ଥାନ ଜାତୀୟସ୍ତରରେ ଦ୍ୱିତୀୟ । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଦ୍ୱାରା ପ୍ରଦତ୍ତ ତଥ୍ୟରେ ଉଲ୍ଲେଖ ଅଛି ଯେ ଗତ ଦଶନ୍ଧିରେ ଓଡ଼ିଶାରେ ଡାହାଣୀ ସନ୍ଦେହରେ ନିର୍ଯାତିତ ଏବଂ ପ୍ରଭାବିତ ସଂଖ୍ୟା ତିନି ହଜାରରୁ ଅଧିକ । ସେଥିମଧ୍ୟରୁ ସତୁରିରୁ ଅଧିକ ଜଣଙ୍କୁ ଡାହାଣୀ ଓ ଗୁଣିଗାରେଡ଼ି ସନ୍ଦେହରେ ନିର୍ମମ ହତ୍ୟା କରାଯାଇଥିଲା । କିନ୍ତୁ ପରିସଂଖ୍ୟାନ ସରକାରଙ୍କ ପ୍ରଦତ୍ତ ତଥ୍ୟ ଠାରୁ ଢେର୍ ଅଧିକ ବୋଲି କିଛି ନାଗରିକ ସମାଜ ଦାବି କରନ୍ତି । ସେହିପରି କିଛି ହେତୁବାଦୀ ସଂଗଠନ ଦୃଢ଼ୋକ୍ତି କରନ୍ତି ଯେ ପ୍ରତିବର୍ଷ ଓଡ଼ିଶାରେ ୭୫ରୁ ଅଧିକ ଲୋକଙ୍କୁ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ହତ୍ୟା କରାଯାଉଛି ।

ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି, ଗଜପତି ଓ ନୂଆପଡ଼ା ଜିଲ୍ଲାରେ ହେଉଥିବା ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ ହତ୍ୟା ମାମଲା ସମଗ୍ର ଓଡ଼ିଶାରେ ହେଉଥିବା ଘଟଣାର ଶତକଡ଼ା ୮୩ ଭାଗ । ଏବେ କିଛି ବର୍ଷ ହେଲାଣି ଗଞ୍ଜାମ ଓ ବାଲେଶ୍ୱର ପରି ଦୁଇଟି ଉପକୂଳବର୍ତ୍ତୀ ଜିଲ୍ଲାରେ ମଧ୍ୟ ଏହି ଭଳି ହତ୍ୟାକାଣ୍ଡ ନିୟମିତ ବ୍ୟବଧାନରେ ଦେଖିବାକୁ ମିଳୁଛି । ଗୁଣିଗାରେଡ଼ିକୁ ନେଇ ଘଟୁଥିବା ସମସ୍ତ ହିଂସକ ଘଟଣାରେ ତିରିଶ ପ୍ରତିଶତ ହତ୍ୟାର ଶିକାର ହୁଅନ୍ତି ଏବଂ ବାକି ସତୁରି ଭାଗ ଲୋକ ନିଜ ବାସସ୍ଥାନ ବା ନିଜ ଗାଁ ଛାଡ଼ି ଦେଉଛନ୍ତି ବୋଲି ଓଡ଼ିଶା ମହିଳା ଆୟୋଗର ଏକ ରିପୋର୍ଟରେ ଉଲ୍ଲେଖ ଅଛି ।

ସମାଜବିଜ୍ଞାନର ଏକ ଅଧ୍ୟୟନ କୁହେ ଯେ ଡାଇନି, ଡାହାଣୀ ବା ଡାୟନ ଏକ ପୁରୁଣା ଲିଙ୍ଗ - ନିରପେକ୍ଷ ଶବ୍ଦ । ଯାହା କେବଳ ମହିଳା ନୁହେଁ ବରଂ ପୁରୁଷମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ । ଏବେ ମଧ୍ୟ ଭାରତର ଅନେକ ସ୍ଥାନରେ ପୁରୁଷଙ୍କୁ ଡାହାଣୀ ରୂପେ ପରିଚୟ ଦିଆଯାଏ ଓ ହତ୍ୟା ମଧ୍ୟ କରାଯାଏ । ଭାରତର ପୁରୁଷ ଡାହାଣୀମାନେ 'ଡୋହାନା' ନାମରେ ବେଶ୍ ପରିଚିତ । ଗୁଣିଗାରେଡ଼ି କିମ୍ବା ଡାହାଣୀର ନାମକରଣ, ଚୟନ ଓ ଦଣ୍ଡ ପ୍ରକ୍ରିୟା ତିନୋଟି ସୋପାନ ଦେଇ ଗତିକରେ । ପ୍ରଥମ, ନାମକରଣ ପ୍ରକ୍ରିୟାରେ ଗପସପ ମାଧ୍ୟମରେ କଳାଯାଦୁ କିମ୍ବା ଡାହାଣୀ ବିଦ୍ୟା ହେଉଥିବାର ଚର୍ଚ୍ଚା ଆରମ୍ଭ ହୁଏ । ସମ୍ପୃକ୍ତ ପୁରୁଷ କିମ୍ବା ମହିଳା ହେଉଛନ୍ତି ଭୟଙ୍କର, ବିନାଶକାରୀ ଓ ନକାରାତ୍ମକ ଶକ୍ତି ଏବଂ ସେମାନେ ଶିଶୁ ମୃତ୍ୟୁ, ହଇଜା, ମହାମାରୀ, କୂଅ ଓ ପୋଖରୀ ଶୁଖିଯିବା, ମରୁଡ଼ି କିମ୍ବା ଅପମୃତ୍ୟୁ ପାଇଁ ସିଧାସଳଖ ଦାୟୀ ବୋଲି ଧରି ନିଆଯାଏ । ଅନେକଯାଗାରେ ଦେଖା ଯାଇଛି ଯେ ପଡ଼ୋଶୀ(ଗାଁରେ ପଡ଼ୋଶୀ ସାଧାରଣତଃ କୁଟୁମ୍ବ), ଗାଁ ପୂଜକ ବା ଗୁଣିଆ, ଉଚ୍ଚ ଜାତି ଓ ସମ୍ପର୍କୀୟମାନେ ଏହି ନାମକରଣ କରନ୍ତି । ଏପରି କିଛି ଉଦାହରଣ ଅଛି ଯେଉଁଠି ସ୍ୱାଧୀନ, ସଶକ୍ତ ମହିଳା ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ଲଢୁଥିବା ସମାଜସେବୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ମଧ୍ୟ ଡାହାଣୀ ନାମକରଣ କରଯାଇଛି ।

ଦ୍ୱିତୀୟ ପ୍ରକ୍ରିୟାଟି ହେଉଛି ଡାହାଣୀ ବା କଳା ଯାଦୁକରକୁ ଚୟନ କରିବା । ପ୍ରାୟତଃ ଏହି ଚୟନର ଦାୟିତ୍ୱ ଓ ପ୍ରକ୍ରିୟାକୁ ନିୟନ୍ତ୍ରଣ କରନ୍ତି ଗାଁ ପୂଜକ ଯେଉଁମାନେ ଗୁଣିଆ କିମ୍ବା ଭୋପା କିମ୍ବା ଓଝା ନାଁ ରେ ପରିଚିତ । ଭାରତରେ ଅନ୍ଧବିଶ୍ୱାସରେ ଭରପୂର ଅସଂଖ୍ୟ ଚିହ୍ନଟ ପ୍ରକ୍ରିୟା ଅଛି । ଏଠାରେ କିଛି ଲୋକପ୍ରିୟ ଡାହାଣୀ ଚୟନ ପ୍ରକ୍ରିୟା କଥା ଆଲୋଚନା କରିବା । ଓଡ଼ିଶା ଓ ଛତିଶଗଡ଼ର କିଛି ଆଦିବାସୀ ଅଞ୍ଚଳରେ ସନ୍ଦିଗ୍ଧ ଡାହାଣୀଙ୍କ ନାଁରେ ଓଝା ଏକ ପାଣିପାତ୍ରରେ ମସୁର ଡାଲିକୁ ପକାଏ । ଯଦି ଡାଲି ପାଣିରେ ବୁଡ଼ିଯାଏ ତେବେ ସମ୍ପୃକ୍ତ ବ୍ୟକ୍ତିକୁ ଡାହାଣୀ ଭାବେ ଚୟନ କରାଯାଏ । ସେହିପରି ଅନ୍ୟ କିଛି ଗୋଷ୍ଠୀରେ ଓଝାମାନେ କିଛି ଗଛର ପତ୍ରରେ ସନ୍ଦିଗ୍ଧ ନାମଗୁଡ଼ିକ ଲେଖନ୍ତି, ଯାହା ନାଁ ପତ୍ରରୁ ଲିଭିଯାଏ, ସେ ବ୍ୟକ୍ତିଙ୍କୁ ଡାହାଣୀ ଭାବେ ଚିହ୍ନଟ କରାଯାଏ ।

ତୃତୀୟ ବା ଶେଷ ପ୍ରକ୍ରିୟା ହେଉଛି ଦଣ୍ଡବିଧାନ । ଗୁଣିଗାରେଡ଼ି ସନ୍ଦେହ ଅଭିଯୁକ୍ତଙ୍କ ପାଇଁ ଚରମ ଦଣ୍ଡ ହେଉଛି ମୃତ୍ୟୁ । ଏହାର ମଧ୍ୟ ପ୍ରକାରଭେଦ ଅଛି । ଯେପରିକି ଅଭିଯୁକ୍ତକୁ ପଥରରେ ଛେଚି କରି ହତ୍ୟା କରିବା, ନିଆଁରେ ଫିଙ୍ଗିଦେବା କିମ୍ବା ଉପର ତଳକୁ ଝୁଲାଇ ମୃତ୍ୟୁ ଦଣ୍ଡ ଦେବା ଇତ୍ୟାଦି । ଏପରି ଅନେକ ଉଦାହରଣ ଅଛି, ଯେଉଁଠି ପୀଡ଼ିତଙ୍କ ବ୍ୟତୀତ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ନିର୍ଯାତନା ଦିଆଯାଏ କିମ୍ବା ହତ୍ୟା କରାଯାଏ । ଦଣ୍ଡ ଦେବା ସମୟରେ ମହିଳାମାନଙ୍କୁ ବଳାତ୍କାର ଓ ନିର୍ଯାତନା ମଧ୍ୟ ଦିଆଯାଉଥିବାର ବହୁଳ ଅଭିଯୋଗମାନ ପ୍ରମାଣିତ ହୋଇଛି । ଡାହାଣୀ ସନ୍ଦେହରେ ବିଚାର ପ୍ରକ୍ରିୟାକୁ ନେଇ ହୋଇଥିବା ଏକ ଅଧ୍ୟୟନରେ କୁହାଯାଇଛି ଯେ ଗୁଣିଗାରେଡ଼ି ବା ଡାହାଣୀ ବିଚାରରେ ଶତକଡ଼ା ୭୩ ଭାଗ ଅଭିଯୁକ୍ତଙ୍କୁ ହତ୍ୟା କରାଯାଉଛି, ୮% ଅଭିଯୁକ୍ତଙ୍କୁ ଗାଁରୁ ବାହାର କରି ଦିଆଯାଉଛି ଏବଂ ୧୯ % ଲୋକ ଆକ୍ରମଣ କିମ୍ବା ହିଂସାର ଶିକାର ହେଉଛନ୍ତି ।

ଗୁଣିଗାରେଡ଼ି, କଳା ଯାଦୁ ଓ ଡାହାଣୀ ପ୍ରସଙ୍ଗର ଅନେକ ସାମାଜିକ ଦିଗ ଅଛି । ଯେପରିକି ଦାରିଦ୍ର୍ୟ, ସମ୍ପତ୍ତି ଲୋଭ, ଅର୍ଥ, ଜମି, ଜାତି, ଲିଙ୍ଗ ଓ ପ୍ରାଧାନ୍ୟକୁ ନେଇ ଏହା ଏକ ଅଘୋଷିତ ଯୁଦ୍ଧ । ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ଓ ଲିଙ୍ଗଭିତ୍ତିକ ହିଂସାର ଏକ ସାମାଜିକ ଅନୁମୋଦିତ ପ୍ରକ୍ରିୟା । ସମାଜର ଅବହେଳିତ ଗୋଷ୍ଠୀଙ୍କ ଉପରେ ଗୁଣିଗାରେଡ଼ି ସନ୍ଦେହ ହେଉଛି ଏକ ପ୍ରକାର ଅତ୍ୟାଚାର ଓ ପ୍ରାଧାନ୍ୟର ପ୍ରତୀକ । ଅନେକ ସମୟରେ ଏହା ଗୋଷ୍ଠୀ ହିଂସା ଓ ଭିଡ଼ ହତ୍ୟାର ଏକ ଯୋଜନାବଦ୍ଧ ଦିଗ ମଧ୍ୟ ପାଲଟୁଛି । ଅନୁଧ୍ୟାନରୁ ଜଣାପଡ଼େ ଯେ, ଗୁଣିଗାରେଡ଼ି ହତ୍ୟା ଦୁଇଟି ଉପାୟରେ ଘଟିଥାଏ । ପ୍ରଥମଟି ହେଉଛି ମନୁଷ୍ୟ ବଳି, ଯେଉଁଠି କୌଣସି ଅଲୌକିକ ଶକ୍ତି ବା ଆତ୍ମାଙ୍କୁ ସନ୍ତୁଷ୍ଟ କରିବା ନାମରେ ମଣିଷକୁ ହତ୍ୟା କରାଯାଏ, ଯାହା ଗୁଣିଗାରେଡ଼ି ଦ୍ୱାରା ପ୍ରବର୍ତ୍ତିତ । ଏହି ହତ୍ୟାର ଉଭୟ ବ୍ୟକ୍ତିଗତ ଓ ସମ୍ପ୍ରଦାୟର ସ୍ୱାର୍ଥ ଲୁଚି ଥାଏ ।

କିଛିବର୍ଷ ତଳେ ବଲାଙ୍ଗୀରରେ ଏକ ଶିଶୁ ବଳି ଘଟଣା ପୂରା ଓଡ଼ିଶାକୁ ସ୍ତବ୍ଧ କରିଥିଲା । ଗୁଣିଆ କଥାରେ ପ୍ରଲୋଭିତ ହୋଇ ଏକ ଶିଶୁପୁତ୍ରକୁ ତା'ର ନିଜ ଦାଦା ଓ ଭାଇ ବଳି ଦେଇଥିଲେ । କଳା ଯାଦୁ, ବଶୀକରଣ ଏବଂ ଦେବାଦେବୀଙ୍କୁ ସନ୍ତୁଷ୍ଟ ପାଇଁ ଶିଶୁ ବଳି ଓ ନାବାଳିକା ବଳି ଭଳି ଅଘଟଣ ଆମ ସଭ୍ୟ ସମାଜରେ ଏବେ ବି ଘଟୁଛି । ଏଠି ଜାଣି ରଖିବାକୁ ହେବ ଯେ ମନୁଷ୍ୟ ବଳି ପ୍ରଥାକୁ ସାମାଜିକ ସ୍ୱୀକୃତି ମଧ୍ୟ ମିଳିଥିଲା । ଏହି ପ୍ରଥାର ନାଁ ଥିଲା 'ମେରିଆ ବଳି' । ଏହା ପ୍ରାଚୀନ ସମୟର ବଳି ପ୍ରଥା, ଯେଉଁଠି ବଳି ଦେବା ପାଇଁ ବଜାରରେ ମଣିଷ ବିକ୍ରି ହେଉଥିଲେ । ଅବଶ୍ୟ ଏ ପ୍ରଥାଟି ଏବେ ଆଉ ନାହିଁ ।

ଦ୍ୱିତୀୟଟି ହେଉଛି, ବ୍ୟାପକ ରୂପେ ଦେଖାଯାଉଥିବା ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ହତ୍ୟା । ଏ ହତ୍ୟାର କାରଣ କେବଳ ଅନ୍ଧବିଶ୍ୱାସ ନୁହେଁ, ବରଂ ଅନେକ କ୍ଷେତ୍ରରେ ବ୍ୟକ୍ତିଗତ, ସାମାଜିକ ଓ ଅର୍ଥନୈତିକ କାରଣ ମଧ୍ୟ ରହିଥାଏ । ଏହାର ଶିକାର ବିଶେଷତଃ ମହିଳାମାନେ ହିଁ ହୋଇଥା'ନ୍ତି । ଏହା ଏକ ସଂଗଠିତ ଲିଙ୍ଗଭିତ୍ତିକ ହିଂସା । ବିହାର, ଓଡ଼ିଶା ଓ ଛତିଶଗଡ଼ରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ ମୃତ୍ୟୁ ଉପରେ ଆଧାରିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ସମୁଦାୟ ଡାହାଣୀ ହତ୍ୟା ଓ ଗୁଣିଗାରେଡ଼ି ନିର୍ଯାତିତଙ୍କ ମଧ୍ୟରେ ମହିଳାମାନଙ୍କ ସଂଖ୍ୟା ନବେ ପ୍ରତିଶତ । ଏ ସମସ୍ତ ମହିଳା ପ୍ରାୟତଃ ଦରିଦ୍ର, ବିଧବା, ନିଃସହାୟ, ଦଳିତ କିମ୍ବା ଗ୍ରାମୀଣ ଆଦିବାସୀ ଶ୍ରେଣୀର । ସବୁଠାରୁ ମୁଖ୍ୟ କଥା ହେଲା ମୁଖ୍ୟତଃ ୫୦ ରୁ ୬୫ ବର୍ଷ ବୟସର ମହିଳାମାନେ ଅଭିଯୁକ୍ତ ହେବାର ସର୍ବାଧିକ ଆଶଙ୍କା ଥାଏ । ଏକ ଜାତୀୟ ସଂସ୍ଥା ଦ୍ୱାରା କରାଯାଇଥିବା ପରିସଂଖ୍ୟାନର ଏକ ତଥ୍ୟରୁ ଜଣାପଡ଼େ ଯେ ଆମ ଦେଶରେ ୨୦୧୦ ମସିହାରୁ ୨୦୨୧ ମସିହା ମଧ୍ୟରେ ପ୍ରାୟ ୧୫୦୦ ବୃଦ୍ଧା ମହିଳାଙ୍କୁ ଡାହାଣୀ ସନ୍ଦେହରେ ହତ୍ୟା କରାଯାଇଛି । ଗୁଣିଗାରେଡ଼ି ସନ୍ଦେହ ହତ୍ୟାର ମଧ୍ୟ ବିବର୍ତ୍ତନ ହେଉଛି । ଏ କିଛି ଦଶନ୍ଧି ହେଲା, ଏହା ମବଲିଂଚିଂ ବା ଭିଡ଼ହତ୍ୟା ସହ ଯୋଡ଼ି ହୋଇଯାଇଛି । ଯେଉଁଠି ଭିଡ଼ ବା ଏକ ଗୋଷ୍ଠୀ ନ୍ୟାୟ ଦେବା ନାମରେ ହତ୍ୟା କରୁଛି ।

ଡାହାଣୀ ହତ୍ୟାକୁ ନେଇ ବଳିଷ୍ଠ ନିୟମ କାନୁନ ଥିବା ସତ୍ତ୍ୱେ ଏହା ଏକ ସାମାଜିକ ସଂକ୍ରମିତ ବ୍ୟାଧି ହୋଇଗଲାଣି । ଓଡ଼ିଶା ସରକାରଙ୍କ ଡାହାଣୀ ହତ୍ୟା ପ୍ରତିରୋଧ ବିଲ୍ ୨୦୧୩ର ପ୍ରୟୋଗ ଅନେକ ମାତ୍ରାରେ ଏ ସାମାଜିକ ବ୍ୟାଧିକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରିଛି । କିନ୍ତୁ ଏ ନିୟମରେ କିଛି ସଂଶୋଧନର ଆବଶ୍ୟକତା ଅଛି । ଯେପରିକି, ଅପରାଧୀ ଓ ହତ୍ୟାକାରୀ ଅପେକ୍ଷା ଡାହାଣୀ ହତ୍ୟାର ପ୍ରରୋଚକଙ୍କ ପାଇଁ କଠୋର ଦଣ୍ଡବିଧାନର ଆବଶ୍ୟକତା ଅଛି । ବ୍ୟାପକ ଶିକ୍ଷା, ଆଇନର ଉପଯୋଗିତା, ସମୂହ ଯୋଗଦାନ, ରାଜନୈତିକ ଇଚ୍ଛାଶକ୍ତି ଓ ମହିଳା ସଶକ୍ତୀକରଣ ଇତ୍ୟାଦି ଡାହାଣୀ ହତ୍ୟା ଭଳି ସାମାଜିକ ସମସ୍ୟାକୁ ଓଡ଼ିଶାରେ ରୋକିପାରିବ ବୋଲି ଆଶା । କିନ୍ତୁ ଏହା ମଧ୍ୟରେ ଆଶଙ୍କା ଉପୁଜୁଛି ଯେ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଏକ ରହସ୍ୟମୟ ସାମାଜିକ ମହାମାରୀର ରୂପ ନେଉନାହିଁ ତ ? ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବରିଷ୍ଠ ବନାମ ବଳିଷ୍ଠ ନାଗରିକ

ଅନନ୍ତ ଚରଣ ସ୍ୱାଇଁ

ସେପରି କିଛି ଅପ୍ରୀତିକର ସ୍ଥିତି ନ ଆସିଲେ ଜୀବନରେ ବରିଷ୍ଠ ନାଗରିକ ହେବା ନିଶ୍ଚିତ । ବରିଷ୍ଠ ନାଗରିକମାନେ ନିଜର ସ୍ୱାସ୍ଥ୍ୟ, ବିତ୍ତ ଓ ଚିତ୍ତଜନିତ ସମସ୍ୟା ଭିତରେ ଘାଣ୍ଟି ହୁଅନ୍ତି । ଜେଜେବାପାଙ୍କଠାରୁ ଶୁଣିଥିଲି, ମନୁଷ୍ୟ, ବଳଦ, କୁକୁର ଓ ପେଚା ପରି ଚାରୋଟି ଜୀବ ଈଶ୍ୱର ସୃଷ୍ଟି କରି ପ୍ରତ୍ୟେକଙ୍କୁ ଚାଳିଶ ବର୍ଷ ଲେଖାଏଁ ଆୟୁଷ ଦେଲେ । ମଣିଷ ଏତିକି ଆୟୁଷରେ ସନ୍ତୁଷ୍ଟ ନଥିଲା । ସେ ଈଶ୍ୱରଙ୍କୁ ଗୁହାରୀ କରି ବଳଦ, କୁକୁର ଓ ପେଚାଠାରୁ କୋଡ଼ିଏ ବର୍ଷ ଲେଖାଏଁ ଆୟୁଷ ମାଗି ନେଲା । ଏହାପରେ ମନୁଷ୍ୟର ଆୟୁ ହେଲା ଶହେବର୍ଷ । ପ୍ରଥମ ଚାଳିଶ ବର୍ଷ ନିଜ ଆୟୁ ହୋଇଥିବାରୁ ଜୀବନ ଭଲ ଭଲରେ କଟେ । ପରବର୍ତ୍ତୀ କୋଡ଼ିଏ ବର୍ଷ ବଳଦଠାରୁ ଆସିଥିବାରୁ ତା' ପରି କଷ୍ଟ ସହେ । ଷାଠିଏରୁ ଅଶୀ ବର୍ଷ କୁକୁରଠାରୁ ଆସିଥିବା ଆୟୁରେ ବଞ୍ଚୁଥିବାରୁ ଜଗୁଆଳିର କାମ କରେ ଏବଂ ଅଶୀରୁ ଶହେ ବର୍ଷ ପେଚାଠାରୁ ଧାର ନେଇଥିବାରୁ ତା' ପରି କେବେଳ ନୀରବଦ୍ରଷ୍ଟା ସାଜେ ।

ଜନ୍ମ-ମୃତ୍ୟୁ ମଧ୍ୟରେ ମନୁଷ୍ୟ ଶିଶୁ, କିଶୋର, ଯୌବନ ଓ ବାର୍ଦ୍ଧକ୍ୟ ଅବସ୍ଥା ଦେଇ ଗତି କରେ । ଭିନ୍ନ ଭିନ୍ନ ସମୟର ସମସ୍ୟା ଭିନ୍ନ । ଆଜିର ଶିଶୁ ଆସନ୍ତା କାଲିର ବରିଷ୍ଠ ନାଗରିକ । ଏମାନେ ସମାଜର ଏକ ଅଭିନ୍ନ ଅଂଶ । ବରିଷ୍ଠ ନାଗରିକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । । ଏକ ଆକଳନ ଅନୁସାରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୨୦୨୨ ମସିହାରେ ସମୁଦାୟ ଜନସଂଖ୍ୟାର ୧୦.୫ ପ୍ରତିଶତ ଥିଲା । ୨୦୫୦ ମସିହା ବେଳକୁ ଏହା ବୃଦ୍ଧି ପାଇ ୨୦.୮ ପ୍ରତିଶତରେ ପହଞ୍ଚିବ ଏବଂ ଶତାବ୍ଦୀ ଶେଷ ବେଳକୁ ମୋଟ ଜନସଂଖ୍ୟାର ୩୬ ପ୍ରତିଶତକୁ ଟପିଯିବ । ଜାତିସଂଘର ଏକ ତଥ୍ୟ ଅନୁଯାୟୀ, ୨୦୪୬ ସୁଦ୍ଧା ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଶିଶୁଙ୍କ (୦ ରୁ ୧୫ ବର୍ଷ) ସଂଖ୍ୟାକୁ ଅତିକ୍ରମ କରିଯିବ । ୨୦୨୨ ରୁ ୨୦୫୦ ମଧ୍ୟରେ ୮୦ ଓ ତଦୂର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ପ୍ରାୟ ୨୭୯% ବୃଦ୍ଧି ପାଇବ । ଏମାନଙ୍କ ମଧ୍ୟରେ ବିଧବା ଓ ଅତ୍ୟଧିକ ନିର୍ଭରଶୀଳ ବୃଦ୍ଧ ମହିଳାଙ୍କ ସଂଖ୍ୟା ଅଧିକ ରହିବ ।

ସମାଜରେ ବରିଷ୍ଠ ନାଗରିକମାନେ ଅବହେଳିତ । ପାରିବାରିକ ସମସ୍ୟା, ଆର୍ଥିକ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା ଓ ଏକାକୀତ୍ୱ ବା ଏକଲାପଣିଆ ସେମାନଙ୍କ ମନୋବଳ ଭାଙ୍ଗିଦିଏ । ବରିଷ୍ଠ ନାଗରିକଙ୍କ ପ୍ରତି ସହାନୁଭୂତି ବଦଳରେ ସେମାନେ ବୃଦ୍ଧାବସ୍ଥାରେ ପ୍ରତାରିତ ହେବା ସହ ବିଭିନ୍ନ ପ୍ରକାରର ଉତ୍ପୀଡ଼ନର ଶିକାର ହେବା ଦୃଷ୍ଟାନ୍ତ ଅନେକ । ବୟସ ବଢ଼ିବା ସହ ସ୍ୱାସ୍ଥ୍ୟଗତ ସମାସ୍ୟା ବୃଦ୍ଧି ପାଏ । ତେଣୁ ପରିଣତ ବୟସରେ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ଆବଶ୍ୟକ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ହସ ଖୁସିରେ ଜୀବନ କାଟିବା ଦରକାର । ମନ ଉପରେ ନିୟନ୍ତ୍ରଣ ଜୀବନ ପାଇଁ ସୁଖଦାୟକ । ମନକୁ ସ୍ଥିର ଓ ନିଜ ନିୟନ୍ତ୍ରଣରେ ରଖିବାକୁ ଯୋଗ, ଧ୍ୟାନ, ପ୍ରାଣାୟମ ଅଭ୍ୟାସ ଜରୁରୀ । ମନକୁ ନିଜ ଆୟତ୍ତରେ ରଖିବାକୁ ଚେଷ୍ଟା କରିବା ଦରକାର । କାରଣ ମନର ଅଧୀନକୁ ଚାଲିଗଲେ ନିଜର ବୋଲି କିଛି ନଥାଏ । ଏହାଦ୍ୱାରା ଅନେକପ୍ରକାର ସମସ୍ୟା ଦେଖାଦିଏ ।

ତନ ଓ ମନ ବ୍ୟତୀତ ଧନ ପ୍ରତ୍ୟେକ ବ୍ୟକ୍ତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିତ୍ତୀୟ ସ୍ୱାଧୀନତା ବା ବିତ୍ତୀୟ ସମ୍ପନ୍ନତା ବ୍ୟକ୍ତିକୁ ବଳିଷ୍ଠ କରିବାରେ ସହାୟକ ହୋଇଥାଏ । ପାଖରେ ଧନ ଥିଲେ ଅନ୍ତତଃ ବୃଦ୍ଧାବସ୍ଥାର ଅବହେଳିତ ହେବାର ଆଶଙ୍କା ହ୍ରାସ ପାଏ । ଆର୍ଥିକ ଅଭାବ ରହିଲେ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼େ । ବୃଦ୍ଧାବସ୍ଥାରେ ଯେପରି ଆର୍ଥିକ ଅଭାବ ନ ରହିବ ସେଥିପାଇଁ ବହୁପୂର୍ବରୁ ପ୍ରସ୍ତୁତି ଦରକାର । ରୋଜଗାରକ୍ଷମ ହେବା ସଙ୍ଗେ ସଙ୍ଗେ ସଞ୍ଚୟ ଓ ନିବେଶ ଆରମ୍ଭ କରିବା । ନିଜ ପାଇଁ ବଞ୍ଚିବା । ଅନ୍ୟର ପସନ୍ଦ ଅନୁସାରେ ପିନ୍ଧିବା, ଖାଇବା, ଚଳିବା ଦ୍ୱାରା ଅଯଥାରେ ଅନେକ ଖର୍ଚ୍ଚ ହୋଇଯାଏ । ଆର୍ଥିକ ସଙ୍କଟ ଦେଖାଯାଏ । ବଜେଟ ପ୍ରସ୍ତୁତି କରି ତଦନୁଯାୟୀ ଚାଲିଲେ ଖର୍ଚ୍ଚ ନିୟନ୍ତ୍ରଣ ହେବା ସହ ଆର୍ଥିକ ସମୃଦ୍ଧି ଆସିଥାଏ ।

ଆକସ୍ମିକ କ୍ରୟ ବା ପ୍ରେରଣା କ୍ରୟ(ଇମ୍ପଲ୍ସ ବାଇଂ) ରୁ ଦୂରେଇ ରହିବା ଆବଶ୍ୟକ । ଆକସ୍ମିକ କ୍ରୟ ହେଉଛି ପୂର୍ବଯୋଜନା ନଥିବା କିମ୍ବା ଆବଶ୍ୟକ ନଥିବା ଜିନିଷ ହଠାତ କିଣିବା । ବଞ୍ଚିଥିବା ବେଳେ କିମ୍ବା ମୃତ୍ୟୁ ପରେ ସମ୍ପତ୍ତି ପାଇବା ପାଇଁ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଯେପରି ଅସନ୍ତୋଷ ଓ କଳହ ନହୁଏ ସେଥିପାଇଁ ଇଷ୍ଟେଟ ପ୍ଲାନିଂର ଆବଶ୍ୟକ । ଏହାଦ୍ୱାରା ବରିଷ୍ଠ ନାଗରିକଙ୍କ ନିଜର ମାନସିକ ଶାନ୍ତି ବୃଦ୍ଧି ପାଇବ । ଜୀବିତାବସ୍ଥାରେ ସ୍ୱଅର୍ଜିତ ସମ୍ପତ୍ତିର ସୁରକ୍ଷା, ସୁପରିଚାଳନା ଓ ମୃତ୍ୟୁ ପରେ ସେସବୁର ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟନର ସୁବ୍ୟବସ୍ଥା କରିବା ହେଉଛି ଇଷ୍ଟେଟ ପ୍ଲାନଂର ଉଦ୍ଦେଶ୍ୟ । ବରିଷ୍ଠ ନାଗରିକମାନେ ନିଜ ଅର୍ଜିତ ଧନସମ୍ପତ୍ତି ଭୋଗ କରିବା ଅଧିକାରରୁ ବଞ୍ଚିତ ନହେବା, ଜୀବନକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଇଷ୍ଟେଟ ପ୍ଲାନିଂହେଉଛି ଏକ ସୁରକ୍ଷିତ ଆୟୁଧ ।

ବରିଷ୍ଠ ନାଗରିକମାନଙ୍କର ଅନେକ ସମସ୍ୟା । ବରିଷ୍ଠ ହେବା ସହ ନିଜକୁ ବଳିଷ୍ଠ କରିପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ । ତେଣୁ ବରିଷ୍ଠ ନାଗରିକଙ୍କ ପାଖରେ ବଳିଷ୍ଠ ହେବାର ସମସ୍ତ ଉପାଦାନ ଥିଲେ ସୁଖ ଶାନ୍ତିରେ ଜୀବନ ବିତିଥାଏ । ଜୀବନକୁ ସରସ ସୁନ୍ଦର କରିବାକୁ ବରିଷ୍ଠ ନାଗରିକମାନେ ନିଜକୁ ବଳିଷ୍ଠ କରିବାର ଆବଶ୍ୟକ ରହିଛି । ●

ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

# ଶ୍ରୀମନ୍ଦିର ବେଢ଼ାରେ ଜ୍ୱର ଦେବତା

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ଶ୍ରୀମନ୍ଦିର ଦେବଗ୍ରାମରେ କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କ ସହ ଅନେକ ଦେବାଦେବୀ ଆରାଧିତ ହେଉଛନ୍ତି । ସେମାନେ ସମସ୍ତେ ମହାପ୍ରଭୁଙ୍କର କିଛି ନା କିଛି ନିଜ କାନ୍ଧରେ ବହନ କରିଛନ୍ତି । ପ୍ରଭୁ ଲୋକନାଥ ଶ୍ରୀମନ୍ଦିରର ଭଣ୍ଡାରରକ୍ଷକ ଓ ଯମେଶ୍ୱର ମହାଦେବ ସାଆନ୍ତଙ୍କ ହିସାବ ରଖନ୍ତି ବା ମୁନସୀର କାମ କରନ୍ତି । ଈଶାନେଶ୍ୱର ମହାଦେବ ମହାପ୍ରଭୁଙ୍କର ଗୁରୁ ଗୋସେଇଁ । ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡି ଓ ଅଷ୍ଟମହାବୀର କ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରୁଛନ୍ତି । ରୋଷ ଗଣେଶ ରୋଷଘରର ଭଣ୍ଡାର ଜଗୁଛନ୍ତି । ଦକ୍ଷିଣ କାଳୀକା ରୋଷଘରର ତତ୍ତ୍ୱାବଧାରିକା । କୁତାମ ଚଣ୍ଡୀ ବା ଶ୍ୱାନ ଭୈରବୀ ଶ୍ରୀକ୍ଷେତ୍ର ପରିସରକୁ କୁକୁରମାନଙ୍କ ଉପଦ୍ରବରୁ ରକ୍ଷା କରୁଛନ୍ତି । ସେହିକ୍ରମରେ ବଡ଼ଦେଉଳ ବେଢ଼ାରେ ଜଣେ ବିଚିତ୍ର ଦେବତା ବିରାଜମାନ କରିଛନ୍ତି । ମହାପ୍ରଭୁଙ୍କ ଭକ୍ତମାନେ ଜ୍ୱର ରୋଗରେ ପୀଡ଼ିତ ହେଲେ ସେ ଦେବତା ତା'ର ଉପଶମ କରନ୍ତି । ତେଣୁ ତାଙ୍କର ନାମ 'ଜ୍ୱର ଦେବତା' ରଖାଯାଇଛି ।

ମହାଲକ୍ଷ୍ମୀଙ୍କ ମନ୍ଦିର ସାମନାରେ ବେଢ଼ାର ଦ୍ୱିତୀୟ ବୃହତ୍ତମ ମନ୍ଦିରରେ ସୂର୍ଯ୍ୟନାରାୟଣ ଦେବ ଆରାଧିତ ହେଉଛନ୍ତି । ସେହି ମନ୍ଦିରର ଜଗମୋହନର ଏକ ଠଣାରେ 'ଜ୍ୱର ଦେବତା' ବିଜେ କରିଛନ୍ତି । ତିନି ପାଦ ଓ ତିନି ମୁଣ୍ଡ ବିଶିଷ୍ଟ ଏହି ବିଚିତ୍ର ଦିଅଁଙ୍କ ବିଗ୍ରହର ଛଅ ଗୋଟି ହାତ ଅଛନ୍ତି । କ୍ଷୀରରେ କଦଳୀ ଚକଟା ହୋଇଥିବା ପଣା ତାଙ୍କର ପ୍ରିୟ ପ୍ରସାଦ । ଜ୍ୱରରେ ପୀଡ଼ିତମାନେ ଏହି ପଣା ଭୋଗ ସହ 'ଜ୍ୱର ଦେବତା'ଙ୍କୁ ଆରାଧନା କରନ୍ତି । ପୂଜକ ରୋଗୀର ନାମ ଓ ଗୋତ୍ର ଉଚ୍ଚାରଣ କରି ପଣା ପ୍ରସାଦ ଦିଅଁଙ୍କୁ ସମର୍ପଣ କଲା ପରେ ପ୍ରସାଦକୁ ମେଘନାଦ ପାଚେରୀ ବାହାରେ ଫିଙ୍ଗି ଦିଆଯାଏ । ଆରାଧନା ପରେ ଦୁରାରୋଗ୍ୟ ଜ୍ୱର ମଧ୍ୟ ଭଲ ହୋଇଯାଏ ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅତ୍ୟନ୍ତ ଭଲ ପାଉଥିବା ଅନେକ ଭକ୍ତ କୋଟିବ୍ରହ୍ମାଣ୍ଡର ମାଲିକ ମହାପ୍ରଭୁଙ୍କର ଜ୍ୱରର ଉପଶମ ପାଇଁ ତାଙ୍କର ଅଧସ୍ତନ 'ଜ୍ୱର ଦେବତା'ଙ୍କୁ ପଣା ଭୋଗ ଦେଇ ପୂଜା କରନ୍ତି । ସ୍ନାନପୂର୍ଣ୍ଣିମା ଦିନ ଅଣ୍ଡାପାଣିରେ ପ୍ରତ୍ୟକ୍ଷ ସ୍ନାନ କଲା ପରେ ଜଗନ୍ନାଥ ଜ୍ୱରରେ ପୀଡ଼ିତ ହୋଇ ଅନବସରରେ ରହନ୍ତି । ବୈଦ୍ୟଙ୍କ ପରାମର୍ଶ କ୍ରମେ ପଥିପାଚନ ଖାଆନ୍ତି । ତାଙ୍କର ଏ ଅବସ୍ଥା କଥା ଶୁଣି ଭକ୍ତମାନେ ଦୁଃଖ କରନ୍ତି । କେତେକ ଭକ୍ତ ମହାପ୍ରଭୁଙ୍କର ଆରୋଗ୍ୟ କାମନା କରି ଜ୍ୱର ଦେବତାଙ୍କ ପାଖରେ କାତ୍ୟାୟନ ଗୋତ୍ରୀ ଜଗନ୍ନାଥଙ୍କ ନାମ ନେଇ ପଣା ପ୍ରସାଦ ଭୋଗ କରନ୍ତି ଏବଂ ଭୋଗ ସମର୍ପଣ ପରେ ପାଚେରୀ ବାହାରକୁ ଫିଙ୍ଗି ଦିଅନ୍ତି ।

ଏହି ଦେବତାଙ୍କ ଆବିର୍ଭାବକୁ ନେଇ ଏକ ରୋଚକ ଲୋକକଥା ଶୁଣାଯାଏ । ଦ୍ୱାପର ଯୁଗରେ ବାଣାସୁର ନାମରେ ଜଣେ ପ୍ରବଳ ପ୍ରତାପୀ ଅସୁର ରାଜା ଥିଲା । ସେ ବଡ଼ ଶିବ ଭକ୍ତ ଥିଲା ଏବଂ ବିଷ୍ଣୁ ଅବତାର ଶ୍ରୀକୃଷ୍ଣଙ୍କୁ ହୀନ ଦୃଷ୍ଟିରେ ଦେଖୁଥିଲା । ଉଷା ନାମରେ ତା'ର ଜଣେ ଅନନ୍ୟା ସୁନ୍ଦରୀ କନ୍ୟା ଥିଲା । ସେ କନ୍ୟାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କୃଷ୍ଣଙ୍କ ନାତି (ରୁକ୍ମିଣୀଙ୍କ ବଡ଼ପୁଅ ପ୍ରଦ୍ୟୁମ୍ନଙ୍କ ପୁଅ) ଅନିରୁଦ୍ଧ ତା'କୁ ବିବାହ କରିବା ପାଇଁ ଇଚ୍ଛା କଲା । ଉଷାକୁ ଦେଖା କରିବାକୁ ଯାଇଥିବା ବେଳେ ବାଣାସୁର ତାଙ୍କୁ ବନ୍ଦୀ କରି ରଖିଲା । ଏ ଖବର ପାଇ କୃଷ୍ଣବଳରାମ ଯାଦବ ସେନାବାହିନୀ ସହ ଯୁଦ୍ଧଯାତ୍ରା କଲେ । ଦୁଇ ପକ୍ଷ ଭିତରେ ପ୍ରବଳ ଯୁଦ୍ଧ ହେଲା । ବାଣାସୁର ଯାଦବ ବଳଙ୍କଠାରୁ ପରାଜୟ ଆଶଙ୍କା କରି ମହେଶ୍ୱର ଶିବଙ୍କ ଶରଣାଗତ ହେଲା । ଭୋଳାନାଥ ଶିବ ଭକ୍ତର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ତା' ପକ୍ଷରେ ଯୋଗ ଦେଲେ ଏବଂ କୃଷ୍ଣଙ୍କ ସହ ଯୁଦ୍ଧ କଲେ । ଶ୍ରୀକୃଷ୍ଣଙ୍କ ଶରାଘାତରେ ଶିବ ଜ୍ୱରରେ ପୀଡ଼ିତ ହେଲେ । ତାଙ୍କର ସର୍ବାଙ୍ଗ ଥରିବାକୁ ଲାଗିଲା । ସେ ନିଜର ଶକ୍ତି ପ୍ରୟୋଗ କରି ନିଜ ଶ୍ରୀଅଙ୍ଗରୁ ଜଣେ ଦେବତାଙ୍କୁ ସୃଷ୍ଟି କଲେ । ତିନି ପାଦ, ତିନି ମୁଣ୍ଡ ଓ ଛଅ ହାତ ବିଶିଷ୍ଟ ଏହି ଅଦ୍ଭୁତ ଦେବତା ଶିବଙ୍କ ଆଦେଶମାତ୍ରେ ତାଙ୍କୁ ରୋଗମୁକ୍ତ କରିଦେଲେ । ଏଥିରେ ଖୁସି ହୋଇ ଶିବ ତାଙ୍କୁ କ୍ଷୀର ଓ କଦଳୀର ପଣା ପ୍ରସାଦ ପୁରସ୍କାର ସ୍ୱରୂପ ପ୍ରଦାନ କଲେ । ଶ୍ରୀକୃଷ୍ଣ ଏ କଥା ଜାଣିଥିଲେ । କଳି ଯୁଗରେ ସେ ନୀଳାଚଳରେ ଜଗନ୍ନାଥ ନାମ ବହନ କରି ଦାରୁରୂପେ ଆରାଧିତ ହେଲେ । ଏ ଯୁଗର ମଣିଷମାନେ ବହୁଳଭାବେ ଜ୍ୱରରେ ପୀଡ଼ିତ ହେବେ ବୋଲି ତାଙ୍କୁ ଜଣାଥିଲା । ତେଣୁ ତାଙ୍କ ମନ୍ଦିର ପରିସରରେ ଉପସ୍ଥିତ ରହି ଭକ୍ତମାନଙ୍କୁ ଜ୍ୱର ରୋଗରୁ ମୁକ୍ତି ଦେବା ପାଇଁ ସେ ଜ୍ୱର ଦେବତାଙ୍କୁ ଆଦେଶ ଦେଲେ । ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରତ୍ନବେଦୀରେ ତିନିଠାକୁର...

ପୁଷ୍ପାଞ୍ଜଳି ପ୍ରଦାନ ପରେ ବାଜିଥିଲା ବିଜେକାହାଳୀ। ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ମୁଦିରସ୍ତ। ପରେ ଡୋରଲାଗି ହୋଇ ସନ୍ଧ୍ୟା ୭ଟା ୨୫ରେ ପହଣ୍ଡି ଆରମ୍ଭ ହୋଇଥିଲା। ହରିବୋଲ, ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର। ନନ୍ଦିଘୋଷ ରଥରୁ ମଦନମୋହନ ଓ ତାଳଧ୍ୱଜ ରଥରୁ ରାମ, କୃଷ୍ଣଙ୍କୁ ମହାଜନ ସେବକମାନେ ହାତରେ ଦକ୍ଷିଣୀ ଘରକୁ ବିଜେ କରାଇଥିଲେ। ପରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। ଗୋଟି ପହଣ୍ଡିରେ ରଥରୁ ନୀଳକନ୍ଦର ଅଭିମୁଖେ ବାହାରିଥିଲେ ଠାକୁର।

କାଳିଆ ସାଆନ୍ତ ରଥରୁ ଓହ୍ଲାଉଥିବା ଦେଖି ଲକ୍ଷ୍ମୀ ସାଆନ୍ତାଣୀ ଚାହାଣୀ ମଣ୍ଡପକୁ ବିଜେ କରିଥିଲେ। ଭେଟ ମଣ୍ଡପରୁ ଭିତରଚ୍ଛ ମହାପାତ୍ର ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ସହ ଭେଟ କରାଇଥିଲେ। ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନ ଅଭିମୁଖେ ବାହାରିଥିଲେ। କିନ୍ତୁ ଲକ୍ଷ୍ମୀ ଠାକୁରାଣୀ ଅଭିମାନରେ ସିଂହଦ୍ୱାରକୁ ବନ୍ଦ କରିଦେଇଥିଲେ। କିଛି ସମୟ ପରେ ସିଂହଦ୍ୱାର ଖୋଲି ଭିତରକୁ ପଳାଇଥିଲେ ମହାଲକ୍ଷ୍ମୀ। ପରେ ଶ୍ରୀମନ୍ଦିର ଭିତରକୁ ବିଜେ କରିଥିଲେ ମହାପ୍ରଭୁ। କିନ୍ତୁ ସେତେବେଳେ ଜୟବିଜୟ ଦ୍ୱାର ବନ୍ଦ ରହିଥିଲା। ସେଠାରେ ବଚନିକା ସରିବା ପରେ ଶ୍ରୀଜଗନ୍ନାଥଙ୍କର ଭଣ୍ଡାର ଘର ନିକଟରେ ଲକ୍ଷ୍ମୀଙ୍କ ସହ ଭେଟ ହାଇଥିଲା। ସେଠାରେ ବିବାହର ଗଇଁଠାଳ ଫିଟାଯାଇଥିଲା। ଏହି ନୀତିକୁ ଭିତରଚ୍ଛ ମହାପାତ୍ର ସମ୍ପାଦନ କରିଥିଲେ। ପରେ ସେଠାରେ ବନ୍ଦାପନା ଏବଂ ରସଗୋଲା ଭୋଗ ହୋଇଥିଲା। ଅର୍ଥାତ୍ କାଳିଆ ସାଆନ୍ତ ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରିଥିଲେ। ଘଷାବିଡ଼ିଆ ଓ ମଣୋହି ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ।

## ଏଥର ଡିଜିଟାଲ୍...

ଆଧାର କରି ଲୋକସଭା ଏବଂ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାଣ କରାଯିବ ବୋଲି କୁହାଯାଉଛି। ଆସନ୍ତା ସାଧାରଣ ନିର୍ବାଚନ ୨୦୨୯ରେ ହେବାକୁ ଯାଉଥିବା ବେଳେ ଏହା ପୂର୍ବରୁ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି।

ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ କୁହାଯାଇଛି ଯେ ଏପ୍ରିଲ ୨୦୨୬ରୁ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବ ଏବଂ ଏହି ପର୍ଯ୍ୟାୟରେ ବାସଗୃହ ଓ ଆସବାବପତ୍ର ସଂପର୍କରେ ତଥ୍ୟ ସଂଗ୍ରହ କରାଯିବ। ଫେବୃଆରୀ ୨୦୨୭ରୁ ଆରମ୍ଭ ହେଉଥିବା ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ସଂକ୍ରାନ୍ତ ତଥ୍ୟ ସଂଗ୍ରହ କରାଯିବ। ତେବେ ଜନଗଣନା ପୂର୍ବରୁ ଚଳିତ ବର୍ଷ ଡିସେମ୍ବର ୩୧ ସୁଦ୍ଧା ପ୍ରଶାସନିକ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଶେଷ କରିବା ଲାଗି ରାଜ୍ୟମାନଙ୍କୁ କୁହାଯାଉଛି। ଏହି ତାରିଖ ପରେ ଆଉ ଜିଲ୍ଲା/ବ୍ଲକ୍ ଗଠନ କିମ୍ବା ନାମକରଣକୁ ଅନୁମତି ମିଳିବ ନାହିଁ। ଜନଗଣନା ପ୍ରକ୍ରିୟା ସଂପନ୍ନ ହେବା ପର୍ଯ୍ୟନ୍ତ ଏହାକୁ ନିଷିଦ୍ଧ କରାଯାଇଥିବା ରେଜିଷ୍ଟ୍ରାର ଜେନେରାଲ ସ୍ପଷ୍ଟ କରିଦେଇଛନ୍ତି।

୨୦୨୧ରେ ହେବାକୁ ଥିବା ଜନଗଣନା ପାଇଁ ନାଗରିମାନଙ୍କ ଠାରୁ ୩୧ଟି ବିଷୟରେ ତଥ୍ୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ବାସଗୃହ, ପରିବାର ସଂପର୍କରେ ତଥ୍ୟ ସହିତ ପାଣି, ପାଇଖାନା, ରୋଷେଇ ପାଇଁ ଇନ୍ଧନ, ରେଡିଓ, ଟିଭି, ଲାପଟପ୍ କଂପ୍ୟୁଟର, କାର, ମୋବାଇଲ ନମ୍ବର ଏବଂ ଖାଦ୍ୟ ସାମଗ୍ରୀ ସଂପର୍କରେ ତଥ୍ୟ ରହିଥିଲା। କିନ୍ତୁ ଏଥର ଜନଗଣନାରେ ଜାତି ସଂପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ। ଏଥିଲାଗି ୩୪ ଲକ୍ଷ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ସେମାନଙ୍କୁ ତାଲିମ ଦେବାଲାଗି ତ୍ରିସ୍ତରୀୟ ବ୍ୟବସ୍ଥା କରାଯାଇଥିବା ରେଜିଷ୍ଟ୍ରାଲ ଜେନେରାଲଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ୨୦୨୧ରେ ହେବାକୁ ଥିବା ଜନଗଣନାକୁ କୋଭିଡ୍ ମହାମାରୀ ପାଇଁ ସ୍ଥଗିତ କରି ଦିଆଯାଇଥିଲା।

## ସାରା ରାଜ୍ୟରେ...

ଆଲୋଚନା ବିଫଳ ହୋଇଛି ଏବଂ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଡ୍ରାଇଭର ସଂଘ ଚରମବାଣୀ ଶୁଣାଇଛି। ଡ୍ରାଇଭରମାନଙ୍କ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ପୂରା ଠପ୍ କରିଦେଇଛି। ବହୁ ସ୍ଥାନରେ ମଝି ରାସ୍ତାରେ ଆନ୍ଦୋଳନରତ ଡ୍ରାଇଭରମାନେ ସରକାରୀ ବସରୁ ଯାତ୍ରୀଙ୍କୁ ଓହ୍ଲାଇ ଦେଇଛନ୍ତି। ଫଳରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ନ ପାରି ଅନେକ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସଂଘ ପକ୍ଷରୁ ରଖାଯାଇଥିବା ଦାବି ପୂରଣ ନ ହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ କହିଛି। ଗତ ମାସେ ତଳେ ମହାସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରାଯାଇଥିବା ବେଳେ ଏହି ଦାବି ପୂରଣ ହୋଇ ନ ଥିବାରୁ ମଙ୍ଗଳବାରଠାରୁ ରାଜ୍ୟର ସମସ୍ତ ଗାଡ଼ି ଚାଳକ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ହୋଇଛି। ଗାଡ଼ି ଚାଳକମାନଙ୍କ ଦ୍ୱାରା ଡାକରା ଦିଆଯାଇଥିବା ଏହି ଆନ୍ଦୋଳନକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସମର୍ଥନ ଜଣାଇଥିବାରୁ ସାରା ରାଜ୍ୟରେ ଆନ୍ଦୋଳନର ଜୋରଦାର ପ୍ରଭାବ ପଡ଼ିଛି।

ମହାସଂଘ ପକ୍ଷରୁ କୁହାଯାଇଛି ଯେ ଡ୍ରାଇଭର ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ଡ୍ରାଇଭରମାନଙ୍କର କେବଳ ଗୋଟିଏ ଦାବି ପୂରଣ ହୋଇଛି। ଗତ ମାର୍ଚ୍ଚ ୨୯ରୁ ୬ ଦିନ ପର୍ଯ୍ୟନ୍ତ ଗାନ୍ଧୀମାର୍ଗରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ହେଲେ ସରକାର ଡ୍ରାଇଭରମାନଙ୍କ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନେଇ ନାହାନ୍ତି। ଯାହାଦ୍ୱାରା ଡ୍ରାଇଭରମାନଙ୍କ ମଧ୍ୟର ଅସନ୍ତୋଷ ପ୍ରକାଶ ପାଉଛି ଏବଂ ସମସ୍ତ ଡ୍ରାଇଭର ବଡ଼ ଆନ୍ଦୋଳନକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ମହାସଂଘ ପକ୍ଷରୁ ରହିଥିବା ଦାବି ମଧ୍ୟରେ ଡ୍ରାଇଭର ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଗାଡ଼ି ପାଇଁ ପାର୍କିଂ ସ୍ଥଳୀ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ସ୍ଥାନ, ଖଣି ଖାଦାନ ଏବଂ କାରଖାନାରେ ୭୦ ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଆଦି ଦାବି ରହିଛି।

ଡ୍ରାଇଭର ସଂଘର ଆନ୍ଦୋଳନ ପରେ ସରକାରଙ୍କ ପକ୍ଷରୁ ସଂଘ ସହିତ ଆଲୋଚନା କରାଯାଇଛି। ମାତ୍ର ଏହି ଆଲୋଚନାରେ କୌଣସି ସନ୍ତୋଷ ଜନକ ପ୍ରତିଶ୍ରୁତି ମିଳି ନ ଥିବାରୁ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ଡ୍ରାଇଭର ସଂଘର ସମ୍ପାଦକ ଚଇତନ ପ୍ରଧାନ କହିଛନ୍ତି। ଏହି ଆନ୍ଦୋଳନ ପରେ ମଙ୍ଗଳବାର ସନ୍ଧ୍ୟାରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଏସ୍ଟିଏ ଅଧ୍ୟକ୍ଷ ଅମିତାଭ୍ ଠାକୁର ପ୍ରମୁଖ ଡ୍ରାଇଭର ସଂଘ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନା ବିଫଳ ହୋଇଥିବା ଜଣାପଡ଼ିଛି।

## ଚାଲିଗଲା ଜୀବନ...

ପ୍ରତି ସପ୍ତାହରେ ତାଙ୍କର ଦୁଇଥର ଡାଏଲିସିସ୍ ହେଉଥିଲା। ମଙ୍ଗଳବାର ସକାଳୁ ଝିଅ ସହ ସେ ଡାଏଲିସିସ୍ ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଯିବା ପାଇଁ ବାହାରି କାକଟପୁରରେ ପହଞ୍ଚିଥିଲେ। କିନ୍ତୁ ଡ୍ରାଇଭର ସଂଘର ଧର୍ମଘଟ ଯୋଗୁଁ ବସ୍ ସେବା ବନ୍ଦ ଥିଲା ଏବଂ ସେ ଭୁବନେଶ୍ୱର ଯାଇ ପାରିନଥିଲେ। ସେଠାରୁ ଘରକୁ ଫେରିବା ବେଳେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଖବର ପାଇ ସାଙ୍ଗସାଥୀମାନେ ଏକ କାର୍ ଭଡ଼ା କରି ତାଙ୍କୁ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର ନାବାଳିକା କନ୍ୟା ଅଞ୍ଜଳି ଓ ପୁତୁରା ମୁଖାଗ୍ନି ଦେଇଥିଲେ। ରାଜକିଶୋରଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସୂଚନାଯୋଗ୍ୟ, ସ୍ତ୍ରୀ ହୃଦ୍‌ରୋଗରେ ପୀଡ଼ିତ ହୋଇ ଅସ୍ତ୍ରୋପଚାର ହେବା ପରେ ରାଜକିଶୋରଙ୍କ କିଡ୍‌ନୀଜନିତ ସମସ୍ୟା ଦେଖାଦେଇଥିଲା। ପ୍ରତି ସପ୍ତାହରେ ଦୁଇଥର ଡାଏଲିସିସ୍ ଯୋଗୁଁ ତାଙ୍କର ସବୁ ସଞ୍ଚିତ ଅର୍ଥ ସେହି ବାଟରେ ଖର୍ଚ୍ଚ ହୋଇଯାଇଥିଲା। ଅପରପକ୍ଷେ, କିଛି ଦିନ ତଳେ ତାଙ୍କ ବାପାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ବର୍ତ୍ତମାନ ତାଙ୍କ ପରିବାରରେ ବୃଦ୍ଧା ରୋଗିଣା ମା', ହୃଦ୍‌ରୋଗରେ ପୀଡ଼ିତ ସ୍ତ୍ରୀ ଓ ଏକମାତ୍ର ନାବାଳିକା କନ୍ୟା ଅଛନ୍ତି। ରାଜକିଶୋରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ପୁରୁଷଶୂନ୍ୟ ହୋଇପଡ଼ିଛି। ତେଣୁ ଏ ଅସମୟରେ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀମାନେ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛନ୍ତି।

## ମିଳିଛି ପଟ୍ଟା...

ପାଲଟିଯାଇଛି। କେବଳ ରାଜଧାନୀ ନୁହେଁ, ରାଜ୍ୟର ଅଧିକାଂଶ ସ୍ଥାନରେ ସମାନ ଅବସ୍ଥା।

ୟୁନିଟ୍-୮ ଅଞ୍ଚଳର ବୈକୁଣ୍ଠନାଥ ସେନାପତି। ୨୦୧୭ ମସିହାରେ ଗାଡ଼କଣ ମୌଜାରେ ବିଲ୍ଡର ସଂସ୍ଥା ଜରିଆରେ ୧୫ଲକ୍ଷ ଟଙ୍କା ଦେଇ ୧୨୦୦ ବର୍ଗଫୁଟ୍‌ର ଜମି ଖଣ୍ଡେ କିଣି ପାଚେରୀ ବୁଲାଇଲେ। ଭୁବନେଶ୍ୱର ତହସିଲ୍ କାର୍ଯ୍ୟାଳୟରୁ ପଟ୍ଟା ବି ପାଇଲେ। ୨୦୨୫ ମସିହାରେ ଘର କରିବା ପାଇଁ ଉକ୍ତ ଜମିକୁ ଗଲାବେଳକୁ ସେଠି ୩ମହଲା କୋଠା ଛିଡ଼ା ହୋଇଛି। ହତବାକ୍ ବୈକୁଣ୍ଠ ଉକ୍ତ ବିଲ୍ଡର ସଂସ୍ଥାକୁ ଯୋଗାଯୋଗ କଲେ; ହେଲେ ସେଠାରୁ କୌଣସି ସହଯୋଗ ମିଳିଲାନି। ଶେଷରେ ପୁଲିସ ନିକଟକୁ ଗଲେ। ଦଲିଲ୍, ପଟ୍ଟା ସବୁ ପୁଲିସକୁ ଦେଖାଇଲେ। ପୁଲିସ ତାଙ୍କୁ ସରକାରୀ ଭାବେ ତହସିଲ୍ କାର୍ଯ୍ୟାଳୟରେ ଜମି ଚିହ୍ନଟ(ଡିମାର୍କେସନ୍) ପ୍ରକ୍ରିୟାରେ ଆବେଦନ ପାଇଁ ପ୍ରସ୍ତାବ ଦେଲା।

ବୈକୁଣ୍ଠନାଥ ତହସିଲ୍ କାର୍ଯ୍ୟାଳୟକୁ ଦୌଡ଼ିଲେ, ସେଠି ଆବଶ୍ୟକ ଫି' ଓ କାଗଜପତ୍ର ଜମା କରି ଆବେଦନ ବି କଲେ। ହେଲେ ତାଙ୍କ ଜମି ଚିହ୍ନଟ ପାଇଁ ସରକାରୀ ଅମିନ ଆସିଲେନି। ପ୍ରାୟ ୩ମାସ ଦୌଡ଼ିବା ପରେ ତହସିଲ୍ କାର୍ଯ୍ୟାଳୟର 'ଲ୍ୟାଣ୍ଡ ସର୍ଭେ ବିଭାଗ' କହିଲା, ଆଉ ୩ ବର୍ଷ ପରେ ଜମି ଚିହ୍ନଟ ହେବ। ଏବେ ଆମ ପାଖରେ ୩ହଜାର ଆବେଦନ ପଡ଼ିଛି। ଆମ ପାଖରେ ମାତ୍ର ଦୁଇ ଜଣ ସରକାରୀ ଅମିନ ଅଛନ୍ତି। ସେମାନେ ଦିନକୁ ଅତି ବେଶୀରେ ଦୁଇଟି ଜମି ଚିହ୍ନଟ କରିପାରୁଛନ୍ତି। ଏହାଶୁଣି ବୈକୁଣ୍ଠ ନିଜର ଜୀବନ ଯାକର ଜମା ପୁଞ୍ଜି ଦେଇ କିଣିଥିବା ଜମି ଖଣ୍ଡକ କୋଉଠି ବୋଲି ତାଙ୍କ ଜୀବଦଶାରେ ଚିହ୍ନଟ କରିପାରିବେ ନା ନାହିଁ, ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

ଜମି ଚିହ୍ନଟ ପାଇଁ ରାଜସ୍ୱ ବିଭାଗ ଡିମାର୍କେସନ୍ ବ୍ୟବସ୍ଥା ରଖିଛି। ଏହି ପ୍ରକ୍ରିୟାରେ ଜମି ମାଲିକ ଆବେଦନ କଲେ, ସରକାରଙ୍କ ପକ୍ଷରୁ ଜମିର ଚଉହଦୀ ଜମି ଗୁଡ଼ିକୁ ଚିହ୍ନଟ କରି ସେମାନଙ୍କ ପାଖକୁ ଡାକ ଯୋଗେ ଚିଠି ପଠାଇବେ। ଏଥିପାଇଁ ଆବେଦନକାରୀଙ୍କ ଆବେଦନକୁ ଭିତ୍ତିକରି ପ୍ରତିବେଦୀମାନଙ୍କୁ ତହସିଲ୍ କାର୍ଯ୍ୟାଳୟ ତରଫରୁ ଡକାଯିବ। ସେମାନଙ୍କ ଖାତା ନମ୍ବର ଓ ପ୍ଲଟ୍ ନମ୍ବର ଆବେଦନକାରୀଙ୍କ ଖାତା ନମ୍ବର ଓ ପ୍ଲଟ୍ ନମ୍ବର ଉକ୍ତ ମଉଜାରେ କେଉଁଠି ଅଛି ତାକୁ ସରକାରୀ ପ୍ରଦତ୍ତ ମ୍ୟାପ୍ ଅନୁଯାୟୀ ଚିହ୍ନଟ କରି ଜମି ଚିହ୍ନଟ କରାଯିବ। ଏହି ପ୍ରକ୍ରିୟା ଦ୍ୱାରା ଜଣେ ଜମି ମାଲିକ ବାସ୍ତବରେ ନିଜର ଜମି କେଉଁଠା ଜାଣିପାରିବ। ହେଲେ ତହସିଲ୍ କାର୍ଯ୍ୟାଳୟରେ ଆବଶ୍ୟକ ଅମିନ ନାହାନ୍ତି। ୧୦ଟି ମଞ୍ଜୁରପ୍ରାପ୍ତ ଅମିନ ପଦବୀ ଥିବାବେଳେ ଅଛନ୍ତି ମାତ୍ର ୨ଜଣ। ତେଣୁ ଜମି ଚିହ୍ନଟ ପ୍ରକ୍ରିୟା ପୁରା ଧୀମା ଗତିରେ ଚାଲୁଛି। ତେଣୁ ଏହି ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ମନମୋହନଙ୍କ ମଥାରେ...

ବିଜେପି ସଭାପତି ଘୋଷଣା ହେବା ପରେ ମନମୋହନ ସାମଲଙ୍କ ପାଇଁ ଦଳୀୟ କାର୍ଯ୍ୟାଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ, ବିଧାୟକ, ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା, ଜିଲାସ୍ତରରୁ ଆସିଥିବା ନବ ନିର୍ବାଚିତ ମଣ୍ଡଳ ଓ ଜିଲ୍ଲା ସଭାପତିମାନେ ଉପସ୍ଥିତ ଥିଲେ।

ଏହି ଅବସର ଶ୍ରୀ ସାମଲ କହିଛନ୍ତି ଯେ ମୋତେ ମିଳିଥିବା ଦାୟିତ୍ୱ ସଂଗଠନ କର୍ମକର୍ତ୍ତାଙ୍କର। ସେମାନଙ୍କର ପରିଶ୍ରମ ପାଇଁ ଆମେ ରାଜ୍ୟରେ ସରକାର କରିପାରିଛୁ। ସରକାର ଆଣିବା ଯେତିକି କଷ୍ଟ, ସଂକଳ୍ପ ପୂରଣ ପାଇଁ ସେତିକି କଷ୍ଟ। ରାଜ୍ୟରେ ବିଜେପି ସରକାର ଲମ୍ବା ସମୟ ଧରି ରହିବ। ଆମ ପାଖରେ ଯୋଗ୍ୟ ମୁଖ୍ୟମନ୍ତ୍ରୀ ଓ ଯୋଗ୍ୟ କର୍ମକର୍ତ୍ତା ଅଛନ୍ତି। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ଆମର ପ୍ରତିବଦ୍ଧତାକୁ ପୂରଣ କରିବା। ସରକାର ସହ ଦଳ ଖୁଣ୍ଟ ହୋଇ ଠିଆ ହୋଇ ରହିବ। ଓଡ଼ିଶାରେ ଲମ୍ବା ସମୟ ଧରି ଆମର ଶାସନ ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ମନମୋହନଙ୍କ ନେତୃତ୍ୱକୁ ଭୂୟସୀ ପ୍ରଶଂସା କରିଥିଲେ। ମନମୋହନଙ୍କ ନେତୃତ୍ୱ ଯୋଗୁଁ ରାଜ୍ୟରେ ସରକାର ଗଠନ କରିପାରିଛୁ ଓ ରାଜ୍ୟରେ ୨୧ରୁ ୨୦ ସାଂସଦ ଜିତିବା ମନମୋହନ ଭାଇଙ୍କ ନେତୃତ୍ୱ ପାଇଁ ସମ୍ଭବ ହୋଇଛି। ପୋଷ୍ଟରୁ ଲଗାଇ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ମନମୋହନ ଦଳର ୪ ଥର ନେତୃତ୍ୱ ନେଇ ଇତିହାସ ରଚିଛନ୍ତି। ଏହି ଅବସରରେ ତାଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ମନମୋହନଙ୍କ ନେତୃତ୍ୱରେ ଦଳ ନିରନ୍ତର ଭାବେ ଆଗକୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆଶା ପ୍ରକାଶ କରିଛନ୍ତି।

## ଆଗରେ ଆହ୍ୱାନ...

ତେବେ ଚଳିତ ଥର ମନମୋହନଙ୍କ ପାଇଁ ଦଳ ପରିଚାଳନା ସହଜ ହେବନାହିଁ ବୋଲି ଯୁକ୍ତି ବାଢ଼ିଛନ୍ତି ରାଜନୈତିକ ବିଶେଷଜ୍ଞ। ନିଗମ ଓ ବୋଡର୍‌ଗୁଡ଼ିକରେ ନିଯୁକ୍ତି ଆଶାରେ ଆତୁର ନେତାଙ୍କୁ ସନ୍ତୁଷ୍ଟ କରିବା ଦଳ ସଭାପତି ଓ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେବ। ଅନୁରୂପ ଭାବରେ ବିଶୃଙ୍ଖଳିତ ନେତା, ବିଧାୟକଙ୍କ ଉପରେ ଲଗାମ କଷିବା ଏବଂ ସରକାର ଓ ସଂଗଠନ ମଧ୍ୟରେ ତାଳମେଳ ରଖିବା ମନମୋହନଙ୍କ ପାଇଁ କାଠିକର ପାଠ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଲାଣି।

ସରକାରଙ୍କୁ ୧୩ ମାସ ପୂରିବାକୁ ଯାଉଛି। ମାତ୍ର ଏଯାବତ୍ ବିଭିନ୍ନ ନିଗମ, ବୋର୍ଡ, ଅକାଦେମୀ ଏବଂ କମିଶନରେ ନିଯୁକ୍ତି ହୋଇପାରିଲା ନାହିଁ। ଦଳ ମଧ୍ୟରେ ତୀବ୍ର ଗୋଷ୍ଠୀକନ୍ଦଳ ଏବଂ ବରିଷ୍ଠଙ୍କ ମଧ୍ୟରେ ଛକାପଞ୍ଝା କାରଣରୁ ଏହା ସମ୍ଭବ ହୋଇପାରୁ ନାହିଁ। ନିଜ ନିଜ ଅନୁଗତଙ୍କୁ ଥଇଥାନ ପାଇଁ ପ୍ରମୁଖ ନେତାଙ୍କ ମଧ୍ୟରେ ଏକପ୍ରକାର ରେସ୍ ଲାଗିଥିବା ବେଳେ ନେତୃତ୍ୱ ସହମତି ଆଣିପାରୁ ନାହାନ୍ତି। ନିଗମ ନିଯୁକ୍ତି ପାଇଁ ଗତ ବର୍ଷକ ମଧ୍ୟରେ ଏକାଧିକ ଥର ପ୍ରୟାସ ହୋଇଥିଲେ ହେଁ ଶେଷରେ ଏହା ବିଫଳ ସାବ୍ୟସ୍ତ ହୋଇଛି। ଅତଏବ, ପୁନର୍ବାର ସଭାପତି ଦାୟିତ୍ୱ ନେବା ପରେ ଛାମୁଆଙ୍କ ମଧ୍ୟରେ ସହମତି ଆଣି ନିଗମ, ବୋର୍ଡ ନିଯୁକ୍ତିକୁ ସାକାର ରୂପ ଦେବା ମନମୋହନଙ୍କ ପାଇଁ ପ୍ରମୁଖ ଆହ୍ୱାନ ସାଜିବ ବୋଲି କୁହାଯାଉଛି। ପୁନଶ୍ଚ ଦଳରେ ବଢୁଥିବା ବିଶୃଙ୍ଖଳାକୁ ପ୍ରଶମନ କରିବା ମଧ୍ୟ ମନମୋହନଙ୍କ ପାଇଁ କାଠିକର ପାଠ ହେବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ନିକଟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏବଂ ଭୁବନେଶ୍ୱର ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନଙ୍କ କ୍ଷେତ୍ରରେ ଦଳର ନିରବତା ସଂଗଠନରେ ରହିଥିବା ଦୁର୍ବଳତାକୁ ପରିପ୍ରକାଶ କରିଛି। ଦଳରେ ଶୃଙ୍ଖଳାର ଅଭାବ ଯୋଗୁଁ କେହି କାହାରିକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଯାହାପାଇଁ ନେତାମାନେ ଦିନକୁ ଦିନ ଲଗାମ ଛଡ଼ା ହେବାକୁ ବସିଥିବା ବେଳେ ଦଳକୁ ଏଥିପାଇଁ ସାଧାରଣରେ ଅପଦସ୍ତ ହେବାକୁ ପଡୁଛି। ତୃଣମୂଳସ୍ତରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ବିଜେପି ନେତାମାନେ ଏକପ୍ରକାର ନିଜ କବଜାକୁ ନେଇଥିବା ବେଳେ ସରକାରୀ ଅଧିକାରୀ ଏବଂ କର୍ମଚାରୀମାନେ ମୁକ୍ତ ଭାବେ କାର୍ଯ୍ୟ କରି ପାରୁନାହାନ୍ତି। ଯାହାର ପ୍ରଭାବ ବିକାଶମୂଳକ କାମ ଉପରେ ସିଧାସଳଖ ପଡୁଛି। ତେଣୁ ଦଳରେ କିପରି ଶୃଙ୍ଖଳା ଫେରାଇ ଅଣାଯିବ, ତାହା ମନମୋହନଙ୍କ ଆଗରେ ଅନ୍ୟତମ ବଡ଼ ଆହ୍ୱାନ ସାଜିବ ବୋଲି ତଥ୍ୟଭିତ୍ତିକ ମହଲ ଯୁକ୍ତି ବାଢ଼ିଛନ୍ତି।

ଅପରପକ୍ଷେ ଗତ ଏକବର୍ଷରେ ସଫଳତା ଅପେକ୍ଷା ବିଭିନ୍ନ କ୍ଷେତ୍ରରେ ବିବାଦ, ବିଶୃଙ୍ଖଳା ଉଭୟ ସରକାର ଏବଂ ସଂଗଠନ ପାଇଁ ବଦନାମ ଆଣିଛି। ଆଉ ଦେଢ଼ ବର୍ଷ ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବ। ୨୦୨୪ ସାଧାରଣ ବିଜୟ ଯେ ଆକସ୍ମିକ ନଥିଲା, ଏହାକୁ ପ୍ରମାଣିତ କରିବାକୁ ହେଲେ ଦଳକୁ ପଞ୍ଚାୟତ ଓ ପୌର ନିର୍ବାଚନରେ ଆଖିଦୃଶିଆ ସଫଳତା ହାସଲ କରିବାକୁ ପଡ଼ିବ। ଏଥିପାଇଁ ସରକାରଙ୍କୁ ବିକାଶ ମୂଳକ କାର୍ଯ୍ୟକ୍ରମ ଏବଂ ସଂଗଠନକୁ ସଶକ୍ତ ହେବାର ଆବଶ୍ୟକତା ରହିଛି। ଏହା ମନମୋହନଙ୍କ ପାଇଁ ଅନ୍ୟତମ ଆହ୍ୱାନ ସାଜିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
email- serwsbd2003@yahoo.com
O-381

**e- Procurement Notice for Road Work**

1 Name of the work : Periodical Renewal work of 5 year post DLP PMGSY Roads (14 Nos)
3 Class of contractor : "B" & "A" Class of (Odisha PWD) or relevant class of other licensing authority .
3 Estimated Cost : Varies from Rs.73.95 Lakhs to Rs. 283.61 Lakhs (Approximately)
4 Details projects as per Annexure attached. :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 07/2025-26 | 10.07.2025 at 11.00 A.M. | 30.07.2025 up to 5.00 P.M. | 29.07.2025 up to 2.00 P.M. | 31.07.2025 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

OIPR-25182/11/0064/2526
Chief Construction Engineer, Rural Works Circle, Sunabeda



C-618
e-mail: eephbhpt@gmail.com
GOVERNMENT OF ODISHA
OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN -766002
**NATIONAL COMPETITIVE BIDDING THROUGH e-Procurement**
**Identification No.SEPH-BHPT– 07 of 2025-26/ Dt. 04.07.2025**
**e-Procurement Notice**

01. Name of the Work : 3no Work.
02. Type of Bid. : Single Bid System
03. Estimated Cost : Rs. 6.65 to Rs. 10.44 lakh
04. Period of Completion : 01 (One) Calendar Months
05. Date & Time of availability of bid document in the portal : From 11.00 AM of dt. 08.07.2025 to 5.00 PM of 17.07.2025
06. Last date / time of receipt of bids in the portal : 5.00 PM of 17.07.2025.
07. Date & Time of opening of technical bids : At 11.30 AM of 18.07.2025
08. Name and Address of the Officer Inviting Bid : Superintending Engineer, P.H. Division, Bhawanipatna , Railway Station Road, At/Po- Parmanandpur, 766002 Dist- Kalahandi.

Further details can be seen from the web site http://tenders.ori.nic.in or www.tendersorissa.gov.in

OIPR-13059/11/0028/2526
Superintending Engineer, P.H. Division, Bhawanipatna



ODISHA LIFT IRRIGATION CORPORATION LTD
CAD-995
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12
Phone : (0674) 2390195, Fax : (0674)2395844, E-mail : olictd123@bsnl.com olictd@ymail.com
**No. 4P-24/2025, 5427/OLIC, Dated: 03.07.2025**
**NATIONAL COMPETITIVE BIDDING THROUGH e-Procurement**

The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial bids for supply of Control Panel with DOL Starter in conformity with detail tender call notice from reputed manufactures as per the following schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | Bid Security Declaration to be submitted for EMD (Rs. In lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-11 (E) 2025-26 | Control panel with DOL starter suitable for 3.0 HP submersible pump sets coupled with induction motor | 19400 | 814.412 | 8.14412 | 11,800/- (inclusive of 18% GST) |

1. Period of Completion :- 60 days from the date of issue of purchase order.
2. Date& Time of availability of bid document in the portal:- From Dt.10.07.2025 to Dt. 08.08.2025
3. Last date/Time for receipt of bids in the portal:-Dt.08.08.2025 upto17.00 hrs.
4. Last date of seeking clarification: Dt. 18.07.2025 up to 17.00 hrs
5. Date of opening of Technical Bid : Dt. 11.08.2025 at 11.00 hours.
6. Name and address of the Officer inviting Bid:- M.D , OLIC,. Plot No. N- 17/2, Nayapalli, P.B No.155 Bhubaneswar-751 012
7. Further details can be seen from the e-procurement portal https://tendersodisha.gov.in

Any Addendum/ corrigendum/ Cancellation of tender will be available in the said website. Authority reserves the right to reject any or all the tenders without assigning any reasons thereof .

OIPR-32135/11/0051/2526
EXECUTIVE DIRECTOR



बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ସ୍କୋୟାର ନିକଟ, ଭୁବନେଶ୍ୱର - ୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଲକର ନୋଟିସ୍**

| କ୍ର. ନଂ. | ଲକର ନଂ. | ଗ୍ରାହକମାନଙ୍କ ନାମ ଏବଂ ଠିକଣା |
|---|---|---|
| | | ଭୁବନେଶ୍ୱର ଶାଖା, ସା: ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି.ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨ |
| ୧ | ୬ | ପବିତ୍ର ରାଉତରାୟ, ପ୍ଲଟ୍ ନଂ.: ୧୨୪୮, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ |
| ୨ | ୩୯ | ପ୍ରତାପ ପଟ୍ଟନାଏକ, ବ୍ଲକ୍-ଏ, କ୍ୱାର୍ଟର ନଂ.: ୬୦୨, କ୍ରୀଷ୍ଣା ଟାୱାର୍ସ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ |
| ୩ | ୮୬ | ଅଶୋକ କାନୁନ୍‌ଗୋ, ଏମ୍/୫-୨୪, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩ |

ବ୍ୟାଙ୍କ ଦ୍ୱାରା ଉପରଦର୍ଶିତ ଲକରଧାରୀମାନଙ୍କୁ ବ୍ୟାଙ୍କରେ ପଞ୍ଜିକୃତ ଥିବା ସେମାନଙ୍କର ଠିକଣାରେ ବାରମ୍ବାର ନୋଟିସ୍ ଦିଆଯାଇଥିଲେ ମଧ୍ୟ ସେମାନେ ସେମାନଙ୍କର ଲକର ଫିସ୍ ପୈଠ କରିବାରେ ବିଫଳ ହୋଇଛନ୍ତି ଏବଂ ଶାଖା ସହିତ ଯୋଗାଯୋଗ କରୁନାହାଁନ୍ତି। ତେଣୁ ସେମାନଙ୍କୁ ଜଣାଇ ଦିଆଯାଉଛି କି, ଏହି ନୋଟିସ୍ ତାରିଖ ଠାରୁ ୯୦ ଦିନ ମଧ୍ୟରେ ସେମାନେ ସେମାନଙ୍କର ବ୍ୟାଙ୍କ ଶାଖା ସହ ଯୋଗାଯୋଗ କରନ୍ତୁ ଏବଂ ବ୍ୟାଙ୍କର ବକେୟା ଦେୟ ସଙ୍ଗେ ସଙ୍ଗେ ପୈଠ କରନ୍ତୁ। ଆପଣମାନେ ବକେୟା ଦେୟ ପୈଠ କରୁନଥିବାରୁ ବ୍ୟାଙ୍କ ପକ୍ଷରୁ ଦେୟ ପୈଠ ନିମନ୍ତେ ବାରମ୍ବାର ଅନୁରୋଧ କରାଯାଉଛି ତଥାପି ଆପଣମାନେ ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି, ଫଳସ୍ୱରୂପ ଆପଣଙ୍କର ଭଡା ଲକରର ସମସ୍ତ ଅଧିକାର ବାଜ୍ୟାପ୍ତି ହୋଇଯିବ ଏବଂ ଆପଣଙ୍କୁ ଆବଣ୍ଟିତ ଲକରକୁ ବ୍ୟାଙ୍କ ପୁନଃ ଦଖଲ କରିବାରେ ହକଦାର ହେବ।

ବ୍ୟାଙ୍କ ଆପଣଙ୍କ ଲକର ଉପରେ ପୁନଃ ଦଖଲ ଅଧିକାର ପ୍ରୟୋଗ କରି, ତାହାକୁ **ତା.୧୩.୧୦.୨୦୨୫ରିଖ (ନୋଟିସ୍ ପ୍ରକାଶନର ୯୦ ଦିନ ଠାରୁ) ମଧ୍ୟାହ୍ନ ୧୨.୦୦ ଘଟିକା (ସମୟ)**ରେ ଆପଣଙ୍କ ଖର୍ଚ୍ଚ ଏବଂ ଦାୟରେ ଭାଙ୍ଗି ଖୋଲିବାକୁ ସ୍ଥିର କରିଛି। ଏଣୁ, ଆପଣଙ୍କୁ ପରାମର୍ଶ କି ଆପଣ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ବକେୟା ଦେୟ ବ୍ୟାଙ୍କକୁ ପୈଠ କରନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୯.୦୭.୨୦୨୫
ଶାଖା ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର



**NOTICE**
By virtue of an affidavit sworn before The Notary Public, Bhubaneswar dated- 07.07.2025. I, **HARAN BIBI,** Address: At-Dibyasinghaprasad, Po- Keranga, Ps/Dist- Khordha, Odisha-752055 and presently residing at Dibyasinghaprasad, Po- Keranga, Ps/Dist- Khordha, Odisha-752055 declare that I have changed my name from **HARUN BIBI** to **HARAN BIBI.** Henceforth, she shall be known as **HARAN BIBI** for all purposes.
**(HARAN BIBI)**

**AFFIDAVIT**
I, Dibyasingha Dash, age about 82 years, S/o- Late Anam Dash, resident of At- Kolar, Po- Desthali, Ps-Kakatpur, Dist- Puri, Pin- 752107, Odisha declared by this affidavit No. 8190, dated- 08.07.2025 that now onwards I Shall be known **DIBYASINHA DASH** for all future purposes.

**AFFIDAVIT**
I, Saikat Dev, S/o- Samir Deb, resident of At- Gali No.7, Pahadi Mandir, PO- K.M. Road, Ps/Dist- Jharsuguda, PIN- 768202, Odisha declared by this affidavit No. 3234, dtd- 07/07/2025 that now onwards I shall be known as **SAIKAT DEB** for all future purposes.

**AFFIDAVIT**
I, Bachana Sahoo, S/o- Late Bairagi Sahoo resident of At- Talamal, Po- Gadakokal, PS- Brahmagiri, Dist- Puri, Pin-752011, Odisha declare by this affidavit no-07, dtd-09/05/2025 that now onwards I shall be known as **BACHAN SAHOO** for all future purposes.



**ପୂର୍ବ ତଟ ରେଳପଥ**
(1) ଟେଣ୍ଡର ସଂ. ELOP-T-06-2025
**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ଅନୁଗୁଳ ଠାରେ କ୍ଲୁ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ।
**ବିଜ୍ଞାପିତ ମୂଲ୍ୟ :** ₹ 1,49,76,774.36, EMD : ₹ 2,24,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 730 ଦିନ।
(2) ଟେଣ୍ଡର ସଂ. ELOP-T-07-2025
**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ପାରାଦ୍ୱୀପ ଠାରେ କ୍ଲୁ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ।
**ବିଜ୍ଞାପିତ ମୂଲ୍ୟ :** ₹ 3,06,70,684.98, EMD : ₹ 3,03,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି : 730 ଦିନ।
ବିଡ୍ ଆରମ୍ଭ ହେବା ତାରିଖ : ତା.10.07.2025ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.07.2025ରିଖ 1600 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼
PR-332/Q/25-26



**AFFIDAVIT**
I, Bikash Agrawal, S/o- Ramniwas Agrawal, Resident of Ward No.11, Shaktinagar, Bargarh, P.O./P.S./ Dist.- Bargarh, Pin- 768028 (Odisha), declare by this Affidavit No. 92, Dated 07.07.2025, that now onwards I shall be known as **Bikash Agrawala** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar on dated 05.07.2025 vide C.F.No.01 Dated 05.07.2025, I Rohit Mahakhud (New Name) employed as AAO ZAO, CBDT, Bhubaneswar, Odisha declare that, I have changed my name from Rohita Mahakhuda (Old Name) to Rohit Mahakhud (New Name). Henceforth I shall be known as **Rohit Mahakhud** for all purpose.

**AFFIDAVIT**
By virtue of an affidavit sworn before Executive Magistrate: Papadahandi, on 26-06-2025. I Daimati Bindhani, W/o Damu Bindhani, residing At/Po: Biriguda Ps: Kodinga Dist: Nabarangpur, declare that I have changed my name from Dayamati Bindhani to Daimati Bindhani. Henceforth I shall be known as **Daimati Bindhani** for all purposes.

**AFFIDAVIT**
By virtue of an affidavit sworn before Executive Magistrate: Papadahandi, on 07-07-2025. I Durjyan Goud, residing At: SilokgudaPo: Mokia Ps: Papadahandi Dist: Nabarangpur, declare that I have changed my Son's name from Dama Goud to Sripati Goud. Henceforth he shall be known as **Sripati Goud** for all purposes.

**AFFIDAVIT**
I, Ajay Kumar Pradhan, S/o- Laxmidhar Pradhan, resident of At/Po- Dandamukundapur, Ps- Pipili, Pin- 752104, Dist- Puri, Odisha declared by this affidavit No- 8189, dated- 08.07.2025, that now onwards I shall be known as **AJAYA KUMAR PRADHAN** for all future purposes.

**AFFIDAVIT**
I, Swarnamudra Dev, W/o- Saikat Deb, resident of At- Gali No.7, Pahadi Mandir, PO- K.M. Road, Ps/Dist- Jharsuguda, PIN- 768202, Odisha declared by this affidavit No. 3233, dtd- 07/07/2025 that now onwards I shall be known as **SWARNAMUDRA DEB** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Pattamundai on dated- 08/07/2025. I, **Jharana Das,** D/o-Debendra Swain, resident of Village-Chhedara, Po- Gunupur, PS- Pattamundai, Dist. Kendrapada, Odisha. My Name has been recorded as **Matji Jharana Dash** in my postal NSC Ac No- 6275385402 and **Mataji Jharana Dash** in my postal SB Ac No. 6274869013. I declare that **Jharana Das, Matji Jharana Dash & Mataji Jharana Dash** is one and same person for all future purposes.

**AFFIDAVIT**
By virtue of an affidavit before Notary public, Kantabanji, I, **Bijay Kumar Agrawal**, formally called Bijaya Kumar Agrawal, S/o.: Basanta Lal Agrawal, permanent resident of Kaushalyapara, Bangomunda, Bolangir, Odisha-767040, currently residing at Kaushalyapara, Bangomunda, Bolangir, Odisha-767040 declared for and on behalf of myself I wholly renounce, relinquish and abandon the use of my former name of Bijaya Kumar Agrawal and in place thereof do assume from the date hereof the name of **Bijay Kumar Agrawal** and as that may thereafter be called, known and distinguished not by my former name of Bijaya Kumar Agrawal but by my assumed name of **Bijay Kumar Agrawal.**

# ବଡ଼ତୋଡ୍ରା ରାସ୍ତା ପାଲଟିଛି ମରଣାଯନ୍ତା



କଲ୍ୟାଣସିଂହପୁର,୮।୭(ସମିସ) ଗାଁର ବିକାଶ ଦେଶର ବିକାଶ ନାରା କେବଳ କାଗଜ କଲମରେ ବୋଲି କଲ୍ୟାଣସିଂହପୁର ଅଞ୍ଚଳର କେତେକ ରାସ୍ତାକୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି। କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତର ପୂର୍ତ୍ତ ବିଭାଗ ରାସ୍ତା କଡ଼ରୁ ଖସିଗୁଡ଼ାର, ଶିରିପୁର, ପରିଦିଗୁଡା, ମେଡିନିସାହି ଓ ବଡ଼ତୋଡ୍ରା ଯାଇଥିବା ରାସ୍ତା ଅବସ୍ଥା ଶୋଚନୀୟ। ଏହି ରାସ୍ତା ରାୟଗଡ଼ା ଓ କଲ୍ୟାଣସିଂହପୁର ୪୫ ନମ୍ବର ରାଜ୍ୟ ରାଜପଥ କଡ଼ରେ ଥିବା ଖସିଗୁଡ଼ାର ଗାଁରୁ ବଡ଼ ତୋଡ୍ରା ଗାଁ କୁ ସଂଯୋଗ ହୋଇଛି। ଏହା ମାତ୍ର ୪୫ ନମ୍ବର ରାଜ୍ୟ ରଜପଥ ଠାରୁ ପ୍ରାୟ ୨ କିଲୋ ମିଟର ହେବ। ସ୍ୱାଧୀନତାର ଠାରୁ ଏହି ରାସ୍ତା ଅଟକି ଯାଇଛି। ଠିକା କାମକୁ ନେଇ ବିଭାଗୀୟ ଅଧିକାରୀ ମାନେ ମଧ ଚୁପ ବସିବା ଦୁର୍ଭାଗ୍ୟ ଜନକ ବୋଲି କାମସିଙ୍ଗି ତିମାକା, ସୁବାଷ ତିମାକା, ଶଙ୍କର ନିଶିକା, ଦମ୍ବୁରୁଧର ନାଚିକା, ସିରିପତି କାଡ୍ରାକା ଓ ରିତା କାଡ୍ରାକା ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତାରେ ବର୍ଷା ଟିକିଏ ହେଲେ ରୋଗୀ ତଥା ଗର୍ଭ ଯନ୍ତ୍ରଣାରେ ଛଟପଟ ହୋଉଥିବା ମହିଳାଙ୍କୁ ବୋହି ଆଣିବା ନଜର ରହିଛି। ଆଜି ଏକ ଟାଟାମେଜିକ ଗାଡି ଓଲଟିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଦିନ ସମୟ ହୋଇଥିବାରୁ ଅଳ୍ପକେ ବର୍ତ୍ତିଗଲେ ଲୋକେ। ଖରାଦିନେ ବଡ଼ ବଡ଼ ଖାଲ, ଢ଼ିପ ଓ ବର୍ଷା ଦିନେ ଖାଲ ସାଙ୍ଗକୁ କାଦୁଅ ପଚପଚ ଯୋଗୁଁ ଲୋକେ ଯାତାୟାତ କରିବାରେ କଷ୍ଟ ଭୋଗୁଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଏହି ରାସ୍ତାକୁ ଆରଡି ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରି କାର୍ଯ୍ୟ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ମଙ୍ଗଳ ବିଭାଗ ସ୍କୁଲ୍ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

## ଛୁଟିରେ ଯିବାକୁ ହେଲେ ଜିଲ୍ଲାପାଳଙ୍କ ଅନୁମତି ଜରୁରୀ



କୋରାପୁଟ,୮।୭(ସମିସ): ସ୍ଥାନୀୟ ସଦଭାବନା ସଭାଗୃହ ଠାରେ କୋରାପୁଟ ଜିଲ୍ଲାର ମଙ୍ଗଳ ବିଭାଗ ଅଧିନରେ ଥିବା ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷା ସ୍ଥିତିକୁ ନେଇ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ସମୀକ୍ଷା କରିଛନ୍ତି। ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଛାତ୍ରଛାତ୍ରୀ ମାନେ ଯେପରି ଭଲ ଫଳାଫଳ ଆଣିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପାଳ ଉପସ୍ଥିତ ପ୍ରଧାନଶିକ୍ଷକ ଓ ଅଧକ୍ଷ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରେଣୀରେ ଛାତ୍ରଛାତ୍ରୀ ମାନଙ୍କୁ କ୍ଲଷ୍ଟର ମାଧ୍ୟମରେ ଶିକ୍ଷାଦାନ କରାଯିବ। ପାଠ ବୁଝିପାରୁ ନ ଥିବା ପିଲାମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। ପ୍ରଧାନଶିକ୍ଷକ ଓ ଶିକ୍ଷକମାନେ ଏଥିପାଇଁ ନିଜ ନିଜ ଦାୟିତ୍ୱକୁ ସଫଳ ଭାବେ ରୂପାୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ମାନଙ୍କର ଶିକ୍ଷକ,ଶିକ୍ଷୟତ୍ରୀ ଏବଂ ପ୍ରଧାନଶିକ୍ଷକ ଓ ଅଧକ୍ଷ ମାନେ ଛୁଟିରେ ଯିବାକୁ ହେଲେ ଜିଲ୍ଲାପାଳଙ୍କ ଠାରୁ ଅନୁମତି ଆଣିବାକୁ ପଡ଼ିବ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି କହିଛନ୍ତି। ବିଦ୍ୟାଳୟ ଓ ହଷ୍ଟେଲ ଗୁଡ଼ିକର ପାନୀୟ ଜଳ ଯୋଗାଣ, ଶୌଚାଳୟ ଗୁଡ଼ିକ ଠିକ୍ ଅଛି କି ନାହିଁ ତାହାର ତଦାରଖ କରିବାକୁ ଉପସ୍ଥିତ କୋରାପୁଟ ଆଇଟିଡିଏ ସହାୟକ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ସହ ଆଇଏଏସ୍ ପ୍ରୋବେସନର ସନ୍ତୋଷ କୁମାର ପାତ୍ର ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ପରିଚାଳନା କରିଥିବା ବେଳେ କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସ୍ୱର୍ଣ୍ଣପ୍ରଭା ମାଝୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଜୟ କିସପଟ୍ଟା, ମଙ୍ଗଳ ସଂପ୍ରସାରଣ ଅଧିକାରୀ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅଧକ୍ଷ ମାନେ ଉପସ୍ଥିତ ଥିଲେ। ଆସନ୍ତା ପରୀକ୍ଷାରେ କୋରାପୁଟ ଜିଲ୍ଲାର ଛାତ୍ରଛାତ୍ରୀ ମାନେ ପରୀକ୍ଷାରେ ଭଲ ଫଳାଫଳ ଆଣିବେ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ଆଶା ରଖିଛନ୍ତି।

# ଏଡ୍‌ସ ଓ ଓଡ଼ିଆ ଭାଷା ସାହିତ୍ୟ କୁଇଜ୍ ପ୍ରତିଯୋଗିତା



ଲକ୍ଷ୍ମୀପୁର,୮।୭(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମା ସ୍ଥିତ ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଓଡିଆ ଭାଷା ସାହିତ୍ୟ ପ୍ରତିଯୋଗୀତା ସହ ରେଡକ୍ରସ୍ ଅଧୀନରେ କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ତାକ୍ରି, ମଦନ ମୁଦୁଲି ଓ ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରବନ୍ଧ, ବକ୍ତୃତା,କବିତା ଆବୃତ୍ତି,ସାଧାରଣ ଜ୍ଞାନ ସହ ଇଂରାଜୀ ଶୀର୍ଷକ ସଂସ୍କରଣ ଓଡ଼ିଆରେ ପ୍ରସ୍ତୁତ କରି ଲେଖିବା ଆଦି ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। କନିଷ୍ଠ ବିଭାଗରେ ଲକ୍ଷ୍ମୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଛାତ୍ରୀ ପ୍ରବନ୍ଧରେ ସୁତମ୍ ବିଡିକା, ବକ୍ତୃତାରେ ମହାଦେବ କନ୍ଧାପାନୀ, କବିତା ଆବୃତ୍ତିରେ ଚିନ୍ମୟୀ ବିବାର ଓ କୁଇଜ୍ ଓ ଟ୍ରାନ୍ସଲେସନ୍‌ରେ ସାଇବ ସାଗରିଆ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ବରିଷ୍ଠ ବିଭାଗରେ ପ୍ରବନ୍ଧରେ କୁସୁମଗୁଡ଼ା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର କାଡ୍ରାକା ଚନ୍ଦନ, ବକ୍ତୃତା, କବିତା ଆବୃତ୍ତି ଓ କୁଇଜ୍ ଓ ଟ୍ରାନ୍ସଲେସନରେ ଲକ୍ଷ୍ମୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଉଷାରାଣୀ ଖରା, ଜି ସରସ୍ୱତୀ ରାଓ, ତମେଶ୍ୱରି ଖରା ମନୋନୀତ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏଡ଼ସ ଉପରେ ସଚେତନତା ହେବାକୁ ନେଇ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଧରଡ଼ାର ଅଷ୍ଟମ ଶ୍ରେଣୀ ଛାତ୍ର ଅବିଶ ପ୍ରେପେକା ପ୍ରଥମ ଓ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଉପର କୁଟିଙ୍ଗାର ନବମ ଶ୍ରେଣୀ ଛାତ୍ର ସଫିର ଖୋସ୍ଲା ଦ୍ୱିତୀୟ ସ୍ଥାନ ପାଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ସମସ୍ତ ପ୍ରତିଯୋଗୀତାରେ ବିଚାରକ ଭାବେ ଶିକ୍ଷକ ସପନ କୁମାର ଦିକ୍ଷୀତ, ରାଜେଶ୍ୱରୀ ଲବଲା, ଶଙ୍କର ଗୁଡୁମ୍ବକା,ଚକ୍ର ଧର, ଚନ୍ଦନ କୁମାର ଜେନା,ଲଳିତ ମୋହନ ଦେଓ, ଯମୁନା କନ୍ଧପାନ, ସଞ୍ଜୟ କୁମାର ଖରା ନିୟୋଜିତ ହୋଇଥିବା ବେଳେ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା,ବ୍ଲକ ରେଡ କ୍ରସ ସଂଯୋଜକ ସପନ କୁମାର ଦିକ୍ଷୀତ ଓ ରାଯେଶ୍ୱରି ଲାବଲା ସମସ୍ତ ପ୍ରତିଯୋଗୀତା ପରିଚାଳନା କରିଥିଲେ। ଉକ୍ତ ପ୍ରତିଯୋଗୀତା ରେ ସହଯୋଗୀ ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ପରିଡ଼ା, କୃଷ୍ଣ କୁଲଦୀପ, ଅମିୟ କୁମାର ଗରଡ଼ା, ସଂଜି କଡ୍ରାକା ପ୍ରମୁଖ ଉପସ୍ଥିତ ରହିଥିଲେ। ସଂଯୁକ୍ତା ତୁରୁକ ଓ ନୂତନ୍ ଚେଟ୍ଟି କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀ ଆସନ୍ତା ଜୁଲାଇ ମାସ ୧୦ ତାରିଖରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ।

# ଲଗାଣ ବର୍ଷା; ହୋଇପାରୁନି ମକା ଚାଷ

ମୈଦଲପୁର,୮।୭ (ସମିସ): ନବରଙ୍ଗପୁର ଜିଲ୍ଲା ମକା ଚାଷ ପାଇଁ ପ୍ରସିଦ୍ଧ ଥିବାବେଳେ ମକା ଚାଷୀ ଏବେ ଚିନ୍ତାରେ ରହିଛନ୍ତି। ଏସିଆ ମହାଦେଶରେ ମକା ଚାଷରେ ନବରଙ୍ଗପୁର ଜିଲ୍ଲା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ଏବେ ଲଘୁଚାପଜନିତ ବର୍ଷା ଦୀର୍ଘ ୧୫ ଦିନ ଚାଲିଥିବା ସମୟରେ ମକା ଚାଷ କରିବା ପାଇଁ ମକା ବିହନ, ସାର ଆଣି ଘରେ ରଖିଛନ୍ତି। ଋଣ କରି ଆଣି ବିହନ, ସାର କିଣି ଘରେ ରଖିଥିବା ବେଳେ ବର୍ଷା କାରଣରୁ ମକା ଲଗାଇବାରୁ ବଞ୍ଚିତ ହୋଇଛନ୍ତି। ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଅଞ୍ଚଳର ୮ ରୁ ୧୦ଟି ପଞ୍ଚାୟତର ଅନେକ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଥିବା କହିଛନ୍ତି। ଏହି ଅଞ୍ଚଳର ଚାଷୀ ଋଣ କରି ବିହନ ସାର ନେଇ ଘରେ ରଖିଛନ୍ତି ଚାଷ କରିବାକୁ। ଦୀର୍ଘ ୧୫ ଦିନ ହେବ ଲଘୁଚାପଜନିତ ବର୍ଷା ହେବା ଫଳରେ ଚାଷୀ ଚିନ୍ତାରେ ରହିଛନ୍ତି। ମକା ଚାଷ ପାଇଁ ହଳ ଲଙ୍ଗଳ କରି ବିହନ ବୁଣିବାକୁ ଅନେଇ ବସିଛି ଚାଷୀ। ମକା ଚାଷ କରି ଋଣ ଟଙ୍କା ସୁଝିଲା ପରେ ବଳକା ଟଙ୍କାରେ ପରିବାର ଚଳିବା ଆଶା ବାନ୍ଧିଥିବା ସମୟରେ ଲଗାଣ ବର୍ଷା ଦାଉ ସାଜିଛି। କେବେ ବର୍ଷା ବନ୍ଦ ହେବ ଓ କେବେ ଶୁଖିଲା ପାଗ ହେବ ଅନେଇ ବସିଛି ଚାଷୀ। ବର୍ତ୍ତମାନ ମୈଦଲପୁର ଅଞ୍ଚଳରେ ଧାନ ଚାଷ ପାଇଁ ଚାଷୀ ଜମିରେ ରହି ଚାଷ କାର୍ଯ୍ୟ ଆରମ୍ଭ କରିଛି। କିନ୍ତୁ ମକା ଚାଷୀ ଚିନ୍ତାରେ ରହି ମୁଣ୍ଡରେ ହାତ ଦେଇ ବସିଛି। କିଏ ତ ଋଣ କରିଛି ଆଉ କିଏ ସୁନା ବନ୍ଧକ ପକାଇ ବିହନ ସାର ଆଣି ଚାଷ କରିବାକୁ ମନ ବଳାଇ ଥିବାବେଳେ ଲଗାଣ ବର୍ଷାରେ ଚିନ୍ତାରେ ପକାଇଛି ଚାଷୀଙ୍କୁ। ଏମିତି ଯଦି ଲଗାଣ ବର୍ଷା ଆଉ ଯଦି ୧୦ ରୁ ୧୫ ଦିନ ଲାଗି ରହିବ, ତେବେ ଚାଷୀଙ୍କ ପାଇଁ ଚିନ୍ତାର କାରଣ ହେବ ବୋଲି ଆଲୋଚନା ହୋଇଛି।

# ବଡ଼ଦାଣ୍ଡ ପ୍ରଶସ୍ତୀକରଣ ପାଇଁ ଜିଲ୍ଲାପାଳଙ୍କୁ ଦାବି

ନନ୍ଦପୁର, ୮।୭ (ସମିସ): ନନ୍ଦପୁର ଐତିହ ସମ୍ପନ୍ନ ରଥଯାତ୍ରାରେ ଏଥର ବହୁ ବିଭ୍ରାଟ ଦେଖା ଦେଇଥିଲା। ରଥଦାଣ୍ଡ ଅଣଓସାରିଆ ପାଇଁ ଏଭଳି ହୋଇଥିବାରୁ ନନ୍ଦପୁର ଦେବୋତ୍ତର ମାର୍ଗଦର୍ଶକ କମିଟିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ବଡ଼ଦାଣ୍ଡ ଜବରଦଖଲ ଉଚ୍ଛେଦ ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ( ପ୍ରଶାସନ ଏ ନେଇ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

# ବନ ମହୋତ୍ସବ କାର୍ଯ୍ୟକ୍ରମ

ସେମିଳିଗୁଡା/ଦାମନଯୋଡି, ୮।୭(ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡିର ନାଲ୍‌କୋ ଶିଳ୍ପାଞ୍ଚଳ ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ବନ ମହୋତ୍ସବ କାର୍ଯ୍ୟକ୍ରମ ପାଳନ ଅବସରରେ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟା ମନ୍ଦିରର ସମ୍ପାଦକ ଡକ୍ଟର ଚିତ୍ତରଂଜନ ମିଶ୍ର ଯୋଗ ଦେଇ ବୃକ୍ଷ ରୋପଣ କରି "ମାଙ୍କ ନାମରେ ସମସ୍ତେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ" କରିବା ଲାଗି ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଧକ୍ଷ ଡକ୍ଟର ଶୁଭ୍ରାଂଶୁ ବାହିନୀପତି, ନାଲକୋ ଉଦ୍ୟାନ ବିଭାଗର ପ୍ରବନ୍ଧକ ସଞ୍ଜୀବ କର,ସ୍ଥାନୀୟ ଫରେଷ୍ଟର ସୁନୀଲ କୁମାର ପାଢୀ,ଯୁବରେଡକ୍ରସ ପରାମର୍ଶଦାତା ଡଃ ନରେଶ ଚନ୍ଦ୍ର ସାହୁ, ଡଃ ନୀରୋଦ କୁମାର ପ୍ରଧାନ, ସ୍କାଉଟ ଓ ଗାଇଡର ରବୀନ୍ଦ୍ର ସାହୁ, ମମତା ପାଢ଼ୀ, ମାନିନୀ ଦ୍ୱିବେଦୀ ଓ ପୂର୍ଣ୍ଣ ଚନ୍ଦ୍ର ସେଠୀ (ଏନ୍‌ସିସି), ଚିନ୍ମୟୀ ନନ୍ଦ ଉପସ୍ଥିତ ରହି ନିଜେ ଗଛ ଲଗାଇବାସହ ଛାତ୍ର ଛାତ୍ରୀମାନଙ୍କୁ ମାଆଙ୍କ ନାମ ରେ ଅନ୍ତତଃ ଗୋଟିଏ ବୃକ୍ଷ ରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ। ବର୍ଷା ସତ୍ତ୍ୱେ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ, ଏନ୍ ସି ସି କ୍ୟାଡେଟ, ସ୍କାଉଟ , ଗାଇଡ, କବ ଓ ବୁଲ ବୁଲର ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ନାଲକୋ ଉଦ୍ୟାନ ବିଭାଗ ତରଫରୁ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଇଥିଲା।

# ୧୧ରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ




ରାୟଗଡ଼ା,୮।୭(ସମିସ): ଆସନ୍ତା ଜୁଲାଇ ୧୧ତାରିଖରେ ଭୁବନେଶ୍ୱର ବରମୁଣ୍ଡା ପଡିଆରେ ଲୋକସଭାର ବିରୋଧୀ କଂଗ୍ରେସ ଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ବଞ୍ଚାଅ ସମାବେଶକୁ ସମ୍ବୋଧିତ କରିବେ। ସଭାରେ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ ଯୋଗ ଦେବେ। ଏହି ସମାବେଶ ଉଦ୍ଦେଶ୍ୟରେ ଆଜି ରାଜ୍ୟ ବିଧାନସଭାର ବିରୋଧୀ ଦଳ ନେତା ତଥା ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ସ୍ଥାନୀୟ ହୋଟେଲରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲାସ୍ୱାମି, ଜିଲ୍ଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା ଏବଂ ବରିଷ୍ଠ ନେତା ଶଙ୍କର୍ଷଣ ମଙ୍ଗରାଜ ଉପସ୍ଥିତ ଥିଲେ। ରାଜ୍ୟରେ ନାରୀ ସୁରକ୍ଷିତ ନୁହଁନ୍ତି। ଏହି କେବିକେ ଅଞ୍ଚଳରେ ଆଦିବାସୀ ଏବଂ ଦଳିତ ମହିଳା ମାନେ ନିର୍ଯାତନା , ବଳତ୍କାର ଏବଂ ହତ୍ୟାର ଶିକାର ହେଉଛନ୍ତି। ଏହି ସବୁ ଲଢ଼େଇ କରି ବିଧାନସଭାରେ ୭ଦିନ ପାଇଁ ନିଲମ୍ବିତ ହୋଇଛୁ। ସରକାର ଚିଟଫଣ୍ଡ ଠକେଇ ହୋଇଥିବା କ୍ଷତିଗ୍ରସ୍ତଙ୍କୁ ଅର୍ଥ ଫେରସ୍ତ କଲେ ନାହିଁ। ଏହି ରାଜ୍ୟରୁ ୨୦ ଜଣ ସାଂସଦ ଯାଇ ଭାଜପା ସରକାର କେନ୍ଦ୍ର ରେ ଶାସନ କରୁଛି ଏବଂ ପ୍ରଧାନମନ୍ତ୍ରୀ ୫ଥର ଆମ ରାଜ୍ୟକୁ ଆସିଲେ। କିନ୍ତୁ ରାଜ୍ୟ ର ବିକାଶରେ କିଛି ପରିବର୍ତ୍ତନ ହେଲା ନାହିଁ। କେବଳ କଂଗ୍ରେସ ସରକାର ଯେଉଁ ସବୁ ଯୋଜନା କରିଥିଲା ସେଗୁଡିକ ନାମ ପରିବର୍ତ୍ତନ କରୁଛି ବୋଲି ବିରୋଧୀ ଦଳର ନେତା କାଡାମ୍ କହିଛନ୍ତି। ସେହିପରି ରାଜ୍ୟରେ ଗୋଟିଏ ବର୍ଷରେ ନାରୀ, ଶିଶୁ ଏବଂ ନିର୍ଯ୍ୟାତନା ସହିତ ବଳତ୍କାର ଘଟଣାରେ ୧୮ ଶହରୁ ଅଧିକ ମାମଲା ରୁଜୁ ହୋଇଛି। ରାହୁଲ ଗାନ୍ଧୀ କାର୍ଯ୍ୟକ୍ରମରେ ଜିଲ୍ଲାରୁ ୨ ହଜାର ଲୋକ ଯିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି କୁହାଯାଇଛି।

# ରାୟଗଡ଼ା ଟ୍ୟାଲେଣ୍ଟ ଆୱାର୍ଡ ସିଜନ୍-୨ ପାଇଁ ପ୍ରସ୍ତୁତି



ରାୟଗଡ଼ା,୮।୭(ସମିସ): ରାୟଗଡ଼ାର ସାଇପ୍ରିୟା ନଗର ଦ୍ୱିତୀୟ ଲାଇନ୍ ମିନି ପାର୍କ ଠାରେ ରାୟଗଡ଼ା ଟ୍ୟାଲେଣ୍ଟ ଆୱାଡ ୨୦୨୫ ସିଜନ୍ -୨ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଥର ପାଇଁ ଏହା ବିଗତ ବର୍ଷ ଅଗଷ୍ଟ ୪ ତାରିଖ ୨୦୨୪ରେ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ମଧ ଏହା ମା ମଝିଘରିଆଣୀ ଏଣ୍ଟରଟେନମେଣ୍ଟ ଟ୍ରଷ୍ଟ ପକ୍ଷରୁ ରାୟଗଡ଼ା ଜିଲ୍ଲା କଳାକାର ମହସଂଘ ଓ ପିଡିସି ଗ୍ରାଫୀ ସହଯୋଗରେ ଜୁଲାଇ ମାସ ୨୦ ତାରିଖ ଦିନ ୧୦ଟା ସମୟରେ ରାୟଗଡ଼ାର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିଅମ୍ ଠାରେ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ କ୍ଷେତ୍ରରେ ସମାଜରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପ୍ରଦାନ ସହ ଜିଲ୍ଲାର ବିଭିନ୍ନ ସ୍ତରର ଯୋଗ୍ୟ କଳାକାର ମାନଙ୍କୁ ପୁରସ୍କୃତ କରାଯିବ। ଜିଲ୍ଲାର କଳାକାର ମାନଙ୍କୁ ଉତ୍ସାହିତ କରିବା ସହ ଆଞ୍ଚଳିକ ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ କରାଯିବା ଲକ୍ଷ୍ୟ ରହିଛି ବୋଲି ମା ମଝିଘରିଆଣୀ ଏଣ୍ଟରଟେନମେଣ୍ଟ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଥା ରାୟଗଡ଼ା ଜିଲ୍ଲା କଳାକାର ମହାସଂଘର ସଭାପତି ସନ୍ତୋଷ କୁମାର ବଛା ଜଣାଇଛନ୍ତି। ଆବେଦନକାରୀ କଳାକାର ରାୟଗଡ଼ା ଜିଲ୍ଲାର ହୋଇଥିବା ଆବଶ୍ୟକ ଏବଂ ସେ ଏମଏମଇଟି. ଓଆରଜି. ଇନ ୱେବ୍ ସାଇଟ୍ ମାଧ୍ୟମରେ ଆବେଦନ କରି ପାରିବେ। ଏଥିପାଇଁ ଶେଷ ତାରିଖ ଆସନ୍ତା ଜୁଲାଇ ୧୨ ତାରିଖ ରହିଛି। ଏହି କାର୍ଯ୍ୟକ୍ରମ ଲାଗି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଟ୍ରଷ୍ଟର ସନ୍ତୋଷ କୁମାର ବଛାଙ୍କ ସମେତ କଳାକାର ପ୍ରଭାକର ମିଶ୍ର, ଅଭିନେତା ଜି ମହେଶ ରାଓ, ରାୟଗଡ଼ା ଜିଲ୍ଲା କଳାକାର ମହାସଂଘର ଉପ ସଭାପତି ଗୁପ୍ତେଶ୍ୱର ସିକା, ସମ୍ପାଦିକା ପ୍ରିୟଦର୍ଶିନୀ ହୁଇକା, କୋଷାଧକ୍ଷ ମାନସୀ ମେଲାକା, ମୁନା ହିମରିକା, କାଉନସିଲର ପି ରୋଜା, ବରିଷ୍ଠ କଳାକାର ଇ ଗୌରୀ ଶଙ୍କର ରାଓ, ଆର ରାଜୁ ରାଓ, ଦେବୀ ପ୍ରସାଦ, ଚିରଞ୍ଜିବି ବେହେରା, ଜି ଦେବ ରାଜ, ଦୀପକ ରଞ୍ଜନ ମିଶ୍ର , ଅଖିଳ କନ୍ଧପାଣି , ଗୁଲସନ୍ କୁମାର୍, ରୋମୀୟ ବିଜେ, ବନି କିରନ, ଅଭିଷେକ ବେନିଆ , ଶିବ ଶଙ୍କର ପାଣି, ରାଜୁ ସିଂ, ଦେବ ଖୋସଲା, ନିରାକାର ନାଏକ, କାର୍ତ୍ତିକ, ରାଜା, ମଣ୍ଟୁ, ମୌକ୍ତିକା ଜେ ଡି ଆର୍, ବିକାଶ ଗାଣ୍ଟା ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଏମ୍‌ଭି ୧୫ ଗ୍ରାମ ରାସ୍ତା ଶୋଚନୀୟ



ମାଲକାନଗିରି,୮।୭(ସମିସ): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଏମଭି ୧୫ ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଯାତାୟତ କରିବା ବର୍ତ୍ତମାନ କଷ୍ଟକର ହୋଇ ପଡିଛି। ଏହି ରାସ୍ତା ଦେଇ ପ୍ରତିଦିନ ଅନେକ ଲୋକେ ଯାତାୟତ କରୁଥିବା ବେଳେ ବର୍ଷା ଯୋଗୁଁ ମାଟି ରାସ୍ତାଟିରେ ଯାତାୟାତ କରିବା ସ୍ଥାନୀୟବାସିନ୍ଦାଙ୍କ ପାଇଁ କଷ୍ଟକର ହୋଇପଡିଛି। ଏହି ରାସ୍ତା ଦେଇ ଆଖପାଖ ଗ୍ରାମ ଯଥା ଅରକେଲଗୁଡା, ପରଜାଗୁଡା, କମଳାପଦର, ଏମଭି ୪୬ ଭଳି ଅନେକ ଗ୍ରାମର ଲୋକେ ନିତିଦିନ ଯାତାୟାତ କରୁଛନ୍ତି। ଜିଲ୍ଲା ସଦର ମହକୁମାକୁ ଯିବା ପାଇଁ ଏହି ରାସ୍ତା ମୁଖ୍ୟ ରାସ୍ତା ଭାବେ ରହିଥିବା ବେଳେ ବର୍ତ୍ତମାନ ରାସ୍ତା ଅବସ୍ଥା ଶୋଚନୀୟ ରହିଛି। ଲୋକେ ରାସ୍ତାରେ ଚାଲି ଚାଲି ଯିବା ମଧ କଷ୍ଟକର ହୋଇ ପଡିଛି। କୁନି କୁନି ପିଲାଏ ବିଦ୍ୟାଳୟ ଯିବା ଠାରୁ ଆରମ୍ଭ କରି ରୋଗୀ ଓ ବୟସ୍କ ବ୍ୟକ୍ତି ମଧ ଏହି ରାସ୍ତାରେ ଯାତାୟତ କରୁଥିବାରୁ ବହୁବାର ଦୁର୍ଘଟଣାର ଶିକାର ହେଉଥିବା ନେଇ ସ୍ଥାନୀୟ ବାସିନ୍ଦା ରୁପାଲି ରାୟ, କ୍ରୀଷ୍ଣା ବେପାରୀ, ଝଣ୍ଟୁ ପାଲ, ମାଣିକ ଦେବନାଥ, ନିପନ ବିଶ୍ୱାସ, ଦୁଲାଲି ରାୟ ପ୍ରମୁଖଙ୍କ ସହ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ଲୋକେ ମାଲକାନଗିରି ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ଦେଇ ଏହାର ତୁରନ୍ତ ମରାମତି ପାଇଁ ଦାବି ଜଣାଇଛନ୍ତି।

# ମାସେ ଗଲାନି; ପିଚୁ ରାସ୍ତା ହୋଇଗଲା ଚାଷ ଜମି



ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟ ଏମିତି

କୋରୁକୋଣ୍ଡା,୮।୭ (ସମିସ): ମାଲକାନଗିରି ଜିଲ୍ଲା ଆରଡି ବିଭାଗର ରାସ୍ତା ନିର୍ମାଣରେ ବାରମ୍ବାର ଦୁର୍ନୀତି ହେବା ନେଇ ଖବର ପ୍ରକାଶିତ ହେବ ପରେ ମଧ ଚେତୁନି ଜିଲ୍ଲା ପ୍ରଶାସନ। ଆରଡି ବିଭାଗର ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଜିଲ୍ଲାର ପ୍ରତ୍ୟେକ ଗ୍ରାମାଞ୍ଚଳରେ ନୂତନ ରାସ୍ତା ନିର୍ମାଣ ହେଉଥିଲେ ସୁଦ୍ଧା ତାହା ଅଳ୍ପ କେଇଟା ଦିନରେ ପୁଣି ନିଜର ପୂର୍ବ ଅବସ୍ଥାକୁ ଆସି ପୁଣି ମରଣଯନ୍ତା ପାଲଟି ଯାଉଛି ରାସ୍ତା। ଆଜି ପୁଣି ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ଠାରୁ ବାଲିମେଳାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଚିତାପାରି ରାସ୍ତା ଠାରୁ ଏମଭି-୩୬ ଗ୍ରାମ ଶେଷ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ। ଦୀର୍ଘ ଦିନ ହେବ ଏହି ରାସ୍ତାଟି ନିର୍ମାଣ ହେଉ ନଥିବାରୁ ନାନାଦି ସମସ୍ୟା ଭୋଗୁଥିଲେ ଗ୍ରାମବାସୀ। ତେବେ ଗ୍ରାମବାସୀ ଙ୍କ ବାରମ୍ବାର ଅଭିଯୋଗ ପରେ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଆସିଲା । କିନ୍ତୁ ରାସ୍ତାଟି ଠିକାଦାରଙ୍କ ଦ୍ୱାରା ଏପରି ନିର୍ମାଣ କରାଗଲା ଯେ ରାସ୍ତା ନିର୍ମାଣର ୧ ମାସ ନ ପୁରୁଣୁ ଉଠିଲା ପିଚୁ। ସୃଷ୍ଟି ହେଲା ଶହ ଶହ ଖାଲଖମା। ରାସ୍ତାରୁ ପିଚୁ ଉପରକୁ ଉଠିଯିବା ଫଳରେ ଦୁର୍ଘଟଣା ଘଟୁଥିବା ବାଇକ୍ ଚାଳକ ଅଭିଯୋଗ କରିଛନ୍ତି। ଏଥିସହ ଠିକାଦାର କେବଳ ପିଚୁ ରାତାରାତି ପକାଇ ନିଜ କାର୍ଯ୍ୟ ସାରି ଫେରି ଯାଇଥିବା ବେଳେ ଏମଭି-୩୬ ଗ୍ରାମ ଭିତର ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ଭୁଲି ଯାଇଛି। ଫଳରେ ବର୍ଷା ଦିନରେ ଗ୍ରାମବାସୀ ବାହାରକୁ ବାହାରିଲେ କାଦୁଅରେ ଯିବା ପାଇଁ ବାଧ ହେଉଥିବା କହିଛନ୍ତି। ନାମଫଳକରେ ୭ଟି କଲଭର୍ଟ ନିର୍ମାଣ କରାଯାଇଥିବା ଦର୍ଶା ଯାଇଥିବା ବେଳେ ଗ୍ରାମ ମଝିରେ କେବଳ ଏକ ନୂତନ ବଡ଼ କଲଭର୍ଟ ନିର୍ମାଣ କରାଯାଇଛି। ସେହି କଲଭର୍ଟର ଉଭୟ ପାଶ୍ୱର୍ରେ ସିମେଣ୍ଟ କଂକ୍ରିଟ୍ କରିବାକୁ ଭୁଲିଯାଇଛନ୍ତି ଠିକାଦାର। ଗତ କିଛିଦିନର ଲଗାଣ ବର୍ଷାରେ କଲଭର୍ଟର ଉଭୟ ପାଶ୍ୱର୍ରେ ପଡିଥିବା ଏହି ମାଟିରେ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ଅଟକି ଯାଉଥିବା ଦେଖିବାକୁ ମିଳୁଛି। ଏମଭି-୩୬ ଗ୍ରାମକୁ ଯିବା ପାଇଁ ହେଲେ ଏହି ଗୋଟିଏ ମାତ୍ର ରାସ୍ତା ରହିଥିବା ବେଳେ ଯଦି କେଉଁ ଦିନ କୌଣସି ରୋଗୀକୁ ନେବା ନିମନ୍ତେ ଆମ୍ବୁଲାନ୍ସ ଆସେ ତ ବାଟରେ ଏହି କଲଭର୍ଟ ନିକଟରେ ଗାଡି ଦବି ଯିବାର ଆଶଙ୍କା ରହିଛି। ଖରା ପାଗରେ ପିଚୁ ନ ପକାଇ ରାତାରାତି ଏହି ପିଚୁ ଢାଳିବା ଦ୍ୱାରା ଆଜି ରାସ୍ତାର ଅବସ୍ଥା ଏପରି ହୋଇଥିବା କିଛି ସ୍ଥାନୀୟ ବାସିନ୍ଦା କହିଛନ୍ତି। ତେବେ ଏହି ରାସ୍ତା ବାବଦକୁ ୨ କୋଟି ୭୭ ଲକ୍ଷ ଖର୍ଚ୍ଚ ହୋଇଥିବା ବେଳେ ସେହି ସରକାରୀ ଟଙ୍କା ବର୍ତ୍ତମାନ ପାଣିରେ ପଡିଯାଇଥିବା ଅଞ୍ଚଳବାସୀ କହିଛନ୍ତି। ଏଥିସହ ପି.କେ ସ୍ୱାଇଁ ନାମକ ଠିକାଦାର ଏହି କାର୍ଯ୍ୟ କରିଥିବା ବେଳେ ୨୦୨୨-୨୩ ମସିହାରେ ଏହି କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ବର୍ତ୍ତମାନ ୩ ବର୍ଷ ପରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି। ଠିକାଦାରଙ୍କୁ ସୁହାଇଲା ପରି ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଆରଡି ବିଭାଗର ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଆମ କଲ ରିସିଭ କରିନଥିଲେ। କିନ୍ତୁ ବିଭାଗୀୟ ଏସଡିଓ ଭୋଳାନାଥ ସେଠୀଙ୍କୁ ଫୋନ ଯୋଗେ ପଚାରିବାରୁ ସେ ୨ ଦିନ ମଧ୍ୟରେ ଉକ୍ତ ରାସ୍ତାଟିର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସହ କଲଭର୍ଟର ଉଭୟ ପାଶ୍ୱର୍ରେ ତୁରନ୍ତ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ। ଯଦି ଆଗାମୀ ୧୦ ଦିନ ମଧ୍ୟରେ ଏହି ରାସ୍ତା ଉତ୍ତମ ମାନର ନିର୍ମାଣ କରା ନ ଯାଏ, ତା'ହେଲେ ଆଗାମୀ ଦିନରେ ଆରଡି ବିଭାଗର କାର୍ଯ୍ୟାଳୟ ଗ୍ରାମବାସୀ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଏସ୍‌ବିଆଇ ପକ୍ଷରୁ ଆର୍ଥିକ ସାକ୍ଷରତା ସଚେତନତା



ମାଲକାନଗିରି, ୮।୭(ସମିସ): ସ୍ଥାନୀୟ ବିବେକାନନ୍ଦ ବିଜ୍ଞାନ ମହାବିଦ୍ୟାଳୟ ଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ଏକ ଦିବସୀୟ ସଚେତନ ସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ସୁନୀଲ ସରକାର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ବ୍ୟାଙ୍କର ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ରୂପେ ଚକ୍ରଧର ନାୟକ, ଏଲଡିଏମ୍, ଭାରତୀୟ ଷ୍ଟେଟ ବ୍ୟାଙ୍କ ମାଲକାନଗିରି ଯୋଗଦାନ କରି ଅଟଳ ପେନସନ ଜୀବନ ବୀମା ଏବଂ ପାଠପଢା ଋଣ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ଏଫଏଲସି ହରିନାଥ ପଣ୍ଡା ବ୍ୟାଙ୍କରେ କିପରି ଠକେଇରୁ ଦୂରେଇ ରହିବେ ସେ ବିଷୟରେ ଆଲୋଚନା କରିଥିଲେ। ଅଧକ୍ଷ ଡାନିଏଲ ସରକାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୮୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମସ୍ତ ଅଧାପକ ଅଧାପିକା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ କେନାରାମ ସରକାର, ଏମ୍‌ଡି ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା

# ଡ୍ରାଇଭର ସଂଘର ଆନ୍ଦୋଳନ;ଯାତ୍ରୀ ହନ୍ତସନ୍ତ


କୋରାପୁଟ


ପଦ୍ମପୁର


ବୈପାରିଗୁଡ଼ା


ରାୟଗଡ଼ା


ବିଷମ କଟକ


ମାଲକାନଗିରି


କୋରୁକୋଣ୍ଡା


ତେନ୍ତୁଳିଖୁଣ୍ଟି


ମୁନିଗୁଡ଼ା


ଜୟପୁର


ଗୁଡ଼ାରି


ଡାବୁଗାଁ


ଉମରକୋଟ

**କୋରାପୁଟ :** ଡ୍ରାଇଭର ସଂଘ ପକ୍ଷରୁ ମଙ୍ଗଳବାର ଠାରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ ଆନ୍ଦୋଳନ ଆରମ୍ଭ କରାଯାଇଛି। କୋରାପୁଟ ଆର୍‌ଟିଓ ଅଫିସ ନିକଟ ପଡ଼ିଆରେ କୋରାପୁଟ ସଦର ସଂଘ ସଭାପତି ଲମ୍ବୋଧର ନାୟକ, ସମ୍ପାଦକ ପ୍ରଭଞ୍ଜନ କଟିମଙ୍କ ନେତୃତ୍ୱରେ ସଦସ୍ୟ ମାନେ ଆନ୍ଦୋଳନ ଚଳାଇଛନ୍ତି। ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଓ ୱାର୍କର ୱେଲଫର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବା ପ୍ରଭୃତି ବିଭିନ୍ନ ଦାବି ରହିଛି। ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ ଆନ୍ଦୋଳନ ଯୋଗୁଁ ଜିଲ୍ଲା ତମାମ ବସ୍, ଟ୍ରକ୍, ଟ୍ୟାକ୍ସି ଚଳାଚଳ ବନ୍ଦ ରହିଛି। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରୋଇ ବସ୍ ଚଳାଚଳ ବନ୍ଦ ରହିଥିବା କାରଣରୁ ଯାତ୍ରୀ ମାନେ ବିଭିନ୍ନ ବସ ଷ୍ଟାଣ୍ଡରେ ଅପେକ୍ଷା କରି ରହିଥିବାବେଳେ ଛୋଟ ଛୁଆ ଓ ବରିଷ୍ଠ ନାଗରିକ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପଡ଼ି ରହିଛନ୍ତି।

**ବୈପାରିଗୁଡା :** ବୈପାରୀଗୁଡା ମୁଖ୍ୟ ଛକରେ ଡ୍ରାଇଭର ମହାସଙ୍ଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରୁଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଓଡ଼ିଶା ଡ୍ରାଇଭର ମହାସଂଘର ବୈପାରିଗୁଡା ବ୍ଲକ ଡ୍ରାଇଭର ମହାସଂଘ ସଭାପତି ମାଧବ ବିଷୋୟୀ ପ୍ରକାଶ କରିଛନ୍ତି। ଦାବି ଗୁଡ଼ିକ ମଧ୍ୟରୁ ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରିବା ପ୍ରଭୃତି ବିଭିନ୍ନ ଦାବି ରହିଛି।

**ରାୟଗଡ଼ା :** ଡ୍ରାଇଭର ମହାସଂଘର ଆନ୍ଦୋଳନ ପାଇଁ ଆଜି ଗଡିଲା ନାହିଁ ଚକ। ସମସ୍ତ ଯାନବାହାନ ଚଳାଚଳ ସଂପୂର୍ଣ୍ଣ ଠପ୍ ହୋଇଛି। ଟ୍ୟାକ୍ସି ଠାରୁ ଆରମ୍ଭ କରି ବସ୍ ପର୍ଯ୍ୟନ୍ତ ସବୁ ଗାଡି ଚଳାଚଳ ବନ୍ଦ ରହିଥିଲା। ୬ ଦଫା ଦାବି ନେଇ ଡ୍ରାଇଭର ସଂଘର ଏହି ଆନ୍ଦୋଳନ ହୋଇଛି। ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ସୂଚନା ମିଳିଛି। ଆନ୍ଦୋଳନ ପାଇଁ ଯାନବାହାନ ଚଳାଚଳ ବନ୍ଦ କାରଣରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ଶତାଧିକ ଯାତ୍ରୀ ଅଟକି ରହିଥିବା ପରିଲିକ୍ଷିତ ହୋଇଛି। ରାୟଗଡ଼ା ବସଷ୍ଟାଣ୍ଡ ଠାରେ ବିଭିନ୍ନ ସ୍ଥାନକୁ ଯିବାପାଇଁ ଲୋକେ ନାହିଁ ନଥିବା ଅସୁବିଧା ଭୋଗିଥିଲେ। କୌଣସି ଉପାୟ ନପାଇ ଅଟୋ ରିକ୍ସା ଯୋଗେ ଯାଇଥିଲେ ଲୋକେ। ସେଥିପାଇଁ ଚଢା ମୂଲ୍ୟର ଭଡ଼ା ମଧ୍ୟ ଅଟୋ ରିକ୍ସା ଚାଳକ ନେଇଥିବା ଅଭିଯୋଗ ହୋଇଛି। ମୁଖ୍ୟତଃ କାଶୀପୁର, ଟିକିରି, କଲ୍ୟାଣସିଂହପୁର, ବନ୍ଧୁଗାଁ, ନାରାୟଣପାଟଣା, ବିଷମକଟକ, କୋଲନରା, ରାମନାଗୁଡା, କେରେଡା, ଭଳି ସ୍ୱଳ୍ପ ଦୂରତା ବାଟକୁ ଅଟୋ ରିକ୍ସା ଯୋଗେ ଯାଇଥିଲେ ଯାତ୍ରୀ। ଏଣେ କୋରାପୁଟ, ଦାମନଯୋଡି, ଜୟପୁର, ବ୍ରହ୍ମପୁର, କେସିଙ୍ଗା, ଭବାନୀପାଟଣା ପାଇଁ ଟ୍ରେନରେ ପ୍ରବଳ ଭିଡ଼ ହୋଇଥିଲା। ତେବେ କନ୍ଧମାଳ ଜିଲ୍ଲାକୁ କୌଣସି ରେଳ ସୁବିଧା ନଥିବା କାରଣରୁ ଯାତ୍ରୀ ଆସନ୍ତାକାଲି ଯିବାକୁ ଷ୍ଟେସନ ଠାରେ ଅପେକ୍ଷା କରିଛନ୍ତି।

**ମାଲକାନଗିରି :** ମାଲକାନଗିରି ଜିଲ୍ଲାରେ ଅନିର୍ଦ୍ଧିଷ୍ଟ କାଳ ପାଇଁ ଡ୍ରାଇଭର ମହାସଂଘ ସଦସ୍ୟ ମାନେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିଛନ୍ତି। ଆଜି ପ୍ରଥମ ଦିନରେ ଜିଲ୍ଲା ସଂଘ କାର୍ଯ୍ୟାଳୟରେ ଆନ୍ଦୋଳନରେ ବସି ରହିଛନ୍ତି। ଯେଉଁ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଡ୍ରାଇଭର ମହାସଂଘ କହିଛି। ଏଥିଯୋଗୁଁ ଆଜି ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ଦାବି ପୂରଣ ନହେଲେ ଡ୍ରାଇଭର ମାନେ ରାଜ ରାସ୍ତାରେ ପ୍ରତିବାଦ କରିବେ ବୋଲି ଜିଲ୍ଲା ଡ୍ରାଇଭର ମହାସଂଘର ସଭପତି ଚିତ୍ରସେନ ବେହେରା, ବିଷ୍ଣୁ ବିଶ୍ୱାସଙ୍କ ସହ ଅନ୍ୟମାନେ ପ୍ରକାଶ କରିଛନ୍ତି।

**ଗୁଡାରି :** ଆଜି ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ଗୁଡାରୀ ବ୍ଲକ୍ ସଭାପତି ସଦା ମିନାକା, ଉପ ସନ୍ତୋଷ ଗୌଡ଼, ସମ୍ପାଦକ ଲକ୍ଷ୍ମୀନାରାୟଣ ଶବର ନେତୃତ୍ୱ ନେଇଥିଲେ। ସହରରେ କୌଣସି ବସ୍, ଟ୍ରକ, ଅଟୋ ଏବଂ ଯାତ୍ରୀବାହୀ ଯାନ ଚଳାଚଳ ନ କରିବାରୁ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ୬ଟି ଦାବି ନେଇ ଆନ୍ଦୋଳନ କରାଯାଉଥିବା ଗୁଡାରି ଡ୍ରାଇଭର ସଂଘ ର ସଭାପତି ସଦା ନିମାକା କହିଛନ୍ତି

**ମୁନିଗୁଡା :** ରାୟଗଡ଼ା ଜିଲ୍ଲା ମୁନିଗୁଡା, ଜଗଦଳପୁର,ଅମ୍ବାଦଳା ଅଞ୍ଚଳରେ ଡ୍ରାଇଭର ମହାସଂଘର ସଦସ୍ୟ ମାନେ ମଧ୍ୟ ଶାନ୍ତିପୂର୍ଣ୍ଣ ଗଣ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ମୁନିଗୁଡା ଠାରେ ଓଡିଶା ଡ୍ରାଇଭର ମହାସଂଘ, ମୁନିଗୁଡା ସଭାପତି ବଡୁ ଶବର, ରାୟଗଡ଼ା ଜିଲ୍ଲା ସହ ସମ୍ପାଦକ ଶଙ୍କର ଗୁଡୁମ୍ବାକାଙ୍କ ନେତୃତ୍ୱରେ ୧୩ ପଞ୍ଚାୟତରୁ ୭୦୦ରୁ ଅଧିକ ଡ୍ରାଇଭର ମାନେ ଯୋଗ ଦେଇଥିଲେ। ଅମ୍ବାଦଳା ଠାରେ ଅମ୍ବାଦଳା ଡ୍ରାଇଭର ମହାସଂଘ ସଭାପତି ଅଭିମନ୍ୟୁ ଦଣ୍ଡସେନା, ଉପସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ସମେତ ଇଚ୍ଛାପୁର ପଞ୍ଚାୟତ ସଭାପତି ଶ୍ରିହରି ହାତି, ରାଣୀପିଣ୍ଡା ସଭାପତି ରବୀନ୍ଦ୍ର ବେହେରା, ଶିବପଦର ସଞ୍ଜୟ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ୨୦୦ରୁ ଅଧିକ ଡ୍ରାଇଭର ଯୋଗଦେଇ ସହଯୋଗ କରିଥିଲେ।

**ପଦ୍ମପୁର :** ରାୟଗଡ଼ା ଜିଲ୍ଲା ପଦ୍ମପୁର ଡ୍ରାଇଭର ମହାସଂଘ ତରଫରୁ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ କରାଯାଇଛି। ପଦ୍ମପୁର ଡ୍ରାଇଭର ମହାସଂଘର ସଭାପତି ଏ ନାଗଭୂଷଣ ରାଓ, ଉପସଭାପତି ମାଝି ମେନକା, ସମ୍ପାଦକ ଚନ୍ଦନ ପାଣିଗ୍ରାହୀ, ସହ ସମ୍ପାଦକ ଉଦଳା ଚିନ୍ନା କୋଷାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପ୍ରତିକ୍ରିୟା ରଖିଛନ୍ତି। ପଦ୍ମପୁର ବ୍ଲକର ୧୩ଟି ପଞ୍ଚାୟତର ସବୁ ଡ୍ରାଇଭର ଭାଇମାନେ ଉପସ୍ଥିତ ଥିଲେ। ଦାବି ପୂରଣ ନହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

**ବିଷମକଟକ :** ରାୟଗଡା ଜିଲ୍ଲା ବିଷମକଟକ ବ୍ଲକରେ ଆଜି ଠାରୁ ଷ୍ଟିରଙ୍ଗ ଛାଡ ଆନ୍ଦୋଳନରେ ଓହ୍ଲାଇଛି ଡ୍ରାଇଭର ସଂଘ। ବିଷମ କଟକ ବ୍ଲକର ୨୧ଟି ଗ୍ରାମ ପଞ୍ଚାୟତର ଡ୍ରାଇଭର ମାନେ ବିଷମ କଟକ ନେତାଜୀ ଛକରେ ଏକ୍ରତ୍ରିତ ହୋଇ ଆନ୍ଦୋଳନରେ ବସିଛନ୍ତି। ଯାହାଫଳରେ ବସ, ଟ୍ରକ,ଟ୍ରାକ୍ଟର, ଅଟୋ, ଘରୋଇ ଗାଡି ସବୁ ଚଳାଚଳ ବନ୍ଦ ରହିଛି। ବିଭିନ୍ନ ସ୍ଥାନକୁ ଯିବା ପାଇଁ ଅପେକ୍ଷା କରୁଥିବା ଯାତ୍ରା ମାନେ ନାହିଁ ନଥିବାର ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ରାୟଗଡାରୁ କଳାହାଣ୍ଡି, କନ୍ଧମାଳ, ଗଜପତି ଏବଂ ଗଂଜାମକୁ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଦାବି ପୁରଣ ନ ହେବା ଯାଏ ସଂଘ ଆନ୍ଦୋନଳରୁ ଓହ୍ଲାଇବ ନାହିଁ ବୋଲି ନିଷ୍ପତି ନିଆଯାଇଥିବା ସଂଘ ସଭାପତି ସୁଧିର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଆନ୍ଦୋଳନରେ ଜିଲ୍ଲା ଉପସଭାପତି କାନୁ ଗୌଡ, କୋଷାଧ୍ୟକ୍ଷ ସିମାଦ୍ରି ଉଲ୍ଲାକା, ଉପସଭାପତି ଯଶକେଶନ ଦୋରା, ସହ ସମ୍ପାଦକ ସନାତନ ଦୋରାଙ୍କ ସମେତ ସଂଘର ସମସ୍ତ ପଦାଧିକାରୀ, କର୍ମୀ ଉପସ୍ଥିତ ଥିଲେ।

**ଉମରକୋଟ :** ନବରଙ୍ଗପୁର ଜିଲା ଉମରକୋଟ ସ୍ଥିତ ଚିକଲପଦର କାର୍ଯ୍ୟାଳୟ ଠାରେ ସମସ୍ତ ଡ୍ରାଇଭର ମହାସଂଘ ସଦସ୍ୟମାନେ ଷ୍ଟିୟରିଂ ଛାଡ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିଛି। ଏହି ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ କରାଯାଉଛି ବୋଲି କହିଛନ୍ତି ଉମରକୋଟ ଡ୍ରାଇଭର ସଙ୍ଘର ସଭାପତି ପ୍ରଦୀପ ବିଶ୍ୱାସ ଓ ସମ୍ପାଦକ ବିଦ୍ୟାଧର ମାଡଗୁଲ। ଆନ୍ଦୋଳନରେ ବସ୍, ଟ୍ରକ୍, ଅଟୋ, ଟ୍ରାକ୍ଟର ଗାଡିର ଡ୍ରାଇଭର ମାନେ ସାମିଲ ରହିଛନ୍ତି। ଆଜିଠାରୁ ସେମାନଙ୍କର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଧିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନରେ ଉମରକୋଟ ସଂଘର ଉପସଭାପତି ସୁକେନ୍ଦ୍ର ହରିଜନ, କୋଷାଧ୍ୟକ୍ଷ ବୁଟି ଭତ୍ରା,ସହ ସମ୍ପାଦକ ଶ୍ରୀନୀବାସ ରାଓଙ୍କ ସମେତ ବ୍ଲକର ଶତାଧିକ ଡ୍ରାଇଭର ସାମିଲ ରହିଛନ୍ତି।

**ଟିକିରି:** ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକର କାଶିପୁର ସଦର, ମାଣ୍ଡିବିଶି, ଡଙ୍ଗାସିଲ, ସରିଷପଦର, ତୋଟାଗୁଡା ଛକ ଆଦି ସ୍ଥାନରେ କାଶିପୁର ବ୍ଲକ ଡ୍ରାଇଭର ମହାସଂଘ ସଭାପତି ଯୋଗିଜୀବନ ନାଏକଙ୍କ ନେତୃତ୍ୱରେ ବ୍ଲକର ପ୍ରାୟ ୫ଶହ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିଛନ୍ତି। ବିଭିନ୍ନ ଦାବି ନେଇ ଏହି ଆନ୍ଦୋଳନ ଚାଲିଥିବା ଡୁଡୁକାବାହାଲ ପଞ୍ଚାୟତ ସଭାପତି ପରମେଶ୍ୱର ମାଝୀ କହିଛନ୍ତି।

**କୋରୁକୋଣ୍ଡା :** ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ସଦର ଏବଂ ବାଲିମେଳାରେ ଡ୍ରାଇଭର ସଂଘ ଆନ୍ଦୋଳନ କରିଛି। ସହରର ବାଲିମେଳା ଛକ ନିକଟରେ ବାଲିମେଳା ଡ୍ରାଇଭର ସଂଘ ପକ୍ଷରୁ ବିଭିନ୍ନ ନାରା ଦେଇ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଆଜିର ଏହି ଡ୍ରାଇଭର ମହାସଂଘର ଆନ୍ଦୋଳନରେ ବାଲିମେଳା ଡ୍ରାଇଭର ସଂଘ ସଭାପତି ସଲମାନ ପାଙ୍ଗି, ସମ୍ପାଦକ ବଳଭଦ୍ର ପିଳେଇ, କୋଷାଧ୍ୟକ୍ଷ ସନ୍ତୋଷ ସୁନା, ଶ୍ରୀପତି ପାଙ୍ଗି, ଶ୍ରୀନିବାସ ପାତ୍ର, ସୁଦାମ ଦଳେଇ ପ୍ରମୁଖ ଡ୍ରାଇଭର ସଂଘ ନେତା ରହିଥିବା ବେଳେ କୋରୁକୋଣ୍ଡା ଠାରେ ବ୍ଲକ ସଭାପତି ସୁରେନ୍ଦ୍ର ଗାଛା, କୋଷାଧ୍ୟକ୍ଷ ଭୀମ, ହୃଷିକେଶ ପରିଡା, ଅର୍ଜୁନ ମାଣ୍ଡି, ମଙ୍ଗୁ ଜର୍ସିଙ୍ଗ, ଗଣେଶ ଭୂମିଆ, ନର୍ସିଙ୍ଗ ମାଣ୍ଡି, ଗୁରୁ ଦୋରା, ବାବୁ ଡାଲି ଓ କାହ୍ନୁ ହାଲବାଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ସମସ୍ତ ଡ୍ରାଇଭର ଉପସ୍ଥିତ ରହିଛନ୍ତି। ବିଜେଡି ନଗର ସଭାପତି ରାଜେନ୍ଦ୍ର କୁଳଦୀପ, ବାଲିମେଳା ପାୱାର ପ୍ରୋଜେକ୍ଟ ଏମ୍ପ୍ଲଇଜ ୟୁନିଅନ ସଭାପତି ପ୍ରବୀର କୁମାର ଦାସ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ଏହି ଡ୍ରାଇଭର ମହାସଂଘର ଆନ୍ଦୋଳନରେ ସାମିଲ ହୋଇ ସେମାନଙ୍କୁ ସହଯୋଗ କରିଥିଲେ।

**ତେନ୍ତୁଳିଖୁଣ୍ଟି :** ତେନ୍ତୁଳିଖୁଣ୍ଟି ବ୍ଲକ ଡ୍ରାଇଭର ସଙ୍ଘ ପକ୍ଷରୁ ଅଖଚକ ବନ୍ଦ ଡାକରା ଦିଆଯାଇଛି। ଏଣୁ ଯାତାୟତ ବ୍ୟାହତ ହୋଇଯାଇଥିବାରୁ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକର ସମସ୍ତ ଡ୍ରାଇଭର ଭାଇମାନେ ଆଜି ସକାଳୁ ନବରଙ୍ଗପୁର ଇନ୍ଦ୍ରାବତୀ ଓ ତେନ୍ତୁଳିଖୁଣ୍ଟିକୁ ସଂଯୋଗ କରୁଥିବା କୁର୍ମାକୋଟ ମୁଖ୍ୟ ଛକ ଠାରେ ଶାନ୍ତିପୂର୍ଣ ଭାବରେ ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଛି। ୭ଗୋଟି ଦାବି ନେଇ ଆନ୍ଦୋଳନ ଜାରି ରହିଛି ବୋଲି ସଦର ବ୍ଲକ ସଭାପତି ଘାସିରାମ ହରିଜନ କହିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ତେନ୍ତୁଳିଖୁଣ୍ଟି ଡ୍ରାଇଭର ମହାସଂଘ ପକ୍ଷରୁ ସୂଚନା ମିଳିଛି।

**ଡାବୁଗାଁ :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଚାରିଛକରେ ଓଡିଶା ଡ୍ରାଇଭର ମହାସଂଘ ତରଫରୁ ଷ୍ଟିୟରିଂ ଛାଡ ଆନ୍ଦୋଳନ ତଥା ଅନିର୍ଦ୍ଧିଷ୍ଟ କାଳ ଧର୍ମଘଟ ମଙ୍ଗଳବାର ଆରମ୍ଭ ହୋଇଛି। ଏଥିରେ ଡାବୁଗାଁ ବ୍ଲକର ସଦରମହକୁମା ସ୍ଥିତ ଚାରିଛକ ନିକଟରେ ଡାବୁଗାଁ ବ୍ଲକ ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି। ଏଥିରେ ବ୍ଲକ ସଂଘ ସଭାପତି ସନ୍ତୋଷ ଭତ୍ରା, ଉପ ସଭାପତି ପି. ଭୈରବ ରାଓ, ସମ୍ପାଦକ ଅକ୍ଷୟ କୁମାର ପାଢୀ, ଯୁଗ୍ମ ସମ୍ପାଦକ ତ୍ରିନାଥ ଷଡଙ୍ଗୀ, କୋଷାଧ୍ୟକ୍ଷ ଡମ୍ବରୁଧର ନାୟକ, ଉପଦେଷ୍ଟା ଉତ୍ତମ ପ୍ରଧାନ ଓ ୫୦ରୁ ଅଧିକ ଡ୍ରାଇଭର ଧାରଣାରେ ବସିଛନ୍ତି।

**ସେମିଳିଗୁଡା :** କୋରାପୁଟ ଜିଲ୍ଲାର ସେମିଳିଗୁଡା ଡ୍ରାଇଭର ସଂଘ୍ ଆନୁକୂଲ୍ୟରେ ମଧ୍ୟ ଡ୍ରାଇଭର ମାନେ ଆନ୍ଦୋଳନରେ ସାମିଲ ହେଇଥିଲେ।ନିଜ ସଂଘ କାର୍ଯ୍ୟାଳୟ ଠାରେ ଡ୍ରାଇଭରମାନେ ଆନ୍ଦୋଳନ କରି ସରକାର ତୁରନ୍ତ ଦାବି ପୂରଣ କରିବା ପାଇଁ ନିବେଦନ କରିଛନ୍ତି। ବେସରକାରୀ ବସ ଚଳାଚଳ କରୁ ନ ଥିବାରୁ ଜୟପୁରରୁ ଆସିବାକୁ ଥିବା ବସ ଗୁଡ଼ିକ ନ ଆସିବାରୁ ଯାତ୍ରୀମାନେ ସେମିଳିଗୁଡା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରି ବାଧ୍ୟ ହୋଇ ଅଧିକା ଖର୍ଚ୍ଚାନ୍ତ ହୋଇ ଅଟୋରେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ଦେଖିବାକୁ ମିଳିଥିଲା। ଡ୍ରାଇଭରଙ୍କ ଆନ୍ଦୋଳନକୁ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ ସମର୍ଥନ କରିଛନ୍ତି। ସରକାର ତୁରନ୍ତ ଦାବି ପୂରଣ କରିବା ପାଇଁ ଶ୍ରୀ ପାଙ୍ଗୀ ନିବେଦନ କରିଛନ୍ତି। ଡ୍ରାଇଭର ଷ୍ଟିଅରିଂ ଛାଡ଼ି ଆନ୍ଦୋଳନ ଜନଜୀବନ ଉପର ପ୍ରଭାବ ପକାଇଛି।

**ନନ୍ଦପୁର :** ନନ୍ଦପୁର ବ୍ଲକ୍‌ର ଡ୍ରାଇଭର ସଂଘ ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛି। ବ୍ଲକ ଶତାଧିକ ଡ୍ରାଇଭର ଗାଡ଼ି ଛାଡ଼ି ଆନ୍ଦୋଳନରେ ବସିଛନ୍ତି। ସରକାର ଡ୍ରାଇଭର ମହାସଂଘର ସାତ ଦଫା ଦାବି ନେଇ କୌଣସି ଆଲୋଚନା ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଉଛି। ସଭାପତି କେ ବିର ପ୍ରସାଦ ରାଜୁ, ଉପ ସଭାପତି ଗଙ୍ଗାଧର ପାଙ୍ଗି, ସମ୍ପାଦକ ସେକ ଆଲ୍ଲି, ଡମ୍ବୁରଧର ପିତାଇ, ରାଜୁ ନାୟକଙ୍କ ସମେତ ଶତାଧିକ ଡ୍ରାଇଭର ଏଥିରେ ସାମିଲ ହୋଇଥିଲେ।

**ପାପଡାହାଣ୍ଡି :** ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ବ୍ଲକ ସଦର ମହକୁମା ଠାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବ୍ଲକର ସମସ୍ତ ଡ୍ରାଇଭର ନିଜ ନିଜ କାମ ଛାଡି ଆନ୍ଦୋଳନକୁ ଓହ୍ଲାଇ ଥିବା ଦେଖିବାକୁ ମିଳିଛି। ଏହି ଦାବି ଗୁଡିକ ଯଦି ରାଜ୍ୟ ସରକାର ପୂରଣ ନ କରନ୍ତି ତେବେ ଆନ୍ଦୋଳନ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଙ୍ଘର କର୍ମକର୍ତା ଉପ ସଭାପତି ସୁବଜ କୁମାର ସୋଗୋରିଆ, ସଭାପତି ବଳରାମ ଜାନି, ପ୍ରେମଲାଲ ଭତରା, ଭାଷକର ଗୌଡ଼, ବିଷମ ହରିଜନ, ନରେଶ ସାହୁ, ବଳି ବାଘ, ହେମନ୍ତ ଭତରା, ନିହାର ରଞ୍ଜନ ବେନିଆ, ଅଭିମନ୍ୟ ସିଂ, ଡମ୍ବୁରୁ ଜାନି, ମାନସ ବାଘ, ଯସେଫ ବାଘ, ରାଜେଶ କୁମାର କନ୍ଧପାନ, ମନ ଭତରା, ରଞ୍ଜିତ ହରିଜନ, ସୁଶାନ୍ତ ସୁନା, ବାବୁଲା ହରିଜନ, ଡମ୍ବରୁଧର ଦଣ୍ଡସେନା, ପରମା ଜାନିଙ୍କ ସମେତ ଶତାଧିକ ଡ୍ରାଇଭର ସଂଘ କର୍ମକର୍ତ୍ତା କହିଛନ୍ତି।

**ଜୟପୁର :** ଡ୍ରାଇଭର ସଂଘର ଆନ୍ଦୋଳନ ଯୋଗୁଁ ଜୟପୁର ସମେତ କୋରାପୁଟ ଜିଲ୍ଲାରେ ଗମନାଗମନ ଏବଂ ପରିବହନ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି। ଫଳରେ ବସଯାତ୍ରୀ ମାନେ ନାନା ସମସ୍ୟାରେ ସମ୍ମୁଖିନ ହୋଇଥିବା ବେଳେ ସାମଗ୍ରୀ ପରିବହନ ହୋଇପାରୁନଥିବା ଯୋଗୁଁ ସମସ୍ୟା ସୃଷ୍ଟି ହୋଇଛି। ଏହିପରି ସ୍ଥାନୀୟ ଘରୋଇ ବସ ସେବା ସମ୍ପୁର୍ଣ୍ଣ ଠପ ହୋଇଯାଥିଲା। କୋରାପୁଟ ଜିଲ୍ଲା ସମେତ ପୋଡଶୀ ନବରଙ୍ଗପୁର, ମାଲକାନଗିରି, ରାୟଗଡା ଜିଲ୍ଲାକୁ ଯାତାୟାତ ସମସ୍ୟା ସୃଷ୍ଟି ହୋଇଥିଲା। ଏହିପରି ଯାତ୍ରୀ ମାନେ ଜୟପୁର ବସଷ୍ଟାଣ୍ଡ ଅପେକ୍ଷା କରିବା ସହିତ ହଇରାଣ ହୋଇଥିଲେ । ସ୍ଥାନୀୟ ବସସେବା ବ୍ୟାହତ ଯୋଗୁଁ ମହାବିଦ୍ୟାଳୟ ଓ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀ ଉପସ୍ଥାନ କମ୍ ରହିଥିଲା। ଅନ୍ୟ ପକ୍ଷରେ ସ୍ଥାନୀୟ ଟ୍ରକ, ଟେକ୍ସି, ପିକଅପ ଭ୍ୟାନ ଚାଳକ ମାନେ ଆନ୍ଦୋଳନକୁ ସମର୍ଥନ କରିବା ସହିତ କାର୍ଯ୍ୟବନ୍ଦ କରିବା ସହ ଧାରଣାରେ ସାମିଲ ହୋଇଥିଲେ। ଫଳରେ ସାମଗ୍ରୀ ପରିବହନ ସେବା ମଧ୍ୟ ଠପ୍ ହୋଇଯାଇଥିଲା। କିନ୍ତୁ ଆନ୍ତଃରାଜ୍ୟ ଟ୍ରକ୍ ଚଳଚାଳ ଜାରି ରହିଥିଲା। ମାଲବାହୀ ଟ୍ରେନ୍ ଯୋଗେ ଖରିଫ ଚାଷ ପାଇଁ ୟୁରିଆ ସାର ଆସିଥିଲେ ସୁଦ୍ଧା ଟ୍ରକ୍, ମିନିଟ୍ରକ୍, ପିକଅପ ଭ୍ୟାନ ଦ୍ୱାରା ପରିବହନ ସେବା ଠପ୍ ହୋଇଯାଇଥିବା ଯୋଗୁଁ ସାର ଓହ୍ଲାଇ ପାରିନଥିଲା। ଫଳରେ ଚାଷୀ ମାନେ ସାର ନ ପାଇଁ ହନ୍ତସନ୍ତ ହେବାର ସମ୍ଭାବନା ଦେଖାଦେଇଛି। କିନ୍ତୁ ସଂଧ୍ୟାରେ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ପଡୋଶୀ ରାଜ୍ୟ ରାୟପୁର, ବିଶାଖପାଟଣା, ହାଇଦ୍ରାବାଦ ଦୂରଗାମୀ ବସ୍‌ସେବା ଆରମ୍ଭ ହୋଇଥିଲା। ଏହିପରି ଯାତ୍ରୀମାନେ ଆଶ୍ୱସ୍ତ ହୋଇ ଯାତ୍ରା କରିଥିଲେ । ସ୍ଥାନୀୟ ଢେପଗୁଡା ଠାରେ ମିଳିତ ଡ୍ରାଇଭର ସଂଘର କର୍ମକର୍ତ୍ତା ଓ ସଦସ୍ୟ ମାନେ ଧାରଣା ଦେଇଥିଲେ। ଏଥିରେ ଟ୍ରକ୍, ବସ, ମିନି ଟ୍ରକ, ଟ୍ୟାକ୍ସି, ଅଟୋ ଚାଳକ ଏବଂ ମଟର କର୍ମଚାରୀ ସଂଘର ସମର୍ଥନରେ ଆନ୍ଦୋଳନ ଜାରୀ ରହିଥିଲା।


ସେମିଳିଗୁଡା


ନନ୍ଦପୁର


ପାପଡ଼ାହାଣ୍ଡି






୭ଦଫା ଦାବି ନେଇ ଡ୍ରାଇଭର ସଂଘର ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ: ଭୁବନେଶ୍ୱର ଅନ୍ତରାଜ୍ୟ ବସ୍‌ଷ୍ଟାଣ୍ଡରେ ଅଟକି ରହିଛି ବସ୍, ଯାତ୍ରୀ ହନ୍ତସନ୍ତ

# ପୁଣି ଡରାଇଲାଣି ସୁବର୍ଣ୍ଣରେଖା

**ଭୋଗରାଇ, ୮।୭ (ସମିସ):** ସପ୍ତାହକ ମଧ୍ୟରେ ସୁବର୍ଣ୍ଣରେଖାରେ ଦୁଇଦୁଇଟି ବନ୍ୟା ସ୍ଥାନୀୟ ଲୋକଙ୍କ ଜୀବନଜୀବିକାକୁ ବ୍ୟାପକ ପ୍ରଭାବିତ କରିଛି। ବନ୍ୟାପାଣିରେ ଭାସି ଦୁଇଜଣଙ୍କ ଜୀବନ ଯାଇଥିବା ବେଳେ ପରିବା ଚାଷ ସମେତ ନୂତନ ଭାବେ ପଡ଼ିଥିବା ଧାନ ତଳି ପଚି ନଷ୍ଟ ହେବାକୁ ବସିଲାଣି। ଏବେ ବି ବହୁ ପଞ୍ଚାୟତ ପାଣିଘେରରେ ରହିଛି। କିନ୍ତୁ, ଏପରି ସ୍ଥିତିରେ ପୁଣି ସୁବର୍ଣ୍ଣରେଖା ଲୋକଙ୍କୁ

## ଫୁଲୁଛି ବୁଢ଼ାବଳଙ୍ଗ

ଡରାଇଲାଣି। ଲଗାଣ ବର୍ଷା ଯୋଗୁଁ ପୁଣି ସୁବର୍ଣ୍ଣରେଖାର ଜଳସ୍ତର ବଢ଼ିବାରେ ଲାଗିଛି। ତେଣୁ ତୃତୀୟ ବନ୍ୟା ଆସିବା ଆଶଙ୍କାରେ ଲୋକେ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏବେ ବି କୁମ୍ଭୀରଗଡ଼ି, ଆରୁଆବୃତ୍ତି, ଗବଗାଁ, କୁସୁଡ଼ା, କତୁଆଡ଼ି, କୁଳିଦା, ଦାମୁଣଦା, ଆଦି ପଞ୍ଚାୟତର କିଛି ଗ୍ରାମର ରାସ୍ତା ଉପରେ ଦୁଇ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି। ତେଣୁ, ତୃତୀୟଥର ବନ୍ୟା ଆସିଲେ, ଅବସ୍ଥା ସଂକଟାପନ୍ନ ହେବ ବୋଲି ପଞ୍ଚାୟତବାସୀମାନେ କହିଛନ୍ତି।

ଅପରପକ୍ଷେ, ବନ୍ୟାଜଳ ଛାଡ଼ି ଯାଇଥିବା କିଛି ଗାଁଗୁଡ଼ିକରେ ଏବେ ଡାଇରିଆ ଧୀରେଧୀରେ କାୟା ମେଲାଉଛି। ଲୋକଙ୍କୁ



ଉପଯୁକ୍ତ ପିଇବା ପାଣି ମିଳୁନଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ବହୁ ସ୍ଥାନରେ ଆଶାକର୍ମୀମାନେ ଗାଁ ଗାଁରେ ଓଆରଏସ୍ ସହ ବିଭିନ୍ନ ଔଷଧ ବାଣ୍ଟୁଛନ୍ତି। ଆରୁଆବୃତ୍ତି ପଞ୍ଚାୟତର ଜଣେ ଆଶାକର୍ମୀ ଔଷଧ ବାଣ୍ଟି ଘରକୁ ଫେରିବା ପରେ ଅସୁସ୍ଥ ହୋଇ କଟକ ବଡ଼ ଡାକ୍ତରଖାନାରେ ପ୍ରାଣ ହରାଇଥିବା ଦେଖିବାକୁ ମିଳିଛି।

ଅପରପକ୍ଷେ, ଗତ ୩ଦିନ ଧରି ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ସଦର ବ୍ଲକର ବିଭିନ୍ନ ପଞ୍ଚାୟତର ପାଖାପାଖି ୧୦ହଜାର ଲୋକେ ପ୍ରଭାବିତ ହେବାର ଆଶଙ୍କା ରହିଛି। ବୁଢ଼ାବଳଙ୍ଗ ନଦୀର ସତର୍କ ସଙ୍କେତ ୭.୨୧ମି ଥିବା ବେଳେ ବିପଦ ସଙ୍କେତ ୮.୧୩ମି ରହିଛି। ଆଜି ଅପରାହ୍ଣ ୫ଟା ସୁଦ୍ଧା ନଦୀର ଜଳସ୍ତର ୪.୭୦ମିଟରରେ ପାଣି ପ୍ରବାହିତ ହେଉଛି। ବନ୍ୟା ହେଲେ ପରିଖୀ, ନଗ୍ରମ, ଆଲୁମିଦା, ସାର୍ଥା, ଗୋପୀନାଥପୁର, ବୁଆଁଳ, ସିନ୍ଧିଆ, ବଇଁଚା ଆଦି ବିଭିନ୍ନ ପଞ୍ଚାୟତ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି।

### ୧୪ରୁ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଡାକରା

# ଆଲୋଚନା ପାଇଁ ଡାକିଲେ ସରକାର

**ଭୁବନେଶ୍ୱର,୮।୭(ସମିସ):** ୧୦ ଟି ପ୍ରମୁଖ ଦାବି ନେଇ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟରତ ଥିବା ଓଡ଼ିଶା ରାଜସ୍ୱ ଅମଲା ସଂଘକୁ ଆଲୋଚନା ପାଇଁ ଡାକିଛନ୍ତି ରାଜ୍ୟ ସରକାର। ବୁଧବାର ସନ୍ଧ୍ୟାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓଡ଼ିଶା ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବେ ବୋଲି ନିଷ୍ପତ୍ତି ହୋଇଛି। ରାଜସ୍ୱ ଅମଲା ସଂଘ ପକ୍ଷରୁ ବାରମ୍ବାର ଏହି ଦାବି ପୂରଣ ପାଇଁ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରି ନଥିଲେ। ଏଥିପାଇଁ ଗତ ୭ତାରିଖଠାରୁ ରାଜ୍ୟର ରାଜସ୍ୱ ଅମଲା ସଂଘର ସଦସ୍ୟ/ସଦସ୍ୟାମାନେ କଳାବ୍ୟାଜ୍ ପିନ୍ଧି କାମ କରୁଥିବା ବେଳେ ଆସନ୍ତା ୧୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ସଂଘର ଏହି ଆନ୍ଦୋଳନ ଡକାରା ପରେ ସରକାର ତାଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି।

ସଂଘ ପକ୍ଷରୁ ରଖାଯାଇଥିବା ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ମନ୍ତ୍ରିସ୍ତରୀୟ କର୍ମଚାରୀଙ୍କ ପ୍ରାରମ୍ଭିକ ଦରମା ସ୍ତର-୯କୁ ବୃଦ୍ଧି କରାଯିବାକୁ କୁହାଯାଇଛି। ଏହା ଜିଏ ବିଭାଗର ପତ୍ର ସଂଖ୍ୟା ୮୮୯୮ ଏବଂ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ, ନୂତନ ପଦବୀ ସୃଷ୍ଟି କରି ସେହି ଅନୁଯାୟୀ କ୍ୟାଡର ପୁନର୍ଗଠନ କରିବାକୁ ଦାବି ହୋଇଛି।

ଏହାସହ ଓଡ଼ିଶାର ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ୨୦୨୦ ରେ କାର୍ଯ୍ୟକାରୀ ହୋଇଥିବା ପୁନର୍ବାସ ଯୋଜନାର ନିୟମଗୁଡ଼ିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ସଦସ୍ୟଙ୍କୁ ୧୯୯୦ରେ କାର୍ଯ୍ୟକାରୀ ହୋଇଥିବା ନିୟମ ଅନୁଯାୟୀ ଯୋଗ୍ୟତା ଆଧାରରେ ନିଯୁକ୍ତି ଦେବାକୁ ଦାବି ହୋଇଛି। ଜିଲ୍ଲା କ୍ୟାଡର ରାଜସ୍ୱ କର୍ମଚାରୀଙ୍କୁ ଓଡ଼ିଶା ରାଜସ୍ୱ ସେବାରେ ଶତପ୍ରତିଶତ ପଦୋନ୍ନତି ଦିଆଯିବା ସହ ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି।

ଏହାବ୍ୟତୀତ ପିରାମିଡିକାଲ ପ୍ରମୋସନାଲ୍ ଢାଞ୍ଚା ବଜାୟ ରଖିବା ପାଇଁ ଜୁନିଅର ସହାୟକରୁ ସିନିୟର ସହାୟକଙ୍କ ପଦୋନ୍ନତି ପାଇଁ ଆବଶ୍ୟକ ଅବଧି ୪ବର୍ଷ ପର୍ଯ୍ୟନ୍ତ ସ୍ଥିର କରିବାକୁ ଦାବି ପତ୍ରରେ ଦର୍ଶାଯାଇଛି। ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ମନ୍ତ୍ରିସ୍ତରୀୟ କର୍ମଚାରୀଙ୍କ ୟୁଜର-ଆଇଡି ବିଭିନ୍ନ ରାଜସ୍ୱ ମାମଲା ସମାଧାନ କରିବା ପାଇଁ ସୃଷ୍ଟି କରିବାକୁ କୁହାଯାଇଛି। ନୂତନ ଭାବେ ନିଯୁକ୍ତି ପାଇଥିବା ଜିଲ୍ଲା ରାଜସ୍ୱ ମନ୍ତ୍ରିସ୍ତରୀୟ କର୍ମଚାରୀଙ୍କ ପାଇଁ ପ୍ରେରଣା ତାଲିମ ବ୍ୟବସ୍ଥା କରିବାକୁ କୁହାଯାଇଛି।

# ପୁଣି ଏକ ମାଓ କ୍ୟାମ୍ପ ଠାବ

**ନୂଆପଡ଼ା, ୮।୭ (ସମିସ):** ୨୦୨୬ ସୁଦ୍ଧା ମାଓବାଦୀଙ୍କୁ ମୂଳପୋଛ କରିବାକୁ ସରକାର ସଂକଳ୍ପ ନେଇଛନ୍ତି। ହେଲେ ନୂଆପଡ଼ା ଜିଲ୍ଲାରେ ମାଓବାଦୀ-ପୁଲିସ ଲୁଚକାଳି ଖେଳ ଶେଷ ହେବାର ନାଁ ନେଉନାହିଁ। ବର୍ଷକରେ ନୂଆପଡ଼ା ପୁଲିସ ବାରମ୍ବାର ମାଓବାଦୀ କ୍ୟାମ୍ପ ଠାବ କରୁଥିବା ବେଳେ ମାଓବାଦୀମାନେ ସହଜରେ ଖସି ଯାଉଛନ୍ତି। ସୋମବାର ମଧ୍ୟ ନୂଆପଡ଼ା ପୁଲିସ ସିନାପାଲି ଥାନା ଝାରବନ୍ଧ ପଞ୍ଚାୟତ ତଥା ଛତିଶଗଡ଼ ସୀମାନ୍ତର ନାରାୟଣ ଡୁଙ୍ଗରି ସଂରକ୍ଷିତ ଜଙ୍ଗଲରୁ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛି। ସେଠାରୁ ବହୁ ପରିମାଣର ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ନୂଆପଡ଼ା ଏସ୍‌ପି ଜି. ଆର. ରାଘବେନ୍ଦ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଛତିଶଗଡ଼ରେ ମାଓ ଦମନ ପାଇଁ ଜୋରଦାର କମ୍ବିଂ ଅପରେସନ୍ ଚାଲୁଥିବାରୁ ଜୀବନ ବଞ୍ଚାଇବା ପାଇଁ ମାଓବାଦୀମାନେ ଓଡ଼ିଶାମୁହାଁ ହେଉଛନ୍ତି। ଗୁଇନ୍ଦା ସୂତ୍ରରୁ ଏହି ଖବର ପାଇ ସୁରକ୍ଷା ବାହିନୀ ସିନାପାଲି ଥାନା ଝାରବନ୍ଧ ଗାଁ ନିକଟସ୍ଥ ଛତିଶଗଡ଼ ସୀମାନ୍ତ ନାରାୟଣଡୁଙ୍ଗରି ସଂରକ୍ଷିତ ଜଙ୍ଗଲରେ କମ୍ବିଂ ଅପରେସନ୍ କରିଥିଲେ। ଯବାନମାନଙ୍କୁ ଦେଖି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ। ସେହି ସମୟରେ ଯବାନମାନେ ଏକ ମାଓ କ୍ୟାମ୍ପ ଠାବ କରିବା ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ଟିଫିନ୍ ବୋମା, ୨୦ଟି ଜିଲୋଟିନ ବାଡ଼ି, ଇଲେକ୍ଟ୍ରିକାଲ ଡିଟୋନେଟର୍, ପଲିଥିନ୍ ସହ ଅନ୍ୟାନ୍ୟ ସାମଗ୍ରୀ ରହିଛି।



**ସହଜରେ ଖସି ଯାଉଛନ୍ତି ମାଓବାଦୀ**

# ୪ ମାଓବାଦୀ ଗିରଫ



**ମାଲକାନଗିରି, ୮।୭(ସମିସ):** ଆଇଡି ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଚାରି ଜଣ ମାଓବାଦୀଙ୍କୁ ଗିରଫ କରିଛି ଛତିଶଗଡ଼ର ନାରାୟଣପୁର ଜିଲ୍ଲା ପୁଲିସ। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲା କୋହକମେଟା ଥାନା ଅଞ୍ଚଳରେ ତଲାସି ଅଭିଯାନ ବେଳେ ୪ଜଣ ମାଓବାଦୀଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। କୋହକାମେଟା ଥାନା ଅଧୀନରେ କୁତୁଲ ଗ୍ରାମ ରାସ୍ତା ପାର୍ଶ୍ୱରେ ବିଗତ ଦିନରେ ଏକ ଆଇଡି ବୋମା ବିସ୍ଫୋରଣ ଘଟଣାରେ ଏହି ମାଓବାଦୀମାନେ ସାମିଲ ଥିଲେ। ଏହି ବିସ୍ଫୋରଣରେ ଟ୍ରକ୍ ଚାଳକ ସନ୍ତୋଷ ପୋୟାମ ଗୁରୁତର ହୋଇଥିଲେ। ଗିରଫ ମାଓବାଦୀମାନେ ହେଲେ ଲଚ୍ଛୁରାମ, ଲାଲୀ ମଲେଶ, କୋସା ଅନିଲ ଓ ଦୀନେଶ। ସେହିପରି, ଗତ ଜୁନ୍ ୯ରେ ଏକ ଆଇଡି ବୋମା ବିସ୍ଫୋରଣରେ ଅତିରିକ୍ତ ଏସ୍‌ପି ଆକାଶ ଗିରପୁଞ୍ଜେ ସହିଦ ଘଟଣାର ମାଷ୍ଟରମାଇଣ୍ଡ ମାଓବାଦୀ ସୋଡି ଗଙ୍ଗାକୁ ଗିରଫ କରାଯାଇଛି। ସେ ମାଓ ସଙ୍ଗଠନର ଆରପିସି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲା।

# ଆଇଇଡି ବିସ୍ଫୋରଣରେ ଦୁଇ ଯବାନ ଗୁରୁତର

**ମାଲକାନଗିରି, ୮।୭(ସମିସ):** ମାଓବାଦୀଙ୍କ ଆଇଇଡି ବୋମା ବିସ୍ଫୋରଣରେ ଦୁଇ ଯବାନ ଗୁରୁତର ହୋଇଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବାସାଗୁଡ଼ା ଜଙ୍ଗଲରେ ଏହି ଘଟଣା ଘଟିଛି। ଘଟଣାସ୍ଥଳରେ ପୁଲିସ୍ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ସୂଚନାନୁଯାୟୀ, ଛତିଶଗଡ଼ ବିଜାପୁର ଜିଲ୍ଲାର ବାସାଗୁଡ଼ା ଜଙ୍ଗଲର ମୁରୁଦଣ୍ଡ ଓ ତିମାପୁର ମଧ୍ୟ ଅଞ୍ଚଳରେ ମାଓ ଦମନ ନିମନ୍ତେ ସିଆରପିଏଫର ଯବାନ ଓ ପୁଲିସ ପକ୍ଷରୁ ତଲାସି ଅଭିଯାନ ଜାରିଥିବା ବେଳେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ଏହି ସମୟରେ ମାଓବାଦୀମାନେ ଏକ ଆଇଡି ବୋମା ବିସ୍ଫୋରଣ କରିବାରୁ ଏଥିରେ ଦୁଇଜଣ ସିଆରପିଏଫ ଯବାନ ଆହତ ହୋଇଛନ୍ତି। ଗୁଳି ବିନିମୟରେ କିଛି ମାଓବାଦୀ ନିହତ ହୋଇଥିବା ନେଇ ସୂଚନା ମିଳିଛି। ଆହତ ଯବାନଦ୍ୱୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିଆଯାଇଛି। ଖବର ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ବର୍ତ୍ତମାନ ମଧ୍ୟ ଗୁଳିବିନିମୟ ଜାରି ରହିଛି। ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳି ପାରିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଅରବିନ୍ଦ ଦାସ ପ୍ରଦେଶ କଂଗ୍ରେସ ମିଡିଆ ବିଭାଗର ନୂତନ ଅଧ୍ୟକ୍ଷ

**ଭୁବନେଶ୍ୱର, ୮।୭ (ସମିସ):** ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ, ଯୋଗାଯୋଗ ଏବଂ ପ୍ରଚାର ବିଭାଗର ନୂତନ ଅଧ୍ୟକ୍ଷ ଭାବରେ ଅରବିନ୍ଦ ଦାସଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ନିଯୁକ୍ତି ପାଇଁ ଏଆଇସିସି ସଭାପତି ଶ୍ରୀ ଖଡଗେ, ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପ୍ରମୁଖଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। କଲେଜ ଜୀବନରେ ଛାତ୍ର ନେତା ଥିବା ଶ୍ରୀ ଦାସ ବଲାଙ୍ଗିର ରାଜେନ୍ଦ୍ର କଲେଜ ଛାତ୍ର ସଂସଦର ସାଧାରଣ ସଂପାଦକ ନିର୍ବାଚିତ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍‌ଏ ପାସ କରିବା ପରେ ରାଜେନ୍ଦ୍ର କଲେଜରେ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଅଧ୍ୟାପନା କରିଥିଲେ। ପରବର୍ତ୍ତୀ ସମୟରେ ସେ ଛାପା ଗଣମାଧ୍ୟମରେ ୨୭ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ।



# ମହରମ ଶୋଭାଯାତ୍ରାରେ ଆମ୍ବୁଲାନ୍ସ ଭଙ୍ଗାରୁଜା

### ବାପା-ମା' ସମେତ ୨ ଶିଶୁ ଆହତ, ୫ ଅଟକ

**ବାଲେଶ୍ୱର,୮।୭(ସମିସ):** ମହରମ ଶୋଭାଯାତ୍ରା ବେଳେ ଆମ୍ବୁଲାନ୍ସ ଭଙ୍ଗାରୁଜା। ବାଲେଶ୍ୱର ଜିଲ୍ଲା ରେମୁଣା ବଜାର ହାତୀଆଗଣ୍ଡ ଛକ ନିକଟରେ ଗତ ରବିବାର ଏହି ଘଟଣା ଘଟିଛି। ଏଥିରେ ଆମ୍ବୁଲାନ୍ସରେ ମେଡିକାଲ ଯାଉଥିବା ଏକ ଦମ୍ପତିଙ୍କ ସମେତ ତାଙ୍କର ୨ଶିଶୁ ଆହତ ହୋଇଛନ୍ତି। ଏ ସଂପର୍କରେ ସୋମବାର ରେମୁଣା ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ୫ଜଣଙ୍କୁ ଅଟକ ରଖିଛି।

ସୂଚନାନୁଯାୟୀ, ରେମୁଣା ଥାନା ଅଧୀନ ରସଲପୁରର ରଶ୍ମିରଂଜନ ସାହୁ ଓ ଉର୍ମିଳାଙ୍କ ୩ ବର୍ଷର ପୁଅ ଓ ଅଢ଼େଇ ବର୍ଷର ଝିଅ ପ୍ରବଳ ଜ୍ୱରରେ ଆକ୍ରାନ୍ତ ଥିଲେ। ଦୁହିଁଙ୍କ ଅବସ୍ଥା ବିଗିଡ଼ିବାରୁ ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ୧୦୮ ଆମ୍ବୁଲାନ୍ସରେ ସେମାନେ ହସ୍ପିଟାଲକୁ ନେଇ ଯାଉଥିଲେ। ଏହି ସମୟରେ ରେମୁଣା ବଜାର ହାତୀଆଗଣ୍ଡ ଛକ ନିକଟରେ ମହରମ୍ ଶୋଭାଯାତ୍ରା ଚାଲିଥିଲା। ଶୋଭଯାତ୍ରାରେ ସାମିଲ ଥିବା ଲୋକଙ୍କ ମଧ୍ୟରୁ ୧୦ରୁ ୧୫ଜଣ ଆମ୍ବୁଲାନ୍ସ ଭଙ୍ଗାରୁଜା କରିଥିଲେ। ଜୋରରେ ସାଇରନ ବଜାଇ କାହିଁକି ବାରମ୍ବାର ଯିବାଆସିବା କରୁଛୁ କହିବା ସହ ଡ୍ରାଇଭରକୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏହାସହ ଚାଳକଙ୍କ ସହଯୋଗୀକୁ ବାହାରକୁ ଟାଣି ଆଣି ପିଟିଥିଲେ। ଗାଡ଼ିର ପଛପଟ କାଚକୁ ଠେଙ୍ଗାରେ ପିଟି ଭାଙ୍ଗି ଦେବାରୁ ଗାଡ଼ି ଭିତରେ ବସିଥିବା ୨ ଶିଶୁ ଓ ବାପା ମା' କାଚ ବାଜି ଲହୁଲୁହାଣ ହୋଇଥିବା ଜଣାପଡ଼ିଛି। ତେବେ, ପ୍ରାୟ ଅଧ ଘଣ୍ଟା ଧରି ଅଟକିବା ପରେ ଆମ୍ବୁଲାନ୍ସ ଘଟଣାସ୍ଥଳରୁ ଯାଇଥିଲା। ଏନେଇ ସୋମବାର ସନ୍ଧ୍ୟାରେ ଆମ୍ବୁଲାନ୍ସ ଚାଳକ ରେମୁଣା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ସାପକାମୁଡ଼ାରେ ଜଣେ ମୃତ

**ବୌଦ୍ଧ, ୮।୭ (ସମିସ):** ବୌଦ୍ଧ ବ୍ଲକ୍ ଆମ୍ବଝରୀ ପଞ୍ଚାୟତ ପାବୁଲିପଡ଼ା ଗ୍ରାମରେ ସାପକାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଶ୍ରଦ୍ଧାକର କହଁର (୫୫)। ମଙ୍ଗଳବାର ଭୋର୍ ୫ଟାରେ ଶ୍ରଦ୍ଧାକର ଘରେ ଶୋଇଥିବା ବେଳେ କୌଣସି ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାରଲୋକେ ତାଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୌଦ୍ଧ ଥାନା ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଦୁର୍ଗମ ଅଞ୍ଚଳରେ ପୁଣି ଜନନୀ ଯନ୍ତ୍ରଣାର ବିକଳ ଚିତ୍ର

# ଖଟିଆରେ ବୁହାହେଲେ ଗର୍ଭବତୀ

**ଥୁଆମୂଳ ରାମପୁର,୮।୭(ସମିସ):** ଦୁର୍ଗମ ଅଞ୍ଚଳବାସୀଙ୍କୁ ରାସ୍ତା ପାଇଁ ଆଜି ବି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ସ୍ୱାସ୍ଥ୍ୟସେବା ଭଳି ଜରୁରୀକାଳୀନ ପରିସ୍ଥିତିରେ ସମସ୍ୟା ସାଂଘାତିକ ହୋଇପଡୁଛି। ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଯନ୍ତ୍ରଣାରେ ଛଟପଟ ରୋଗୀ ତଥା ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୁହା ହେଉଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଞ୍ଚାୟତ ଅଧୀନ ବାର୍ଷିକୋଣା ଗାଁରେ ଆଜି ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗାଁର ମହେନ୍ଦ୍ର ମାଝୀଙ୍କ ସ୍ତ୍ରୀ ରଞ୍ଜିତା (୨୨) ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ସହ ଯୋଗାଯୋଗ କରାଯାଇଥିଲା। ସୂଚନା ପରେ ଆମ୍ବୁଲାନ୍ସ ଆସି ଅଧବାଟର ଇନ୍ଦ୍ରାବତୀ କେନାଲ ରାସ୍ତାରେ ଅଟକି ଅପେକ୍ଷା କରିଥିଲା। ରାସ୍ତା ଠିକ୍ ନ ଥିବା ଯୋଗୁଁ ଆଗକୁ ବଢ଼ିପାରିନଥିଲା। ଗ୍ରାମବାସୀଙ୍କ ସହଯୋଗରେ ରଞ୍ଜିତାଙ୍କୁ ଖଟିଆରେ ବୁହାହୋଇ ପ୍ରାୟ ୨କିଲୋମିଟର ଦୂରରେ ଅଟକି ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡିଥିଲା। କଲମପୁର ଡାକ୍ତରଖାନାରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ମା' ଝିଅ ସୁସ୍ଥ ଥିବା ଜଣାପଡ଼ିଛି।



### ଉସ୍ତପଲ୍ଲୀରେ ଝାଡ଼ାବାନ୍ତି ଘଟଣା

# ଆଉ ୨ ଆକ୍ରାନ୍ତ ଏମ୍‌କେସିଜିରେ ଭର୍ତ୍ତି

**ବ୍ରହ୍ମପୁର, ୮।୭(ସମିସ):** ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ସହଦେବ ଟିକରପଡ଼ା ପଞ୍ଚାୟତ ଅଧୀନ ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତି କାୟା ମେଲାଇବାରେ ଲାଗିଛି। ପୂର୍ବରୁ ଗ୍ରାମର ୯ଜଣ ଆକ୍ରାନ୍ତ ହୋଇଥିବା ବେଳେ ମଙ୍ଗଳବାର ଆଉ ୨ଜଣ ଆକ୍ରାନ୍ତ ହୋଇଛନ୍ତି। ଦୁହିଁଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ସୋମବାର ଡାକ୍ତରଖାନାର ଡାଇରିଆ ୱାର୍ଡରେ ମୋଟ ୭ଜଣ ରୋଗୀ ଥିବା ବେଳେ ମଙ୍ଗଳବାର ଉକ୍ତ ଗ୍ରାମର ୩ ବର୍ଷର ଜଣେ ଶିଶୁଙ୍କ ସହ ଅନ୍ୟ ଜଣେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।

**ଆକ୍ରାନ୍ତଙ୍କ ସଂଖ୍ୟା ୧୧କୁ ବୃଦ୍ଧି**

### ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଦାବି

# ଦିଗପହଣ୍ଡିରେ ନିୟନ୍ତ୍ରଣକୁ ଆସୁଛି ଡାଇରିଆ

**ଭୁବନେଶ୍ୱର, ୮।୭ (ସମିସ):** ରବିବାରଠାରୁ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକର ଉସ୍ତପଲ୍ଲୀ ଗ୍ରାମରେ ଦେଖାଦେଇଥିବା ଡାଇରିଆ ରୋଗ ଏବେ ନିୟନ୍ତ୍ରଣାଧୀନ ରହିଛି। ଏହା ସଂକ୍ରମଣ ରୂପ ନେବା ପୂର୍ବରୁ ବ୍ୟାପକ ସଚେତନତା ଅଭିଯାନ, ଘରକୁ ଘର ନିରୀକ୍ଷଣ ଆଦି କରାଯାଇଥିଲା। ଫଳରେ ସ୍ଥିତିରେ ସୁଧାର ଆସିପାରିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ଆଜି ଅପରାହ୍ଣ ସୁଦ୍ଧା ଉସ୍ତପଲ୍ଲୀ ଗ୍ରାମରେ ସମୁଦାୟ ୧୧ ଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ସେହି ଗ୍ରାମରୁ କୌଣସି ନୂଆ ରୋଗୀ ହସ୍ପିଟାଲ ଆସିନାହାନ୍ତି। ସଂକ୍ରମିତ ୧୧ଜଣଙ୍କ ମଧ୍ୟରୁ ଦୁଇଦିନ ଭିତରେ ୬ଜଣଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଥିଲା। ଅବଶିଷ୍ଟ ୫ଜଣଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଆଜି ଅପରାହ୍ଣ ସୁଦ୍ଧା ଏମ୍‌କେସିଜିରୁ ୫ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜଣେ ୫ବର୍ଷର ଶିଶୁଙ୍କର ଶ୍ୱାସ ସମ୍ବନ୍ଧିତ ଅସୁବିଧା ଥିବାରୁ ତାଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଦିଆଯାଉଛି। ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ସମସ୍ତ ୫ ଜଣ ରୋଗୀଙ୍କୁ ଆରୋଗ୍ୟ ଲାଭ ପରେ ଡିସ୍‌ଚାର୍ଜ କରାଯାଇଛି। ଶ୍ରୀ ମିଶ୍ର ଆହୁରି କହିଛନ୍ତି, ଡାଇରିଆରେ ୨ ଜଣଙ୍କର ମୃତ୍ୟୁ ନେଇ ହୋଇଥିବା ଅଭିଯୋଗର ପ୍ରାଥମିକ ତଦନ୍ତ ପରେ ତାହା ଡାଇରିଆଜନିତ ମୃତ୍ୟୁ ନୁହେଁ ବୋଲି ସ୍ପଷ୍ଟ ହୋଇଛି।

**ଜାରି ରହିଛି ସଚେତନତା ଓ ବିଶୋଧନ କାର୍ଯ୍ୟ**

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଅପ୍ରିୟ ସତ କହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବନି। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପୁରୁଣା ନିବେଶରୁ ଲାଭ ମିଳିବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ


- ୧୮୭୫- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ।
- ୧୯୫୧- ଭାରତରେ ପଞ୍ଚବାର୍ଷିକ ଯୋଜନାର ଆରମ୍ଭ ହେଲା।
- ୧୯୫୩- ପ୍ରଥମ ହେଲିକପ୍ଟର ଯାତ୍ରୀ ସେବା ନ୍ୟୁୟର୍କରେ ଆରମ୍ଭ ହେଲା।
- ୧୯୭୨- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।
- ୧୯୯୧- ଦକ୍ଷିଣ ଆଫ୍ରିକାକୁ ଅଲମ୍ପିକ୍ ଖେଳରେ ଅଂଶ ଗ୍ରହଣ ପାଇଁ ପୁଣି ଥରେ ଅନୁମତି ମିଳିଲା।
- ୨୦୦୨-'ଅର୍ଗାନାଇଜେସନ୍ ଅଫ୍ ଆଫ୍ରିକାନ୍ ୟୁନିଟି'ର ନାମ ବଦଳାଇ 'ଆଫ୍ରିକାନ୍ ୟୁନିଅନ୍' ରଖାଗଲା।



# 'ରାମାୟଣ' ରଣବୀର ନେବେ ୧୫୦ କୋଟି

ନୀତେଶ ତିୱାରିଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ରାମାୟଣ'ର ଟିଜର୍ ଜାରି ହେବା ପରେ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ବିଶେଷକରି ଏହାର ସଙ୍ଗୀତ ଓ ଉଚ୍ଚ କୋଟୀର ଭିଏଫ୍‌ଏକ୍ସ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଦର୍ଶକେ ଏବେ ଏହାର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଭାରତୀୟ ସିନେମା ଇତିହାସରେ ଏହାକୁ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏହାର ଦୁଇଟି ପାର୍ଟର ନିର୍ମାଣରେ ପାଖାପାଖି ୧୬୦୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ ବୋଲି ଅନୁମାନ କରାଯାଉଛି। ଏହାର ପ୍ରଥମ ପାର୍ଟ ପାଇଁ ୯୦୦ କୋଟି ଓ ଦ୍ୱିତୀୟ ପାର୍ଟ ପାଇଁ ୭୦୦ କୋଟି ଖର୍ଚ୍ଚ କରାଯିବ। ତେବେ ଏହାର ଦ୍ୱିତୀୟ ପାର୍ଟରେ କମ୍ ଖର୍ଚ୍ଚ ହେବାର କାରଣ ହେଉଛି ପ୍ରଥମ ପାର୍ଟରେ ଯେଉଁ ଜିନିଷ ଓ ସେଟ୍ ବ୍ୟବହାର କରାଯାଇଛି ଏହାର ଦ୍ୱିତୀୟ ପାର୍ଟରେ ବି କାମ ଦେବ। ସେହିଭଳି ଏହି ଫିଲ୍ମର ବଜେଟ୍ ବଢ଼ିଯିବାର କାରଣ ଏହାର କଳାକାରମାନେ ମଧ୍ୟ ବେଶ୍ ମୋଟା ଅଙ୍କର ପାରିଶ୍ରମିକ ନେଇଛନ୍ତି। ଏଥିରେ ଭଗବାନ ରାମଙ୍କ ଭୂମିକାରେ ଅଭିନୟ କରୁଥିବା ଅଭିନେତା ରଣବୀର କପୁର ପାରିଶ୍ରମିକ ବାବଦରେ ଦୁଇଟି ପାର୍ଟରୁ ୭୫- ୭୫ କୋଟି ଲେଖାଏଁ ସମୁଦାୟ ୧୫୦ କୋଟି ନେବେ। ସେହିଭଳି ସୀତା ଭୂମିକାରେ ଅଭିନୟ କରୁଥିବା ସାଇପଲ୍ଲବୀ ଦୁଇଟି ପାର୍ଟ ପାଇଁ ୧୨ କୋଟି ନେବେ। ଯଦିଓ ରାବଣ ଭୂମିକା ପାଇଁ ୟଶ୍ କେତେ ନେବେ ତାହା ସ୍ପଷ୍ଟ ହୋଇ ନାହିଁ କିନ୍ତୁ ସେ ପାରିଶ୍ରମିକ ବାବଦରେ ୨୦୦ କୋଟିରୁ ଅଧିକ ଟଙ୍କା ଦାବି କରିପାରନ୍ତି ବୋଲି କୁହାଯାଉଛି। ତେବେ ରାମାୟଣର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ।


# ୮୧ ବର୍ଷ ପରେ ଫେରିଲା ବହି




ଅଧିକାଂଶ ଲୋକ ପାଠାଗାରରୁ ବହି ଆଣି ପଢ଼ିବାକୁ ଭଲପାଆନ୍ତି। ଅବଶ୍ୟ ଏଠାରୁ ଅଣାଯାଉଥିବା ପୁସ୍ତକଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଫେରସ୍ତ କରିବାର ନିୟମ ଥାଏ। ଏହି କ୍ରମରେ ଜଣେ ବ୍ୟକ୍ତି ଲାଇବ୍ରେରୀରୁ ନେଇଥିବା ପୁସ୍ତକକୁ ଦୀର୍ଘ ୮୧ ବର୍ଷ ପରେ ଫେରାଇବାରୁ ୱାଶିଂଟନ ଲାଇବ୍ରେରୀର କର୍ମଚାରୀ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ଏନେଇ ଟିମ୍ବରଲ୍ୟାଣ୍ଡ ରିଜନାଲ ଲାଇବ୍ରେରୀ ପକ୍ଷରୁ କୁହାଯାଇଛି, ଏବରଡିନ୍ ଟିମ୍ବରଲ୍ୟାଣ୍ଡ ଲାଇବ୍ରେରିର ଲାଇବ୍ରେରିୟାନଙ୍କ ପାଖକୁ ଚାଲର୍ସ ନଡହଫ୍ ଏବଂ ଜେମସ୍ ନର୍ମନଙ୍କ 'ଦ ବାଓଁଟି ଟ୍ରିଲଜି' ପୁସ୍ତକ ଫେରି ଆସିଛି। ଏହି ବହି ଭିତରେ ଏକ କାର୍ଡ ଥିଲା। କାର୍ଡରୁ ବହିଟି ମାର୍ଚ୍ଚ ୩୦, ୧୯୪୨ରେ ଇସ୍ୟୁ କରାଯାଇଥିବା ଜଣାପଡ଼ିଛି। ଏହା ଘରର ଏକ ଷ୍ଟୋରେଜ୍ ୟୁନିଟ୍‌ରୁ ମିଳିଥିବା ବହି ଫେରାଇଥିବା ବ୍ୟକ୍ତି ଜଣକ କହିଛନ୍ତି। ବହି ନେଇଥିବା ବ୍ୟକ୍ତି ଜଣକ ସମୀକ୍ଷା କରି ଏହାର ପ୍ରଚ୍ଛଦପୃଷ୍ଠାରେ ମଧ୍ୟ ଲେଖିଥିଲେ। ଯାହାକୁ ଲାଇବ୍ରେରିୟାନ୍ ଜଣକ ପଢ଼ି ଆଶ୍ଚର୍ଯ୍ୟ ହୋଇଛନ୍ତି। ମୋତେ ଟଙ୍କା ମିଳିଲେ ବି ଏହି ବହିକୁ ପଢ଼ି ନ ଥାନ୍ତେ ବୋଲି ଏଥିରେ ଲେଖା ଥିଲା। ଏନେଇ ଲାଇବ୍ରେରୀର ଜଣେ ଅଧିକାରୀ କହିଛନ୍ତି, ଯଦି ଫାଇନ୍ କଥା ଉଠିବ, ୧୯୪୨ ମସିହା ଅନୁସାରେ, ଏବେ ୪୦ ହଜାର ଟଙ୍କା ହେଉଛି। ହେଲେ ପାଠାଗାର କୋଭିଡ୍ ୧୯ ମହାମାରୀଠାରୁ ଲେଟ୍ ଫି'କୁ ବନ୍ଦ କରି ଦେଇଛି। ଅନ୍ୟପଟେ ପାଠାଗାର ଏକ ଫେସ୍‌ବୁକ୍ ପୋଷ୍ଟରେ ଏହି କାହାଣୀରୁ କି ଶିକ୍ଷା ମିଳିଲା ସେ ସମ୍ପର୍କରେ ଦର୍ଶାଇଛି। ପାଠାଗାର ପକ୍ଷରୁ କୁହାଯାଇଛି ଯେ, 'ଯଦି ବହି ଉପରେ ଧୂଳିମଳି ଜମି ରହିଛି, ତାହାକୁ ପାଠାଗାରକୁ ଫେରାଇବା ଉଚିତ ହେବ। ଆମେ ଏହାକୁ ନେଇଯିବୁ। ପୁରସ୍କାର ବାବଦକୁ ଉକ୍ତ ବ୍ୟକ୍ତିଙ୍କଠାରୁ କୌଣସି ଫାଇନ୍ ଆଦାୟ କରାଯିବ ନାହିଁ।'

## ଆଜି ଆସିଥିଲେ

# ବାଣୀକଣ୍ଠ ନିମାଇଁ ହରିଚନ୍ଦନ



ନିମାଇଁ ହରିଚନ୍ଦନ ଏକାଧାରରେ ଥିଲେ ଜଣେ ଭକ୍ତ, କବି ଓ ଗାୟକ। ବିଭୁ ସଙ୍ଗୀତ ଗାନ କରି ସେ ଅଗଣିତ ଜନମାନସକୁ ଭକ୍ତିରସରେ ରସାଣିତ କରି ଦେଉଥିଲେ। ନିଜର ସଙ୍ଗୀତ ସାଧନା ପାଇଁ ସେ ଅଜସ୍ର ଖ୍ୟାତି ଅର୍ଜନ କରିଥିଲେ। ଯେ କେହିବି ତାଙ୍କ ସଙ୍ଗୀତ ଶୁଣିଛନ୍ତି ସେ ଜଗନ୍ନାଥମନସ୍କ ହୋଇପଡ଼ିଛନ୍ତି ନିଶ୍ଚୟ। ଏହି ପ୍ରଥିତଯଶା ସାରସ୍ୱତ ସାଧକଙ୍କ ଜନ୍ମ କେନ୍ଦ୍ରାପଡ଼ାରେ ୧୯୦୧ ମସିହା ଆଜିର ଦିନରେ ହୋଇଥିଲା। ତାଙ୍କ ପିତା ବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ଓ ମାତା ଇନ୍ଦ୍ରମଣି ଦେବୀ। ପିଲାଦିନୁ ସଙ୍ଗୀତ ପ୍ରତି ତାଙ୍କର ଅନୁରାଗ ଥିଲା। ନିମାଇଁଙ୍କ କକା ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ ତାଙ୍କୁ ସଙ୍ଗୀତ ଜଗତରେ ପ୍ରବେଶ କରାଇଥିଲେ। ରାସଲୀଳାର ଅନ୍ୟତମ ପ୍ରବର୍ତ୍ତକ ନୟାଗଡ଼ ରାଜବଂଶୀୟ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ରାସ ଦଳରେ ୧୬ବର୍ଷ ବୟସରେ ସେ ଯୋଗ ଦେଇଥିଲେ। ହିନ୍ଦୁସ୍ତାନୀ ସଙ୍ଗୀତର ଓସ୍ତାଦ୍ ମାଧୋରାଓଙ୍କଠାରୁ ଏହାପରେ ସଙ୍ଗୀତ ଶିକ୍ଷାଲାଭ କଲେ। ସେ ଆଦ୍ୟ ଯୌବନରୁ ସଙ୍ଗୀତ ପ୍ରତି ଆକୃଷ୍ଟହୋଇ ସଙ୍ଗୀତ ସାଧନାରେ ମଗ୍ନ ରହିଥିଲେ। ଓଡିଶୀ ସଙ୍ଗୀତର ବିଭିନ୍ନ ବିଭାଗ ଯେମିତିକି ଓଡ଼ିଶୀ ବା ଚୌପଦୀ, ଛାନ୍ଦ, ଚମ୍ପୂ, ଚଉତିଶା, ଭଜନ, ଜଣାଣ, ପାରମ୍ପରିକ ସଂଗୀତ, ପଲ୍ଲୀଗୀତ ଗାୟନରେ ସେ ବେଶ୍ ପ୍ରବୀଣ ଥିଲେ। ଏମିତିକି ବିଭିନ୍ନ ନୀତିଶିକ୍ଷା ଓ ସରକାରୀ ଉଦ୍ଦେଶ୍ୟରେ ଜନ ସଚେତନତା ଧର୍ମୀ ଗୀତ ମଧ୍ୟ ଗାଇଛନ୍ତି। ନିମାଇଁ ହରିଚନ୍ଦନ ଗାଇଥିବା ଭଜନଗୁଡ଼ିକ ମୁଖ୍ୟତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ହିଁ ଆଧାରିତ। ୧୯୩୩ ମସିହାରେ ତାଙ୍କ ସମଧୁର ସଙ୍ଗୀତଗୁଡ଼ିକ ଏଚ୍‌ଏମ୍‌ଭି କମ୍ପାନି ରେକର୍ଡିଂ କରି ଓଡ଼ିଶାର ପୁରପଲ୍ଲୀରେ ପହଞ୍ଚାଇ ଦେଲା ଓ ସେ ହୋଇଗଲେ ବାଣୀକଣ୍ଠ ନିମାଇଁ ହରିଚନ୍ଦନ। ବିଶେଷକରି ତାଙ୍କର ଅନନ୍ୟ କଣ୍ଠସ୍ୱର ଓ ଗାୟନ ଶୈଳୀ ତାଙ୍କୁ ଖୁବ୍ ଲୋକପ୍ରିୟତା ଆଣି ଦେଇଥିଲା। ଏହି ବିପୁଳଯଶା କଣ୍ଠଶିଳ୍ପୀଙ୍କ କଣ୍ଠରୁ ନିସୃତ 'ଥକାମନ ଚାଲଯିବା', 'ଚକାଡୋଳା କିମ୍ପା ଡକା କିମ୍ପା ଡକା ନ ଶୁଣ', 'ନୀଳସିନ୍ଧୁ ତୀରେ', 'କହଇ ମନ ଆରେ ମୋ ବୋଲ କର' ଆଦି ସଙ୍ଗୀତଗୁଡ଼ିକ ବେଶ୍ ଶ୍ରୁତିମଧୁର ଓ ମର୍ମସ୍ପର୍ଶୀ। ୧୯୩୪ରେ ନିମାଇଁ କଲିକତା ରେଡିଓ ଷ୍ଟେସନର ଆଗଧାଡ଼ିର କଳାକାର ହୋଇଗଲେ। ୧୯୩୮ ରେ ଶ୍ରେଷ୍ଠ ଓଡ଼ିଶୀ ସଙ୍ଗୀତ ଗାନ ପାଇଁ ତାଙ୍କୁ ମିଳିଥିଲା ଉତ୍କଳ ସଙ୍ଗୀତ ସମାଜ ସ୍ୱର୍ଣ୍ଣ ପଦକ ଓ ଆଠଗଡ଼ ରାଜଦରବାର ସ୍ୱର୍ଣ୍ଣପଦକ। ୧୯୪୭ ଡିସେମ୍ବର ୨୮ ତାରିଖରେ ପ୍ରଥମ ଥର ପାଇଁ ଆକାଶବାଣୀ କଟକ କେନ୍ଦ୍ରରୁ ତାଙ୍କ ସଙ୍ଗୀତର ମୂର୍ଚ୍ଛନା ଶୁଣିବାକୁ ମିଳିଲା। ୧୯୫୪ରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ସଙ୍ଗୀତ ନାଟକ ଏକାଡେମୀ ନିମନ୍ତ୍ରଣ କ୍ରମେ ସେ ସଙ୍ଗୀତ ଗାନ କରି ସମଗ୍ର ଦେଶରେ ଓଡ଼ିଶୀ ସଙ୍ଗୀତ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲେ। ୧୯୭୬ ମସିହାରେ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିସହ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୧୯୭୮ ମସିହାରେ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ। ପୁରୀର ଗଜପତି ମହାରାଜା, ନିମାଇଁ ହରିଚନ୍ଦନଙ୍କୁ ଶ୍ରୀମନ୍ଦିରରେ ଚାମର ସେବା ପ୍ରଦାନ କରିଥିଲେ। ୧୯୭୦ ମସିହାଠାରୁ, ସେ ପୁରୀରେ ରହି ମନ୍ଦିରରେ ଚାମର ସେବା କରୁଥିଲେ ଓ ଜଣାଣ ଗାଉଥିଲେ। ୧୯୮୩ ଜୁଲାଇ ୨୦ ତାରିଖ, ବାହୁଡ଼ାଯାତ୍ରା ଦିନ ଶ୍ରୀକ୍ଷେତ୍ରରେ ତାଙ୍କର ଦେହାନ୍ତ ହୋଇଥିଲା।

# ସମ୍ଭାବନା




## ଶୁଣିବା ଏକ କଳା

କୌଣସି କଥାକୁ ମନ ଧ୍ୟାନରେ ଶୁଣିବା ମଧ୍ୟ ଏକ କଳା। ଯେଉଁମାନେ ମନ ଧ୍ୟାନ ଦେଇ କୌଣସି କଥା ଶୁଣନ୍ତି, ସେମାନେ କଥାକୁ ଭଲଭାବେ ବୁଝିଥାନ୍ତି। ତା'ସହ ସେମାନଙ୍କୁ ପ୍ରଶ୍ନର ଉତ୍ତର ଦେବାରେ ସମସ୍ୟା ହୋଇ ନ ଥାଏ। ସେହିପରି ଧ୍ୟାନରେ କଥା ଶୁଣିବା ଦ୍ୱାରା ସମ୍ପର୍କ ମଜଭୁତ ହୁଏ। ଏହି ଅଭ୍ୟାସ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ସାହାଯ୍ୟ କରେ। କାହା ସହିତ କଥା ହେବା ସମୟରେ ସାମ୍ନାବାଲାଙ୍କୁ କଥା ମଝିରେ ରୋକିବାକୁ ଚେଷ୍ଟା କରନ୍ତୁ ନାହିଁ। ଆଖିରେ ଆଖି ମିଶାଇ କଥା ହୁଅନ୍ତୁ। ଏହା ଦ୍ୱାରା ବିଶ୍ୱାସ ସୃଷ୍ଟି ହୁଏ। ଲୋକଙ୍କ ଉପରେ ଭରସା ଆସେ। କଥାବାର୍ତ୍ତା ସମୟରେ ଫୋନ୍ ଆଦି ଦେଖନ୍ତୁ ନାହିଁ। ଏହା ଦ୍ୱାରା ଶୁଣୁଥିବା ଲୋକ ଅସହଜ ମନେ କରନ୍ତି। ଯାହାଙ୍କ ସହିତ କଥା ହେଉଛନ୍ତି, କଥା ଶେଷ ହେବା ପରେ ହିଁ ପ୍ରଶ୍ନ କରନ୍ତୁ। ଏହା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ।



## ଅନଲାଇନ୍ ପଢ଼ାର ଲାଭ

**କରୋନା ଆସିବାରୁ ଅନଲାଇନ୍ ପାଠପଢ଼ାର ଗୁରୁତ୍ୱ ବଢ଼ିଲା। ଏବେ ପ୍ରାୟ ସମସ୍ତେ ପାଠପଢ଼ାର ଏହି ନୂଆ ଶୈଳୀକୁ ପସନ୍ଦ କରୁଛନ୍ତି। ଅବଶ୍ୟ ଏହି ପଢ଼ାର ଅନେକ ଭଲ ଦିଗ ବି ଅଛି।**



- ଅନଲାଇନ୍ ପଢ଼ାରେ ପିଲା କେଉଁଠୁ ବି ବସି ପାଠ ପଢ଼ିପାରିବେ। ଏହା ଦ୍ୱାରା ସମୟ ଓ ଖର୍ଚ୍ଚ ସଞ୍ଚୟ ହୁଏ।
- ସେହିପରି ଅନଲାଇନ୍ କ୍ଲାସ୍ ରେକର୍ଡେଡ୍ ହୋଇଥାଏ। ପିଲା ଅଡିଓ ଭିଜୁଆଲ ମାଧ୍ୟମରେ କଠିନ ବିଷୟକୁ ମଧ୍ୟ ସହଜରେ ବୁଝିଥାନ୍ତି।
- ଅନଲାଇନ୍‌ରେ ଅନେକ ଫ୍ରି କୋର୍ସ ଏବଂ ଷ୍ଟଡି ମ୍ୟାଟେରିଆଲ ଉପଲବ୍ଧ ଥାଏ।
- ଏଥିରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଦାୟିତ୍ୱବୋଧ ଆସେ।
- ଭିଡିଓ କନଫରେନ୍ସ ମାଧ୍ୟମରେ ପାଠ ପଢ଼ିବା ଦ୍ୱାରା ପିଲାଙ୍କଠାରେ ଆତ୍ମବିଶ୍ୱାସ ବୃଦ୍ଧିପାଏ।
- ଅନ୍‌ଲାଇନ୍ ପଢ଼ାରେ ପିଲା ଟେକ୍ନୋଲୋଜିର ଉପଯୋଗ ଭଲ ଭାବେ ଶିଖନ୍ତି। ଆପ୍, ସର୍ଚ୍ଚ ଟୁଲ ଏବଂ ଡିଜିଟାଲ ପ୍ଲାଟଫର୍ମ ବିଷୟରେ ଜାଣନ୍ତି।
- ଅନଲାଇନ୍ ପଢ଼ାରେ କେବଳ ଇଣ୍ଟରନେଟ୍ ଏବଂ ଡିଭାଇସ୍ ଦରକାର ହୁଏ। ତେଣୁ କମ୍ ସଂସାଧନରେ ପାଠପଢ଼ା ସମ୍ଭବପର।

## ଡିଜିଟାଲ ଅଭ୍ୟାସ



**ଏବର ଯୁଗ ଡିଜିଟାଲ ଯୁଗ। ପଢ଼ାଠୁ ଆରମ୍ଭ କରି ସପିଂ ପର୍ଯ୍ୟନ୍ତ ସବୁ କାମ ଡିଜିଟାଲ ମାଧ୍ୟମରେ ହୋଇପାରୁଛି। ତେବେ କିଛି ଡିଜିଟାଲ ଅଭ୍ୟାସ ଏଭଳି ଅଛି, ଯାହାକୁ ଆପଣାଇବା ଦ୍ୱାରା ଜୀବନ ଆହୁରି ସହଜ ହୋଇପାରିବ।**

**ଡିଜିଟାଲ କ୍ୟାଲେଣ୍ଡର:** ଗୁଗଲ କ୍ୟାଲେଣ୍ଡର ଭଳି ଆପ୍‌ରେ କାମ ଓ ମିଟିଂ ସହ ଜଡ଼ିତ ରିମାଇଣ୍ଡର ସେଟ୍ କରିବା ଦ୍ୱାରା କୌଣସି କାମକୁ ଭୁଲି ହୁଏ ନାହିଁ। ଏହା ଦ୍ୱାରା ଟାଇମ୍ ମ୍ୟାନେଜମେଣ୍ଟ ଏବଂ ପ୍ରଡକ୍ଟିଭିଟି ବୃଦ୍ଧି ପାଏ।

**ଅନଲାଇନ୍ ପେମେଣ୍ଟ:** ୟୁପିଆଇ ମାଧ୍ୟମରେ ପାଣି ଓ ମୋବାଇଲ ଭଳି ଅନ୍ୟାନ୍ୟ ବିଲ୍ ସମୟରେ ପେମେଣ୍ଟ କରିବା ସହଜ। ଅଟୋ-ପେ ସେଟ୍ କରିବା ଦ୍ୱାରା ପେମେଣ୍ଟ କରିବା ମନେ ରହେ।

**ଅନଲାଇନ ବ୍ୟାଙ୍କିଂ:** ୟୁପିଆଇ, ମୋବାଇଲ, ନେଟ୍ ବ୍ୟାଙ୍କିଂ ସୁବିଧା ଯୋଗୁଁ ବ୍ୟାଙ୍କରେ ଲୋକଙ୍କୁ ଆଉ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡୁ ନାହିଁ। ଏହାର ଉପଯୋଗ ଦ୍ୱାରା ସମୟ ସଞ୍ଚୟ ହୁଏ।

**କ୍ଲାଉଡ୍ ଷ୍ଟୋରେଜ୍:** ଜରୁରି ଡକ୍ୟୁମେଣ୍ଟକୁ ଗୁଗଲ ଡ୍ରାଇଭ କିମ୍ବା ଡ୍ରପ୍ ବକ୍ସରେ ଅପଲୋଡ୍ କରିପାରିବେ। ଏହା ଦ୍ୱାରା ଫାଇଲ ସବୁବେଳେ ପାଖରେ ରହିବ।

**ହେଲଥ୍ ଆପ୍:** ଗୁଗଲ ଫିଟ୍ ବା ଆପଲ ହେଲଥ୍ ଭଳି ଆପ୍ ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧିତ ତଥ୍ୟକୁ ମନିଟର କରିପାରିବେ। ଏହା ଦ୍ୱାରା ଜଣେ କେତେ ବାଟ ଚାଲୁଛନ୍ତି, ନିଦ, ହାର୍ଟ ରେଟ୍ ଆଦି ଉପରେ ନଜର ରଖିବା ସମ୍ଭବ।

**ଅନଲାଇନ୍ ଲର୍ଣ୍ଣିଂ:** ୟୁଟ୍ୟୁବ୍ ଭଳି ପ୍ଲାଟଫର୍ମ ଏବେ ଅନଲାଇନ ଲର୍ଣ୍ଣିଂକୁ ସହଜ କରୁଛି। ଏହି ଅଭ୍ୟାସ ଜ୍ଞାନ ଓ କୌଶଳକୁ ବୃଦ୍ଧି କରିବା ଦିଗରେ ସାହାଯ୍ୟ କରେ।

**ଡିଜିଟାଲ ଡିଟକ୍ସ:** ଶେଷରେ ପ୍ରତ୍ୟେକ ଦିନ କିଛି ଘଣ୍ଟା ବିନା ସ୍କ୍ରିନ୍‌ରେ ସମୟ ଅତିବାହିତ କରନ୍ତୁ। ଏହାଦ୍ୱାରା ମାନସିକ ଥକ୍କାପଣ ଦୂର ହୁଏ।

## ପଦୋନ୍ନତି ନ ମିଳିବାର କାରଣ

**ପ୍ରତ୍ୟେକ କର୍ମଚାରୀ ଅଫିସ୍‌ରେ ଶୀଘ୍ର ପଦୋନ୍ନତି ପାଇବା ଆଶା ରଖନ୍ତି। ସେଥିପାଇଁ ଅନେକ କର୍ମଚାରୀ ବହୁତ ପରିଶ୍ରମ କରିଥାନ୍ତି। ବେଳେବେଳେ କର୍ମଚାରୀଙ୍କ କିଛି ଆଚରଣ ସେମାନଙ୍କ ପଦୋନ୍ନତିରେ ବାଧକ ସାଜିଥାଏ।**

- ବିଳମ୍ବରେ ଅଫିସ୍ ଆସିବା ତଥା ନିର୍ଦ୍ଧାରିତ ସମୟରେ କାମ ପୂରା କରିପାରୁ ନ ଥିବା କର୍ମଚାରୀଙ୍କୁ ପଦୋନ୍ନତି ପାଇବାରେ ଅସୁବିଧା ହୁଏ।
- ଯେଉଁ କର୍ମଚାରୀ କୌଣସି ନୂତନ ପରିକଳ୍ପନା କରନ୍ତି ନାହିଁ, ସେମାନଙ୍କର ପଦୋନ୍ନତି ବାଧାପ୍ରାପ୍ତ ହୁଏ।
- ସମୟ ସହିତ ତାଳ ଦେଇ ଚାଲୁ ନ ଥିବା ଓ ନୂତନ ଆହ୍ୱାନକୁ ଗ୍ରହଣ କରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ପଦୋନ୍ନତି ମିଳି ନ ଥାଏ।
- ଅଫିସ୍‌ରେ ଟିମ୍ ସହିତ କାମ କରିବାରେ ପଛୁଆ ରହୁଥିବା କର୍ମଚାରୀଙ୍କୁ ପଦୋନ୍ନତି ମିଳିବା ସହଜ ହୋଇ ନ ଥାଏ।
- ଅଫିସ୍‌ରେ ପର ଚର୍ଚ୍ଚା ତଥା ଅନ୍ୟ ସହକର୍ମୀଙ୍କ ନିନ୍ଦା କରୁଥିବା କର୍ମଚାରୀଙ୍କର ପଦୋନ୍ନତି ଅଟକି ଥାଏ।
- ସହକର୍ମୀ, ଗ୍ରାହକ ତଥା ମାଲିକଙ୍କ ସହ ଭଲ କଥାବାର୍ତ୍ତା କରିପାରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ଶୀଘ୍ର ପଦୋନ୍ନତି ମିଳେ ନାହିଁ।



ସକାଳ
THE SAKALA
www.sakalaepaper.com

# ଲର୍ଡ୍ସ ଲଢ଼େଇ ଲାଗି ଭାରତ ପ୍ରସ୍ତୁତ

ଲର୍ଡ୍ସ, ୮।୭ (ଏଜେନ୍ସି)

ଏଜ୍‌ବାଷ୍ଟନରେ ରେକର୍ଡ ୩୩୬ ରନ୍ ବ୍ୟବଧାନରେ ଇଂଲଣ୍ଡକୁ ପରାସ୍ତ କରି ଭାରତ ଦୁଇ ଦେଶ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ ସମାନସ୍ତରରେ ରଖିଛି। ଏହି ସିରିଜ୍‌ରେ ଆଉ ୩ଟି ଟେଷ୍ଟ ଖେଳାଯିବାକୁ ବାକି ରହିଛି। କିନ୍ତୁ ୫୮ ବର୍ଷରେ ଭାରତ ଏଜ୍‌ବାଷ୍ଟନରେ ପ୍ରଥମ ଟେଷ୍ଟ ଜିତି ବେଶ ଆତ୍ମବିଶ୍ୱାସ ପାଇଛି। ଏହି ଆତ୍ମବିଶ୍ୱାସକୁ ନେଇ ଦଳ କ୍ରିକେଟର ସବୁଠାରୁ ପୁରୁଣା ଷ୍ଟାଡିୟମ୍ ବା ଅନ୍ୟ ଭାଷାରେ କହିବାକୁ ଗଲେ କ୍ରିକେଟର ମକ୍କା ଭାବେ ବିବେଚିତ ଲର୍ଡସରେ ସିରିଜ୍‌ର ତୃତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପ୍ରଥମ ଦୁଇଟି ଟେଷ୍ଟରେ ବୋଲରଙ୍କୁ ସୁହାଇଲା ଭଳି ପିଚ୍ ଦିଆଯାଇ ନ ଥିଲା। କିନ୍ତୁ ଲର୍ଡସ କିମ୍ବା ଅନ୍ୟ ଦୁଇଟି ଟେଷ୍ଟ ଖେଳାଯିବାକୁ ଥିବା ଓଲ୍ଡ ଟ୍ରାଫୋର୍ଡ କିମ୍ବା କେନିଙ୍ଗଟନ ଓଭାଲରେ ପିଚ୍ ଲର୍ଡସ ପରି ଫାଷ୍ଟ ବୋଲରଙ୍କୁ ସୁହାଇବ। ଏଭଳି ପିଚ୍‌ରେ ଖେଳିବା କେବଳ ଭାରତ ନୁହେଁ ଏସୀୟ ମହାଦେଶର ଫ୍ଲାଟ ପିଚ୍‌ରେ ଖେଳୁଥିବା ଦେଶଗୁଡିକ ଲାଗି ଆହ୍ୱାନ। କିନ୍ତୁ ଇଂଲଣ୍ଡର ଦକ୍ଷତା ଓ ଦୁର୍ବଳତାକୁ ଜାଣିବା ପରେ ଭାରତ ଲର୍ଡସ ଲଢ଼େଇ ଲାଗି ନିଜକୁ ପ୍ରସ୍ତୁତ କରିନେଇଛି।



■ ବୁମ୍‌ରା ଖେଳିବା ନେଇ ସମ୍ଭାବନା

ଏଜ୍‌ବାଷ୍ଟନ ଟେଷ୍ଟ ବିଜୟକୁ ୨ ଦିନ ପୁରିଗଲାଣି। ଭାରତୀୟ ମାନେ ଏହି ମୋହରୁ ମୁକ୍ତିପାଇ ଏବେ ଅଭ୍ୟାସକୁ ଫେରିଲେଣି। ଭାରତୀୟ ଦଳ ଦୃଢ଼ ନିଶ୍ଚିତ ଯେ, ଲର୍ଡସରେ ଜୁଲାଇ ୧୦ରୁ ୧୪ ଯାଏ ଖେଳାଯିବାକୁ ଥିବା ପିଚ୍ ସୁଇଂ ଓ ବାଉନ୍ସି ହେବ। ଏଣୁ ଏଭଳି ପିଚ୍‌ରେ ଖେଳିବାକୁ ଭାରତୀୟ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛି। ପ୍ରଥମ ଦୁଇଟି ଟେଷ୍ଟରେ ଭାରତୀୟ ଫାଷ୍ଟ ବୋଲର ଆଶାନୁରୂପ ସଫଳତା ପାଇଛନ୍ତି। ପ୍ରଥମ ଟେଷ୍ଟରେ ଯଶପ୍ରୀତ୍ ବୁମ୍‌ରା, ଦ୍ୱିତୀୟ ଟେଷ୍ଟରେ ମହମ୍ମଦ୍ ସିରାଜ ଓ ଆକାଶଦୀପ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏହି ୩ ଜଣ ଲର୍ଡସରେ ଭାରତୀୟ ବୋଲିଂର ମୁଖ୍ୟ କର୍ଣ୍ଣଧାର ସାଜିବେ। ୱାର୍କଲୋଡ ଲାଗି ବୁମ୍‌ରା ଦ୍ୱିତୀୟ ଟେଷ୍ଟ ଖେଳି ନ ଥିଲେ। ଏବେ ସେ ପୂରା ଫିଟ୍ ଅଛନ୍ତି ଓ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ପୂରା ପ୍ରସ୍ତୁତ। ଫ୍ଲାଟ ପିଚ୍‌ରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବୋଲିଂ ଉଚ୍ଚକୋଟୀର ହୋଇ ନ ଥିଲା। କିନ୍ତୁ ଲର୍ଡସରେ ତାଙ୍କ ବଲ କାମ ଦେଇପାରେ। ତାଙ୍କ ବିରୋଧରେ ଅନେକ କଥା ଯାଉଥିଲେ ମଧ୍ୟ ତୃତୀୟ ମ୍ୟାଚ୍‌ରେ ତାଙ୍କର ଖେଳିବା ସମ୍ଭାବନା ରହିଛି। ବିଶେଷ ପରୀକ୍ଷାନିରୀକ୍ଷା କରାଗଲେ କିମ୍ବା ଭାରିଏସନ ବା ବିଭିନ୍ନତା ଲାଗି ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ଡେବ୍ୟୁ କରାଇବା ବିକଳ୍ପ ରହିଛି। ବୋଲିଂ ଲାଗି ଭାରତ ବିଶେଷ ଚିନ୍ତିତ ନୁହେଁ। ଏବେ ସମସ୍ତ ବୋଲର ନିଜ ଲାଇନ୍ ଓ ଲେନ୍ଥ ଉପରେ ନିୟନ୍ତ୍ରଣ ହାସଲ କରିବା ପରେ ସୁଇଂ ଓ ବାଉନ୍ସି ପିଚ୍‌ରେ ତାହାକୁ କିପରି କାର୍ଯ୍ୟକାରୀ କରାଇବେ ସେହି ଯୋଜନାରେ ଟିମ୍ ମ୍ୟାନେଜମେଣ୍ଟ ରହିଛି।

■ ଘାତକ ହୋଇପାରନ୍ତି ଆର୍ଚର, ଆଟକିନସନ

ଇଂଲିଶ ଗଣମାଧ୍ୟମରେ ଇଂଲଣ୍ଡ ଦଳର ପରାଜୟକୁ ତୀବ୍ର ସମାଲୋଚନା କରାଯାଇଛି। ବିଶେଷ କରି ଫ୍ଲାଟ ପିଚ୍‌ରେ ଖେଳିଥିବା ଇଂଲଣ୍ଡ ଖେଳାଳିମାନେ ନିଜକୁ ଖାପ୍ ଖୁଆଇ ପାରିଲେ ନାହିଁ ବୋଲି ଦର୍ଶାଯାଇଛି। ପରୋକ୍ଷରେ ଏହା ହେଡ୍ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲମ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ରଣନୀତିକୁ ସମାଲୋଚନା କରାଯାଇଛି। ଏଥିରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ ଲର୍ଡସରେ ସୁଇଂ ଓ ବାଉନ୍ସି ପିଚ୍ ପ୍ରସ୍ତୁତି କରିବାକୁ ଇଂଲଣ୍ଡ ଟିମ୍ ମ୍ୟାନେଜମେଣ୍ଟ ଗ୍ରାଉଣ୍ଡସମ୍ୟାନ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ମଧ୍ୟ ଏହା ସ୍ୱୀକାର କରିଛନ୍ତି। ଏହି ଯୋଜନା ଅନୁଯାୟୀ ଦେଶରେ ଉପଲବ୍ଧ ଦୁଇ ଶ୍ରେଷ୍ଠ ଫାଷ୍ଟ ବୋଲର ଜୋଫ୍ରା ଆର୍ଚର ଓ ଗସ୍ ଆଟକିନସନଙ୍କୁ ଦଳରେ ନିଆଯାଇଛି। କ୍ରିସ୍ ଓକ୍ସ ଓ ଜୋଶ ଟଙ୍ଗଙ୍କ ସହ ଏମାନେ ଭାରତୀୟ ବ୍ୟାଟିଂ ଲାଗି ଘାତକ ସାବ୍ୟସ୍ତ ହୋଇପାରନ୍ତି।

■ ୧୯ଟି ଟେଷ୍ଟରୁ ଜିତିଛି ମାତ୍ର ୩

ଇଂଲଣ୍ଡ ସହ ୧୯୩୨ରେ ଟେଷ୍ଟ ମ୍ୟାଚ୍ ଖେଳି ଏଠାରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ ପଦାର୍ପଣ କରିଥିଲା। ଏହି ୯୭ ବର୍ଷ ମଧ୍ୟରେ ଦୁଇ ଦଳ ଏଠାରେ ପରସ୍ପର ସହ ୧୯ଥର ମୁହାଁମୁହିଁ ହୋଇଛନ୍ତି। ଏହା ମଧ୍ୟରୁ ଭାରତ ଭାରତ ମାତ୍ର ୩ଟିରେ ଜିତିଥିଲାବେଳେ ୧୨ଟିରେ ପରାଜିତ ହୋଇଛି। ଏଠାରେ ପ୍ରଥମ ଟେଷ୍ଟ ଜିତିବାକୁ ଭାରତକୁ ୫୪ ବର୍ଷ ଲାଗିଥିଲା। ୧୯୮୬ରେ ଦିଲୀପ ଭେଙ୍ଗସରକାରଙ୍କ ଶତକ ଓ ଚେତନ ଶର୍ମାଙ୍କ ଘାତକ ବୋଲିଂ ବଳରେ ଭାରତ ଏଠାରେ ପ୍ରଥମ ବିଜୟ ହାସଲ କରିଥିଲା। ୨୦୨୧ରେ ଲୋକେଶ ରାହୁଲଙ୍କ ଶତକ ବଳରେ ଭାରତ ଏଠାରେ ମଧ୍ୟ ଜିତିଥିଲା। ଏବେ ରାହୁଲ ଟିମ୍‌ରେ ଅଛନ୍ତି। ଏଣୁ ଚତୁର୍ଥ ବିଜୟ ଲାଗି ସେ ଭଲ ପ୍ରଦର୍ଶନ ଦେବେ ବୋଲି ଆଶା କରାଯାଉଛି। ଏଠାରେ ଭାରତର ସର୍ବନିମ୍ନ ସ୍କୋର ୪୨ ରହିଛି।

## ସେମିରେ ସାବାଲେଙ୍କା



ୱିମ୍ବଲଡନ

ଲଣ୍ଡନ, ୮।୭ (ଏଜେନ୍ସି): ଟପ୍ ସିଡ୍ ବେଲାରୁଷର ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଅନୁଷ୍ଠିତ ମହିଳା ବିଭାଗ କ୍ୱାର୍ଟର ଫାଇନାଲର ଏକ ମ୍ୟାଚରେ ସାବାଲେଙ୍କା ୪-୬, ୬-୨, ୬-୪ ସେଟ୍‌ରେ ବିଶ୍ୱ ମାନ୍ୟତାର ୧୦୪ତମ ସ୍ଥାନରେ ରହିଥିବା ଜର୍ମାନୀର ଲୌରା ସିଗ୍‌ମଣ୍ଡଙ୍କୁ ସହଜରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଗତ ରାତିରେ ୮ମ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ୬-୪, ୬-୧ ସିଧାସଳଖ ସେଟ୍‌ରେ ଡେନମାର୍କର କ୍ଲାରା ତୌସନଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ ପଞ୍ଚମ ସିଡ୍ ଆମେରିକାର ଟେଲର୍ ଫ୍ରିଜ ମଧ୍ୟ ସେମିଫାଇନାଲରେ ପହଞ୍ଚିଛନ୍ତି। କ୍ୱାର୍ଟର ଫାଇନାଲର ଏକ ମ୍ୟାଚରେ ଫ୍ରିଜ୍ ୬-୩, ୬-୪, ୧-୬, ୭-୬ (୭/୪) ସେଟ୍‌ରେ ୧୭ତମ ସିଡ୍ ରୁଷିଆର କରନ ଖାଚାନୋଭଙ୍କୁ ହରାଇଛନ୍ତି। ଅପରପକ୍ଷରେ ଟପ୍ ସିଡ୍ ଜାନ୍ନିକ ସିନ୍ନର ରାଉଣ୍ଡ-୧୬ର ଏକ ମ୍ୟାଚରେ ୦-୨ ସେଟ୍‌ରେ ପଛୁଆ ରହିଥିଲେ ମଧ୍ୟ ପ୍ରତିପକ୍ଷ ବୁଲ୍‌ଗେରିଆର ଜର୍ଜିଆ ଦିମିତ୍ରୋଭ ଆହତ ହୋଇ ଓହରିଯିବାରୁ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଥିଲେ।



ୱିମ୍ବଲଡନର ଏକ ମ୍ୟାଚ୍ ଦେଖିବା ଅବସରରେ ପତ୍ନୀ ଅନୁଷ୍କାଙ୍କ ସହ କୋହଲି

## ଇନିଂସ ବିଜୟ ସହ ଦକ୍ଷିଣ ଆଫ୍ରିକାର କ୍ଲିନ୍ ସୁଇପ୍

ବୁଲାୱାୟୋ, ୮।୭ (ଏଜେନ୍ସି): ଏଠାରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଜିମ୍ବାୱେ ଶୋଚନୀୟ ଭାବେ ଏକ ଇନିଂସ ଓ ୨୩୬ ରନରେ ପରାଜୟବରଣ କରିଛି। ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ସ୍କୋର ୬୨୬/୫ ରନ ଜବାବରେ ଜିମ୍ବାୱେ ଉଭୟ ପାଳିରେ ଯଥାକ୍ରମେ ୧୭୦ ଓ ୨୨୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ପୂର୍ବରୁ ପ୍ରଥମ ଟେଷ୍ଟକୁ ୩୨୮ ରନରେ ଜିତିଥିବା ଦକ୍ଷିଣ ଆଫ୍ରିକା ଏଥିସହ ସିରିଜକୁ ୨-୦ରେ କ୍ଲିନ ସୁଇପ୍ କରିନେଇଛି।

● ଜାତୀୟ ଜୁନିଅର ମହିଳା ରଗ୍‌ବୀ ସେଭେନ

## କ୍ୱାର୍ଟର ଫାଇନାଲରେ ଓଡ଼ିଶା



ଭୁବନେଶ୍ୱର,୮।୭ (ସମିସ): ଗତଥରର ରନର୍ସଅପ୍ ଓଡ଼ିଶା ଏଥର ଉତ୍ତରାଖଣ୍ଡରେ ଆଜିଠାରୁ ଆରମ୍ଭ ହୋଇଥିବା ଜାତୀୟ ଜୁନିୟର ମହିଳା ରଗ୍‌ବୀ ସେଭେନ୍ସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ଦଳ ଗ୍ରୁପ୍-ବି ଟପ୍ପର ହେବା ପରେ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଅପରାହ୍ଣରେ ଖେଳାଯାଇଥିବା ଏହି ମୁକାବିଲାରେ ଓଡ଼ିଶା ୪୫-୦ରେ ଆୟୋଜକ ଉତ୍ତରାଖଣ୍ଡକୁ ପରାସ୍ତ କରି କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ଦୁଇ ଶକ୍ତିଶାଳୀ ଦଳ ମଣିପୁର ଓ ଉତ୍ତରପ୍ରଦେଶକୁ ହରାଇ ଓଡ଼ିଶା ଗ୍ରୁପ୍-ବି' ଟପ୍ପର ହୋଇଥିଲା। ଆଜି ସକାଳେ ଅନୁଷ୍ଠିତ ଗ୍ରୁପ୍-ବି'ର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୫୩-୦ରେ ମଣିପୁର ଓ ଅପରାହ୍ଣରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ୩୮-୫ ପଏଣ୍ଟରେ ପରାସ୍ତ କରିଛି। ଗ୍ରୁପ ଟପ୍ପର ହେବା ସହ ଓଡ଼ିଶା ନକ୍‌ଆଉଟକୁ ଉନ୍ନୀତ ହୋଇଥିଲା। ଗତବର୍ଷ ଓଡ଼ିଶା ବାଳିକା ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ଏଥର ବାଳକ ଦଳ ସହ ସ୍ୱର୍ଣ୍ଣ ପଦକ ବିଜୟୀ ହେବ ବୋଲି ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଆଶା ପ୍ରକାଶ କରିଛନ୍ତି। ଗତବର୍ଷ ବାଳକ ଦଳ ଚାମ୍ପିଅନ ହୋଇଥିଲା।

## ଆହତ ଯୋଗୁ ସ୍ୱର୍ଣ୍ଣ ହରାଇଲେ ଶୁଭ୍ରଜିତ୍

ଭୁବନେଶ୍ୱର,୮।୭ (ସମିସ): ଉଗାଣ୍ଡାର କାମ୍ପାଲାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଖେଳାଳିମାନେ ୪ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ରହିଛି ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ। ଓଡ଼ିଶାରୁ ୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲାବେଳେ ଆଘାତ ଜନିତ କାରଣରୁ ଶୁଭ୍ରଜିତ ମହାରଣା ଏସ୍‌ଏଲ-୪ ଫାଇନାଲ ମୁକାବିଲା କରି ପାରି ନ ଥିଲେ। ଫଳରେ ସେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ପୂଜ୍ୟମ ମିଶ୍ରଙ୍କ ସହ ମିଶି ଶୁଭ୍ରଜିତ ପୁରୁଷ ଯୁଗଳରେ ଆଉ ଏକ ପଦକ ଜିତିଥିଲେ। ଦଳ ଲାଗି ତୃତୀୟ ପଦକ ଜିତିଥିଲେ ବିଭାସିନ୍ଧୁ ବାରିକ। ଏସ୍‌ଏଲ୍‌୩-ଏସ୍‌ଏଲ୪ କାଟାଗୋରୀରେ ମଧ୍ୟପ୍ରଦେଶର ଚନ୍ଦ୍ରପ୍ରକାଶଙ୍କ ସହ ଯୋଡି ହୋଇ ସେମିଫାଇନାଲରେ ପ୍ରବେଶ କରି କାଂସ୍ୟ ପଦକ ଜିତିଥିଲେ। ପୁରୁଷ ଏକକ ଡବ୍ଲ୍ୟୁଏଚ୍-୨ରେ ନୁରୁଲ ହାସନ ସେମିଫାଇନାଲରେ ପ୍ରବେଶ କରିବା ସହ ଚତୁର୍ଥ କାଂସ୍ୟ ପଦକ ଜିତିଥିଲେ।

## ବ୍ରାଣ୍ଡ ମୂଲ୍ୟରେ ଚେନ୍ନାଇକୁ ଟପିଲା ବେଙ୍ଗାଲୁରୁ

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ୨୦୦୮ରେ ଆରମ୍ଭ ହୋଇଥିବା ଆଇପିଏଲ୍ ମାତ୍ର କିଛି ବର୍ଷ ମଧ୍ୟରେ ବିଶ୍ୱର ସବୁଠୁ ଧନୀ କ୍ରିକେଟ୍ ଲିଗ୍ ହୋଇଯାଇଥିଲା ଏବଂ ଏହାର ବ୍ରାଣ୍ଡ ଭାଲ୍ୟୁ ମଧ୍ୟ ବର୍ଷକୁ ବର୍ଷ ବୃଦ୍ଧି ପାଇଥିଲା। ଆମେରିକାସ୍ଥିତ ଗ୍ଲୋବାଲ ଇନଭେଷ୍ଟ ବ୍ୟାଙ୍କ୍ 'ହୋଲିଆନ୍ ଲୋକି'ର ସଦ୍ୟ ଏକ ରିପୋର୍ଟ ମୁତାବକ, ବର୍ତ୍ତମାନ ଆଇପିଏଲ୍‌ର ବ୍ରାଣ୍ଡ ଭାଲ୍ୟୁ ୧୨.୯ ପ୍ରତିଶତ ବୃଦ୍ଧି ପାଇ ୧୮.୫ ବିଲିୟର ଡଲାରରେ ପହଞ୍ଚିଛି। ଯାହା ଭାରତୀୟ ମୁଦ୍ରାରେ ୧.୫୮ ଲକ୍ଷ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଯଦି ଆଇପିଏଲ୍‌ର ସମସ୍ତ ୧୦ ଫ୍ରାଞ୍ଚାଇଜର ବ୍ରାଣ୍ଡ ଭାଲ୍ୟୁ ଉପରେ ନଜର ପକାଇବା ତେବେ ପ୍ରଥମଥର ଆଇପିଏଲ୍ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିବା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୬୯ ମିଲିୟନ ଡଲାର ସହ ଶୀର୍ଷକୁ ଉଠିଛି। ବେଙ୍ଗାଲୁରୁର ବର୍ତ୍ତମାନ ବ୍ରାଣ୍ଡ ମୂଲ୍ୟ ୨୩୦୮ କୋଟି ଟଙ୍କା ରହିଛି। ଯାହା ବର୍ଷକ ତଳେ ୧୯୪୭ କୋଟି ଟଙ୍କା ଥିଲା। ଏହିକ୍ରମରେ ମୁମ୍ବାଇ ୨୦୭୫ କୋଟି ସହ ଦ୍ୱିତୀୟ ସ୍ଥାନକୁ ଉଠିଥିବାବେଳେ ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ସୁପର୍ କିଙ୍ଗସ ପ୍ରଥମରୁ ୩ୟ ସ୍ଥାନକୁ ଖସିଯାଇଛି। ଗତ ବର୍ଷ ଚେନ୍ନାଇର ବ୍ରାଣ୍ଡ ଭାଲ୍ୟୁ ୧୯୮୧ କୋଟି ଟଙ୍କା ରହିଥିବାବେଳେ ଚଳିତ ବର୍ଷ ଏଥିରେ ମାତ୍ର ୪ ମିଲିୟନ ଡଲାର ବୃଦ୍ଧି ଘଟି ୨୦୧୫ କୋଟିରେ ପହଞ୍ଚିଛି।

## ସିନିଅର୍ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଆରମ୍ଭ



ଭୁବନେଶ୍ୱର,୮।୭ (ସମିସ): ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ପ୍ରଥମଥର ସିନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଆଜିଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥିଭାବେ ଯୋଗ ଦେଇ କଳିଙ୍ଗ ଷ୍ଟାଡିୟମ୍‌ର ବ୍ୟାଡମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟରରେ ଏହାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଆଜିଠାରୁ କ୍ୱାଲିଫାଇଂ ମୁକାବିଲା ଆରମ୍ଭ ହୋଇଥିଲାବେଳେ ଜୁଲାଇ ୧୫ ଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ୧୫୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗରେ ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଳିନ କୁମାର ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

ଓଡ଼ିଶା ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟିଟି

## ଶ୍ୱେତାପଦ୍ମା, ଶ୍ୱେତାଙ୍କୁ ଦ୍ୱିମୁକୁଟ




ଭୁବନେଶ୍ୱର,୮।୭ (ସମିସ): ଭୁବନେଶ୍ୱର ଟେବଲ ଟେନିସ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଓ ୧୯ ବର୍ଷରୁ କମ୍ ବାଳିକା ଏକକରେ ଶ୍ୱେତପଦ୍ମା ଦଳାଇ ଚାମ୍ପିଅନ ହୋଇଛନ୍ତି। ମହିଳାରେ ଏଜିର ନେହା କୁମାରୀ ଓ ବାଳିକାରେ କଟକର ସାକ୍ଷୀ ଭଗତ ରନର୍ସ ଅପ୍ ହୋଇଥିଲେ। ସେହିପରି ଶ୍ୱେତା ବର୍ମା ୧୩ ଓ ୧୫ ବର୍ଷରୁ କମ୍ ବାଳିକା ଏକକ, ଉର୍ଜା ବର୍ମା ୧୭ ବର୍ଷରୁ କମ୍ ଓ ପୁରୀର ଗାୟତ୍ରୀ ପଟ୍ଟନାୟକ ୧୧ ବର୍ଷରୁ କମ୍ ବାଳିକା ଏକକରେ ଟାଇଟଲ ବିଜୟୀ ହୋଇଛନ୍ତି। ପୁରୁଷ ଏକକରେ ଏଜିର ମୈନାକ ଦାସ ଚାମ୍ପିଅନ ହୋଇଛନ୍ତି। ୧୯ ଓ ୧୭ ବର୍ଷରୁ କମ୍ ବାଳକ ଏକକରେ କଟକର ଜିଜ୍ଞାସୁ ସାହୁ, ୧୫ ବର୍ଷରୁ କମ୍ ଏକକରେ ଜିଜ୍ଞାସୁ ସାଇକିରଣ, ୧୩ ବର୍ଷରୁ କମ୍‌ରେ ଅଭିଷେକ ଦାସ ଓ ୧୧ ବର୍ଷରୁ କମ୍ ବାଳକରେ ରୁଦ୍ରା ରଣବୀର ଚାମ୍ପିଅନ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା ଉଦ୍‌ଯାପିତ

## ଓଡ଼ିଶା ଜିତିଲା ୨୦ ପଦକ

ଭୁବନେଶ୍ୱର, ୮।୭ (ସମିସ): ଆମେରିକାରେ ଉଦ୍‌ଯାପିତ ହୋଇଯାଇଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଓଡ଼ିଶା ପୁଲିସ ସ୍ମରଣୀୟ ସଫଳତା ହାସଲ କରିଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ମାନେ ୨୦ ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ କାଂସ୍ୟ ପଦକ ରହିଛି। ଓଡ଼ିଶା ପୁଲିସରେ କାର୍ଯ୍ୟରତ ଥିବା ଅଶୋକ ଦଣ୍ଡସେନା ସବୁଠୁ ସଫଳ କ୍ରୀଡ଼ାବିତ୍ ରହିଛନ୍ତି। ସେ ଏକାକୀ ୪ଟି ସ୍ୱର୍ଣ୍ଣପଦକ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି। ସୁସ୍ମିତା ଟିଗା ଓ ସବିତା ଟପ୍ପୋ ମଧ୍ୟ ଏକାଧିକ ପଦକ ଜିତି ସଫଳ ସାବ୍ୟସ୍ତ ହୋଇଛନ୍ତି। ଏହି ୩ଜଣ କ୍ରୀଡ଼ାବିତ୍ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍ଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

## ନାଭାଲ ଟାଟା ଗ୍ରାସ୍‌ରୁଟ୍ ହକି ଲିଗ୍ ଆରମ୍ଭ

ଭୁବନେଶ୍ୱର, ୮।୭ (ସମିସ)

ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ପର୍ଯ୍ୟାୟ ମଙ୍ଗଳବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପୁରୁଷ ଓ ମହିଳା ବିଭାଗରେ ୮ଟି ମ୍ୟାଚ୍ ଖେଳାଯାଇଥିଲା। ପୁରୁଷ ବିଭାଗରେ ରାଜଗାଙ୍ଗପୁର ଏଚ୍‌ଟିସି ୨-୧ ଗୋଲରେ ସଉନାମୁର ଏଚ୍‌ଟିସିକୁ, କୁତ୍ରା ଏଚ୍‌ଟିସି ୧-୦ରେ ସବଡେଗା ଏଚ୍‌ଟିସିକୁ, କଉରମୁଣ୍ଡା ଏଚଟିସି ୩-୧ରେ ନୂଆଗାଁ ଏଚ୍‌ଟିସିକୁ ଓ କରଡ଼ାପାଲ ଏଚ୍‌ଟିସି ୪-୧ ଗୋଲରେ ଛତ୍ରପୁର ଏଚ୍‌ଟିସିକୁ ପରାସ୍ତ କରିଛି। ସେହିଭଳି ମହିଳା ବିଭାଗରେ ଲାଠିକଟା, ଗୁରୁଣ୍ଡିଆ, ବମ୍ରା ଓ ଯାଜପୁର ଏଚ୍‌ଟିସି ବିଜୟୀ ହୋଇଛନ୍ତି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନ୍ତର୍ଜାତୀୟ ହକି ଖେଳାଳି ଦିପସାନ ତିର୍କୀ, କ୍ରୀଡ଼ା ବିଭାଗର ଆଡିସନାଲ ସେକ୍ରେଟାରୀ ବିଜୟ ସ୍ୱାଇଁ, ନାଭାଲ ଟାଟା ହକି ଏଚ୍‌ପିସି ଓଡ଼ିଶାର ପ୍ରୋଜେକ୍ଟ ଡିରେକ୍ଟର ରାଜୀବ ସେଠ୍ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।



## କ୍ରମାଗତ ୨ୟ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୮।୭ (ସମିସ): ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକି ଚାମ୍ପିଅନସିପ୍‌ର ୧୫ତମ ସଂସ୍କରଣରେ ଓଡ଼ିଶା ଦଳ କ୍ରମାଗତ ୨ୟ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ବାଳିକା ଦଳ ୩-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ସଞ୍ଜନା କିରୋ, ସ୍ୱିଟି କୁଜୁର ଓ ପ୍ରିୟଙ୍କା ମିଞ୍ଜ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଗତକାଲି ପଞ୍ଜାବକୁ ୩-୧ ଗୋଲରେ ହରାଇଥିବା ଓଡ଼ିଶା ଏଥିସହ ଗ୍ରୁପ୍-ବି'ରେ ୬ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ଓଡ଼ିଶା ଜୁଲାଇ ୧୧ରେ ଖେଳାଯିବାକୁ ଥିବା କ୍ୱାର୍ଟରରେ ଦିଲ୍ଲୀ କିମ୍ବା ବିହାରକୁ ଭେଟିପାରେ।

ନନ୍ଦିଘୋଷ

CAREER
Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS